# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୧୩/୨୦୨୦ (୧୬ପୃଷ୍ଠା) | Dhenkanal, Friday, November 13/2020 | ★★★★★

୧୬ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଅଷ୍ଟ୍ରେଲିଆ ଦଳରେ ପୁକୋଭସ୍କି

ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ନବାଗତ ୨୨ ବର୍ଷୀୟ ୱିଲ୍ ପୁକୋଭସ୍କି ସ୍ଥାନ ପାଇଛନ୍ତି।

୧୬

୧୪

## ବୋହୂ ପାଇଁ ଏବେଠୁ ହୀରା ମୁଦି

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ତାଙ୍କ ବୋହୂକୁ ୨୦ କ୍ୟାରେଟ ହୀରା ମୁଦି ଦେବେ ବୋଲି ଏବେଠୁ ସର୍ତ୍ତ ରଖିଛନ୍ତି।





କୋଭିଡ୍ କଟକଣା ଭୁଲିଗଲେ: ଦୀପାବଳିର ଦିନକ ପୂର୍ବରୁ ଗୁରୁବାର ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିକ୍ରିରେ ଲୋକଙ୍କ ପ୍ରବଳ ଭିଡ଼।

# ଥାନାଧିକାରୀଙ୍କୁ ୫ ଲକ୍ଷ ଜରିମାନା

**ବରଗଡ଼ ଅଫିସ,୧୨।୧୧**

### ମହଙ୍ଗା ପଡ଼ିଲା ମିଛ ହତ୍ୟା ମାମଲା

- ନିଖୋଜଙ୍କୁ ମୃତ ଦର୍ଶାଇ ରୁଜୁ ହୋଇଥିଲା ମାମଲା
- ମାମଲାରେ ୨ଯୁବକଙ୍କୁ ଜେଲ ପଠାଇଥିଲା ପୋଲିସ
- ୧୯ମାସ ପରେ ଜୀବିତ ଫେରିଥିଲେ ନିଖୋଜ ନାବାଳକ
- ଓଏଚ୍ଆର୍‌ସିଙ୍କୁ ଫେରାଦ ହୋଇଥିଲେ ମାନବାଧିକାର କର୍ମୀ

ବରଗଡ଼ ଜିଲା ପାଇକମାଳ ଥାନା ପିପିଲିପାଲି ନିକଟ ମାଝିପାଲି ଗ୍ରାମର ନାବାଳକ କଲେଜ ଛାତ୍ର ଜିତୁ ତନସନା ନିଖୋଜ ହେବା ପରେ ତାଙ୍କୁ ହତ୍ୟା କରାଯାଇଥିବା ଦର୍ଶାଇ ପୋଲିସ ୨ଯୁବକଙ୍କୁ ଜେଲ୍ ପଠାଇବା ଏବଂ ନିଖୋଜର ୧୯ମାସ ପରେ ଜିତୁ ଘରକୁ ଫେରିବା ଘଟଣା ପୋଲିସକୁ ମହଙ୍ଗା ପଡ଼ିଛି। ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି) ଏହି ମାମଲାର ବିଚାର କରି ନିର୍ଦ୍ଦୋଷ ଯୁବକ ବରଗଡ଼ ସହରର ହାଡୁ ଗୁର୍ଲା ଓ ରାଘବ ନାଏକଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅର୍ଥାତ୍ ସମୁଦାୟ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ତତ୍କାଳୀନ ପାଇକମାଳ ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣଙ୍କ ଦରମା ରାଶିରୁ ଏହି କ୍ଷତିପୂରଣ ଦେବାକୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ ରହିଛି। ଘଟଣାଟି ଏବେ ଚର୍ଚ୍ଚାର ବିଷୟ ହୋଇଛି।

୨୦୧୬ ଡିସେମ୍ବର ୭ତାରିଖରୁ ମାଝିପାଲି ଗ୍ରାମର ମନୋରଞ୍ଜନ ତନସନାଙ୍କ ପୁଅ ଜିତୁ ନିଖୋଜ ହୋଇଥିଲେ। ଏ ନେଇ ମନୋରଞ୍ଜନ ସେହି ମାସ ୨୪ତାରିଖରେ ପାଇକମାଳ ଥାନାରେ ଏତଲା ଦେବା ପରେ ପୋଲିସ ଏକ ଅପହରଣ ଓ ହତ୍ୟା ମାମଲା (ନଂ.୧୮୭/୧୬) ରୁଜୁ କରିଥିଲା। ପୋଲିସ ଜିତୁଙ୍କ ମୋବାଇଲ ଫୋନ ଉଦ୍ଧାର କରିବା ସହିତ ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ଦର୍ଶାଇ ହାଡୁ ଓ ରାଘବଙ୍କୁ ଗିରଫ କରିଥିଲା। ଅନ୍ୟପଟେ ☞ପୃଷ୍ଠା-୪

# ଘରୋଇ କୃଷି ବଜାର ପାଇଁ ଆସିବ ଅଧ୍ୟାଦେଶ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

### ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି

- ଯେକୌଣସି ସ୍ଥାନରେ ଚାଷୀ ଶସ୍ୟ ବିକ୍ରି କରିପାରିବେ
- ଚଳିତ ବର୍ଷ ୭୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହେବ
- ଗ୍ରୀଡ୍‌କୋ ପାଇଁ ୨୬୦୦ କୋଟିର ଗ୍ୟାରେଣ୍ଟର ପଡ଼ିବେ ସରକାର
- ୪୬୧ କୋଟିର ଅବଢ଼ା ଯୋଜନା ଟେଣ୍ଡରକୁ ଅନୁମୋଦନ

କୃଷକଙ୍କୁ ଅଧିକ ଲାଭ ଦେବା ଆଳ ଦେଖାଇ କେନ୍ଦ୍ର ସରକାର ଦେଶର କୃଷି ବଜାରକୁ ଘରୋଇକରଣ ଆଡକୁ ନେଇ ଯାଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାର କୃଷି ଆଇନ-୨୦୨୦ ଆଣିଛନ୍ତି। ୨୦୨୦ ସେପ୍ଟେମ୍ବର ୨୭ରେ ୩ ବିବାଦୀୟ କୃଷି ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି। ତେବେ ଏହାକୁ ଦେଶବ୍ୟାପୀ କଡା ବିରୋଧ କରାଯାଉଛି। ଏପରିକି ବିଜେଡି ରାଜ୍ୟ ସଭାରେ ଏହି ବିଲ୍‌କୁ ବିରୋଧ କରିଥିଲା। ହେଲେ ଗୁରୁବାର ଘରୋଇ କୃଷି ବଜାର ପାଇଁ ଓଡ଼ିଶା ସେହିଭଳି ଅଧ୍ୟାଦେଶ ଆଣିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଚାଷୀମାନେ ନିଜର କୃଷିଜାତ ଦ୍ରବ୍ୟକୁ ଯେ କୌଣସି ସ୍ଥାନରେ ବିକ୍ରି କରିପାରିବେ। ସେଥିପାଇଁ ଏକ ଘରୋଇ ବଜାର ସୃଷ୍ଟି ହେବ। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରିବେ। ଘରୋଇ ସଂସ୍ଥାଗୁଡିକ ରାଜ୍ୟରେ ଗୋଦାମ ନିର୍ମାଣ, ପ୍ୟାକେଜିଂ, ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଏବଂ ୱେର ହାଉସ ସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ସମବାୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, ରାଜ୍ୟରେ ଚାଷୀମାନଙ୍କର ଉତ୍ପାଦକୁ ଏକ ପ୍ରତିଯୋଗିତାମୂଳକ ବଜାର ମିଳିପାରିବ। ଫଳରେ ଚାଷୀମାନେ ଉପକୃତ ହୋଇପାରିବେ। ରାଜ୍ୟରେ ୬୬ଟି ନିୟନ୍ତ୍ରକ ବଜାର କମିଟି(ଆର୍‌ଏମ୍‌ସି) ରହିଛି। ଏହାଛଡ଼ା ଘରୋଇ ବଜାର ସୃଷ୍ଟି ହେବ। ସମଗ୍ର ରାଜ୍ୟକୁ ଏକ ଏନଫୋର୍ସମେଣ୍ଟ ଏରିଆ ଭାବେ ଘୋଷଣା କରିବା ସହ ଏକକ ଲାଇସେନ୍ସ ବ୍ୟବସ୍ଥା, ଇ-ବାଣିଜ୍ୟ ପ୍ରଣୟନ ହେବ। ଛୋଟ ଛୋଟ ଆର୍‌ଏମ୍‌ସିଗୁଡ଼ିକ ରାଜ୍ୟ ଓ ଜାତୀୟ ବଜାରରେ ପରିଣତ ☞ପୃଷ୍ଠା-୪

## ୧୧,୨୭୦ କୋଟିର ଅତିରିକ୍ତ ବଜେଟ ଅନୁମୋଦିତ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

- ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ୨୦୨୦-୨୧ ପାଇଁ ଅତିରିକ୍ତ ବ୍ୟୟ ବରାଦ
- ସ୍ୱାସ୍ଥ୍ୟ, କୃଷି, ଶିକ୍ଷା,ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ

୨୦୨୦-୨୧ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ୧୧,୨୭୦ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏହି ବଜେଟରେ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ସାମାଜିକ କ୍ଷେତ୍ର, ଭିତ୍ତିଭୂମି, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସହାୟତା ଦେବା ପାଇଁ ବ୍ୟୟବରାଦ କରାଯାଇଛି। ଆସନ୍ତା ୨୦ ତାରିଖରେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**କ୍ଷଣସ୍ଥାୟୀ ଖୁସି**

### ଆଜିର ମନ୍ତବ୍ୟ

"ପୂର୍ବ ତୁଳନାରେ ମୋଦି ସରକାର ଅମଳରେ ସୀମାରେ ଶତ୍ରୁଙ୍କୁ ଅଧିକ ମୁହଁତୋଡ଼ ଜବାବ ଦିଆଯାଉଛି।"

– ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ବାପଝିଅଙ୍କ ଆତ୍ମାହୁତି ଉଦ୍ୟମ

**ଢେଙ୍କାନାଳ ଅଫିସ, ୧୨।୧୧**



ରବି ବେହେରା ଏବଂ ଝିଅ ସବିତା।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାପଝିଅ ଆତ୍ମାହୁତି ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ସରବେରେଣୀ ଗ୍ରାମର ରବି ବେହେରା ଏବଂ ଝିଅ ସବିତା। ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କ ଜମିକୁ ହଡ଼ପ କରିନେବାକୁ ଉଦ୍ୟମ କରୁଛନ୍ତି। ଅକଥନୀୟ ନିର୍ଯ୍ୟାତନା ଦେଉଛନ୍ତି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ନ୍ୟାୟ ନ ପାଇ ସେମାନେ ଆତ୍ମାହୁତି କରିବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି। ଅନ୍ୟପଟେ ପୋଲିସ ଏବଂ ଜିଲା କାର୍ଯ୍ୟାଳୟର କର୍ମଚାରୀଙ୍କ ହସ୍ତକ୍ଷେପ ପରେ ଏକ ନିଶ୍ଚିତ ଦୁର୍ଘଟଣା ଟଳିଯାଇଛି। ଘଟଣାସ୍ଥଳରୁ କିରୋସିନ ଏବଂ ଦିଆସିଲି ବକ୍ସ ଜବତ କରାଯାଇଛି। ଉପଜିଲାପାଳଙ୍କ ନିକଟରେ ହାଜର କରାଯିବା ☞ପୃଷ୍ଠା-୪

# ୫୧ ଲକ୍ଷର ବାଣ ଜବତ

**ଛତ୍ରପୁର/ଧରାକୋଟ,୧୨।୧୧(ଡି.ଏନ୍.ଏ.)**



ମୁଣ୍ଡମରାଇ ଗ୍ରାମ ନିକଟରୁ ଜବତ ବାଣ।

ଗଞ୍ଜାମ ଜିଲା ଧରାକୋଟ ଓ ଚମାଖଣ୍ଡି ପୋଲିସ ପକ୍ଷରୁ ଗୁରୁବାର ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୫୧ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି। ଚମାଖଣ୍ଡି ପୋଲିସ ନରେନ୍ଦ୍ରପୁର ଗ୍ରାମର ସୁଶାନ୍ତ କୁମାର ମହାନ୍ତିଙ୍କ ଘରେ ଚଢ଼ାଉ କରି ୧ଲକ୍ଷ ୩୦ହଜାର ଟଙ୍କାର ବାଣ ଜବତ କରିଥିଲା। ଏନେଇ ଓଡିଶା ଫାୟାର ୱାର୍କ୍ସ ଆଣ୍ଡ ଲାଉଡ୍‌ସ୍ପିକର ଆକ୍ଟରେ ଏକ ମାମଲା (ନଂ.୧୫୦/୨୦) ରୁଜୁ କରି ସନ୍ତୋଷଙ୍କୁ ଗିରଫ କରାଯାଇଛି।

ସେହିପରି ଆସିକା ଏସ୍‌ଡିପିଓଙ୍କ ଉପସ୍ଥିତିରେ ଧରାକୋଟ ଥାନା ଅଧିକାରୀ ସହଦେବ ମହାପାତ୍ର ସଦଳବଳ ବୁଧବାର ରାତିରେ ମୁଣ୍ଡମରାଇ ଗ୍ରାମ ନିକଟ କଲେଜସ୍ଥିତ ପାହାଡ଼ପାଖରୁ ଏକ ବାଣ ବୋଝେଇ ଟ୍ରକ (ନଂ.ଓଆର୍‌୦୭ବି-୪୧୦୧) ଜବତ କରିଥିଲେ। ପୋଲିସକୁ ଦେଖି ଚାଳକ ଦୌଡିପଳାଇଥିଲେ। ଯାଞ୍ଚବେଳେ ଟ୍ରକରୁ ୧୦୦ ପେଟି ବାଣ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ। ନଂ.୧୬୯/୨୦ରେ ମାମଲା ରୁଜୁ କରି ଟ୍ରକ୍ ଜବତ କରାଯାଇଛି।

# ସମ୍ଭଳ ସୀମିତ, ଚ୍ୟାଲେଞ୍ଜ ଅନେକ

**ୟାଙ୍ଗୁନ,୧୨।୧୧**




ମ୍ୟାନ୍‌ମାର ସାଧାରଣ ନିର୍ବାଚନ ୨୦୨୦ରେ ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାଙ୍ଗ୍ ସୁ୍ୟ କୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୋଟ ଗଣତି ଶେଷ ହୋଇ ନ ଥିବାବେଳେ ତାଙ୍କ ଦଳ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି)କୁ ବିପୁଳ ବିଜୟ ମିଳିଛି। ଏଭଳି ସମୟରେ ସୁ୍ୟ କୀ ଅସାଧୁ ଉପାୟ ଅବଲମ୍ବନ କରି ନିର୍ବାଚନ ଜିତିଥିବା ସେନା ସମର୍ଥିତ ବିରୋଧୀ ଦଳ ଅଭିଯୋଗ ଆଣିଛି। ଚୂଡ଼ାନ୍ତ ପରିଣାମ ସୁ୍ୟ କୀଙ୍କ ସପକ୍ଷରେ ହିଁ ଯିବ, ଏଥିରେ କିଛି ସନ୍ଦେହ ନାହିଁ। ତେବେ ନୋବେଲ ବିଜୟିନୀ ନେତ୍ରୀ ଆଗାମୀ ପାଳିରେ ସମ୍ମୁଖୀନ ହେବାକୁ ଥିବା ଚ୍ୟାଲେଞ୍ଜଗୁଡ଼ିକୁ କିପରି ମୁକାବିଲା କରିବେ ତା' ଉପରେ ଏବେ ଅନ୍ତର୍ଜାତୀୟ ସମୁଦାୟର ନଜର କେନ୍ଦ୍ରୀଭୂତ।

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ମ୍ୟାନ୍‌ମାରରେ ରବିବାର ଥିଲା ଭୋଟ ଗ୍ରହଣର ଶେଷ ଦିନ। କୋଭିଡ୍-୧୯ ମହାମାରୀର ବହୁଳ ପ୍ରଭାବ ସତ୍ତ୍ୱେ ବହୁ ସଂଖ୍ୟକ ଭୋଟର ଉତ୍ସାହର ସହ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ବର୍ତ୍ତମାନର ପରିସଂଖ୍ୟାନ ଅନୁସାରେ ସୁ୍ୟ କୀଙ୍କ ନେତୃତ୍ୱାଧୀନ ଏନ୍‌ଏଲ୍‌ଡି ବିପୁଳ ବିଜୟ ହାସଲ କରିଛି। ଶାସକ ଦଳ ୨୦୧୫ ନିର୍ବାଚନଠାରୁ ଏଥର ଅଧିକ ଆସନ ଦଖଲ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ବିରୋଧୀ ୟୁନିୟନ୍ ସୋଲିଡାରିଟି ଡେଭେଲପମେଣ୍ଟ ପାର୍ଟି (ୟୁଏସ୍‌ଡିପି) ବୁଧବାର ରାତି ସୁଦ୍ଧା ମାତ୍ର ୧୫ ଆସନ ପାଇ ସନ୍ତୁଷ୍ଟ ହୋଇଛି। ମ୍ୟାନ୍‌ମାର ସେନା ସହିତ ୟୁଏସ୍‌ଡିପିର ସମ୍ପର୍କ ସନ୍ଦେହଜନକ ଓ ବିବାଦୀୟ ରହିଥିବାରୁ ଦେଶବାସୀ ଏନ୍‌ଏଲ୍‌ଡିକୁ ବାଛିଛନ୍ତି। ଫଳରେ ଏନ୍‌ଏଲ୍‌ଡି ପୁଣିଥରେ ବିଜୟୀ ହୋଇ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ମ୍ୟାନ୍‌ମାର ଷ୍ଟେଟ୍ କାଉନ୍‌ସେଲର ସୁ୍ୟ କୀ ପୁଣି ସରକାରର ନେତୃତ୍ୱ ନେଇ ଦେଶରେ ବିକାଶ ଓ ଗଣତନ୍ତ୍ରର ପଥ ପ୍ରଶସ୍ତ କରିବେ ବୋଲି ଲୋକେ ଆଶାବାଦୀ। ତେବେ କରୋନା ଭାଇରସ୍ ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ଓ ରୋହିଙ୍ଗ୍ୟା ସଙ୍କଟର ସମାଧାନ ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ମ୍ୟାନ୍‌ମାର ଭଳି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ସ୍ଥିରତା ଏବଂ ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତିରେ ନିରନ୍ତରତା ବଜାୟ ରଖିବା ତାତ୍ପର୍ଯ୍ୟପୂର୍ଣ୍ଣ। ଏନ୍‌ଏଲ୍‌ଡି ସରକାର ଆଗାମୀ ୫ ବର୍ଷରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରେ। ସେଥିମଧ୍ୟରେ ରହିଛି ଆର୍ଥିକ ବିକାଶ, ରାଖାଇନ୍ ରାଜ୍ୟ ପ୍ରସଙ୍ଗ, ଜାତୀୟ ପୁନଃସ୍ଥାପନ, ସମ୍ବିଧାନ ସଂଶୋଧନ ଓ ରାଜନୈତିକ ଭ୍ରଷ୍ଟାଚାର।

ଆର୍ଥିକ ଅଭିବୃଦ୍ଧି ପାଇଁ ବିଦେଶୀ ପୁଞ୍ଜିନିବେଶ ଅତ୍ୟନ୍ତ ଜରୁରୀ। ☞ପୃଷ୍ଠା-୪





TCL
Official Sponsor of SunRisers Hyderabad
GLOBAL TOP2 TV BRAND
Source: OMDIA
AIxIoT
MAKING LIFE INTELLIGENT
TCL QLED TV AI IN
C715
3 YEARS WARRANTY
Quantum Dot | HANDS-FREE VOICE CONTROL | Dolby VISION • ATMOS | HDR | prime video
Starting from ₹45,990
4K UHD TV AI IN
P615
3 YEARS WARRANTY
4K HDR | androidtv | Dynamic Color Enhancement | DolbyAUDIO | prime video
Starting from ₹24,990
FHD/HD androidtv AI IN
S6500
3 YEARS WARRANTY
HDR | DolbyAUDIO | NETFLIX | Google Assistant | prime video
Starting from ₹12,490
TCL AI Ultra-Inverter AC
Elite Smart Air
Google Assistant | TCL Home App
3+10 YEARS WARRANTY
Titan Gold Evaporator & Condenser | 60°C High Ambient Cooling | 30 Sec Fast Cooling | Upto 50% Energy Saving | 100% Copper
Starting from ₹25,990
Elite Turbo Air
17,500,000 ANNUAL PRODUCTION
1+10 YEARS WARRANTY
Titan Gold Evaporator & Condenser | 60°C High Ambient Cooling | 30 Sec Fast Cooling | Upto 40% Energy Saving | 100% Copper
Starting from ₹23,990
All AC's available in 1.0 , 1.5 and 2.0 TR
Buy now: storeindia.tcl.com
www.tcl.com | /TheCreativeLifeIndia | Toll Free: 1800 419 0622
Available At
Reliance digital
GUPTA DISTRIBUTORS
ELECTRONICS • DIGITAL PRODUCTS • HOME APPLIANCES
PATRA ELECTRONICS
DISTRIBUTION PARTNER ODISHA
SA INFOSYS PVT LTD | Mr. ABHISHEK PODDAR: 9937517777
SWAPNAJIT: 7894403848 / SUSANTA: 7894404120
ANGUL: M/s Patwari Varities: 8249993125; Jagannath Electronics: 9437382773; Pradhan Enterprises: 9437728637; Pradhan Store: 9437334473; Subhashre: 9861143488; Sudhir Enterprise: 7008547281; Parvati Enterprise: 8917539959; Parida Enterprises: 9937131108; Suman Electronics: 9937613576; Dhenkanal: Maa Shakti Enterprise: 8763896266; Beauty Palace: 9861266100; Radio Store: 7008000905
Trade Enquiry: Branch Manager Mr. Kishore: 9866789653 / Trade Marketing Mr. Monodip: 7318822016




# ୨୦ରେ ଅନାସ୍ଥା ଭୋଟ

**ହିନ୍ଦୋଳ, ୧୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆସନ୍ତା ୨୦ ତାରିଖରେ ଭୋଟଗ୍ରହଣ କରାଯିବ। ଜିଲାପାଳଙ୍କ ପକ୍ଷରୁ ଏଥିଲାଗି ଦିବସ ଧାର୍ଯ୍ୟ ପରେ ଏନ୍‌ଏସି ରାଜନୀତି ସରଗରମ ହୋଇଉଠିଛି। ସୂଚନାଯୋଗ୍ୟ, ଏନ୍‌ଏସି ଅଧ୍ୟକ୍ଷାଙ୍କ ମନମୁଖି କାର୍ଯ୍ୟ ଏବଂ ଅଣଦେଖା ପ୍ରତିବାଦରେ ୧୧ ଜଣ ଅସନ୍ତୁଷ୍ଟ କାଉନ୍‌ସିଲର ଗତ ୨୦ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହାପରେ ସେମାନେ ଅଜ୍ଞାତବାସରେ ଅଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏନ୍‌ଏସି ଅଧ୍ୟକ୍ଷା ବିଜେଡିର ହୋଇଥିବା ବେଳେ ଅନାସ୍ଥା ଆଣିଥିବା ୧୧ କାଉନ୍‌ସିଲର ମଧ୍ୟ ଶାସକ ଦଳର। ଅନ୍ୟ ଜଣେ ସ୍ୱାଧୀନ କାଉନ୍‌ସିଲର ମଧ୍ୟ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଫଳରେ ୧୨ ଜଣ ଅନାସ୍ଥା ସପକ୍ଷରେ ଅଛନ୍ତି। ତେଣୁ ଅଧ୍ୟକ୍ଷାଙ୍କ ପଦବୀ ବଞ୍ଚାଇବା କାଠିକର ପାଠ ହୋଇଯିବ ବୋଲି ଚର୍ଚ୍ଚା ହେଉଛି।






# ତାନ୍ତ୍ରିକ, ସହଯୋଗୀଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦ୍ରାପଡା ଅଫିସ, ୧୨।୧୧**

୨୦୧୫ରେ ବହୁଚର୍ଚ୍ଚିତ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଗୋଖାପଡା ଶିଶୁବଳି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାରେ ତାନ୍ତ୍ରିକ ଚୌଧୁରୀ ଅବିନାଶ ଦାସ ଓ ସହଯୋଗୀ ବଜରଙ୍ଗୀ ଓରଫ ବୈକୁଣ୍ଠନାଥ ଦାସଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। କେନ୍ଦ୍ରାପଡା ଜିଲା ଜଜ୍ ବାସୁଦେବ ପଣ୍ଡା ସେମାନଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ୨୦୧୫ ଏପ୍ରିଲ ୧୩ ରେ ମାର୍ଶାଘାଇ ବ୍ଲକ ଗୋଖାପଡା ଗ୍ରାମ ଶେଷମୁଣ୍ଡ ହନୁମାନ ପୀଠରେ ମହାବିଷୁବ ସଂକ୍ରାନ୍ତି ଉତ୍ସବ ପାଳନ ହେଉଥିଲା। ଉତ୍ସବକୁ ଗ୍ରାମର ପ୍ରତାପ କୁମାର ନାୟକଙ୍କ ୮ ବର୍ଷର ପୁଅ ରାଜକିଶୋର ଦେଖିବାକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ମା' ପୂର୍ଣ୍ଣିମା ଓ ଗ୍ରାମବାସୀ ଅପରାହ୍ଣ ସାଢେ ୪ଟାଠାରୁ ଖୋଜାଖୋଜି କରିଥିଲେ।

**ଗୋଖାପଡ଼ାର ଶିଶୁବଳି ମାମଲା**

ତେବେ ୧୪ ତାରିଖରେ ଗ୍ରାମ ନିକଟ ଲୁଣାନଦୀରୁ ବେକ କଟା ମୃତଦେହ ଉଦ୍ଧାର ହୋଇଥିଲା। ଥାନାରେ ପୂର୍ଣ୍ଣିମାଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୮୭/୧୫ରେ ମାମଲା ରୁଜୁ ହୋଇଥିଲା। ପରେ ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଏହି ଦୁଇବ୍ୟକ୍ତି ତନ୍ତ୍ର ସାଧନା ପାଇଁ ହତ୍ୟା କରିଥିବା ପ୍ରମାଣ ମିଳିଥିଲା। ପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜିଲା ଜଜ୍ ପଣ୍ଡା ଦୁହିଁଙ୍କୁ ଆଇପିସି ୩୦୨ ଦଫାରେ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ଏହି ଜରିମାନାରେ ଅନାଦାୟେରେ ଅଧିକ ଦୁଇବର୍ଷ ଜେଲଦଣ୍ଡ ବିଧାନ କରିଛନ୍ତି। ସେହିପରି ଆଇପିସି ଧାରା ୨୦୧ରେ ୫ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏପିପି ସଞ୍ଜୟ କୁମାର ଜେନା ଏହି ସୂଚନା ଦେଇଛନ୍ତି। ଏହି ମାମଲାକୁ ପିପି ମାନସ ବେହେରା ପରିଚାଳନା କରୁଥିଲେ।

# କଟକରେ ୪୬.୩୯ ପ୍ରତିଶତ ଲୋକଙ୍କ ଦେହରେ ଆଣ୍ଟିବଡି

**କଟକ ଅଫିସ, ୧୨।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ହୋଇଥିବା ସେରୋ ସର୍ଭେ ରିପୋର୍ଟ ଗୁରୁବାର ପ୍ରକାଶ ପାଇଛି। ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଭୁବନେଶ୍ୱର ଦ୍ୱାରା ହୋଇଥିବା ସର୍ବେକ୍ଷଣ ଅନୁଯାୟୀ, କଟକରେ ୪୬.୩୯ ପ୍ରତିଶତ ଲୋକଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇଛି ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ସର୍ଭେରେ ଉଭୟ କମ୍ୟୁନିଟି ଓ ହାଇରିସ୍କ ଗ୍ରୁପର ଲୋକମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ସିଏମ୍‌ସି ଅଧୀନ ୨୫ଟି ୱାର୍ଡର ୨୨୭୪ ଜଣଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୦୫୫ ଜଣ ଅର୍ଥାତ୍ ୪୬.୩୯ ପ୍ରତିଶତ ଲୋକଙ୍କ ଦେହରେ ଆଣ୍ଟିବଡି ତିଆରି ହୋଇଥିବା ଜଣାପଡିଛି। ସେହିପରି ବିଭିନ୍ନ ବୃତ୍ତିର ହାଇରିସ୍କ ଗ୍ରୁପରୁ ୧୬୩୪ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୫୬.୪୧ ପ୍ରତିଶତ ଲୋକଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇଛି। କିନ୍ତୁ ଲିଙ୍ଗ ଓ ବୟସ ଦୃଷ୍ଟିକୋଣରୁ ଏହି ତଥ୍ୟରେ ସେତେଟା ଆଖିଦୃଶିଆ ଫରକ ନ ଥିବା ଜଣାପଡିଛି। ଆଗକୁ ଦୀପାବଳିରେ ଗହଳି ନ କରିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ପିନ୍ଧିବା ସହ କରୋନା ନିୟମ ମାନି କାଳୀପୂଜା ପାଳନ କରିବାକୁ କୁହାଯାଇଛି। ଏପରି କି ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରବିନାରାୟଣ
ପରିବାରବର୍ଗ


ଶୁଭାଙ୍ଗୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଘରୋଇ କୃଷି ବଜାର...

ହେବେ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ରାଜ୍ୟ ସରକାର କୃଷି ବଜାରକୁ ଘରୋଇ ସଂସ୍ଥା ପାଇଁ ଖୋଲି ଦେବା ସକାଶେ ଓଡ଼ିଶା କୃଷି ଉତ୍ପାଦନ ଓ ପ୍ରାଣୀଧନ ବଜାର (ପ୍ରଚାର ଓ ସୁଯୋଗ) -୨୦୨୦ ନାମରେ ଆଉ ଏକ ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ, ମେ ୧୩ ତାରିଖରେ ରାଜ୍ୟ ସରକାର କୃଷି ବଜାର ସଂକ୍ରାନ୍ତ ଅଧ୍ୟାଦେଶ ଆଣିଥିଲେ। ତେବେ ଏହାକୁ ବିଲ୍‌ରେ ପରିଣତ କରାଯାଇପାରି ନ ଥିଲା। ସେହି ଅଧ୍ୟାଦେଶର ଅବଧି ଶେଷ ହେବାକୁ ଯାଉଥିବାରୁ ସରକାର ପୁନଶ୍ଚ ଏକ ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି।

ରାଜ୍ୟ କ୍ୟାବିନେଟ୍‌ରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ୭୧ ଲକ୍ଷ (୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ) ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବେ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟଲକ୍ଷ୍ୟ ଯଥାକ୍ରମେ ୫୪ ଲକ୍ଷ ଏବଂ ୧୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ ହେବ। ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିଲେ ସେସବୁକୁ କ୍ରୟ କରାଯିବ। ୨୦୨୦ ଅକ୍ଟୋବର ପହିଲାରୁ ୨୦୨୧ ସେପ୍ଟେମ୍ବର ୩୦ ମଧ୍ୟରେ ଧାନ ସଂଗ୍ରହ ଶେଷ ହେବ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି)ରେ ଚାଷୀଙ୍କ ଠାରୁ ଧାନସଂଗ୍ରହ ହେବ। ସଂଗୃହୀତ ଚାଉଳକୁ ଜାତୀୟ ଖାଦ୍ୟ ସୁରକ୍ଷା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟବହାର କରାଯିବ। ବଳକା ଚାଉଳକୁ ଖାଦ୍ୟ ନିଗମ ଅନ୍ୟ ରାଜ୍ୟକୁ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ପ୍ରଦାନ କରିବ। ଧାନ ସଂଗ୍ରହ ପ୍ରକ୍ରିୟାର ସୁପରିଚାଳନା ପାଇଁ ଖାଦ୍ୟ ଓ ସଂରକ୍ଷଣ ନୀତି-୨୦୨୦-୨୧କୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ୨୦୧୯-୨୦ରେ ଉଭୟ ଖରିଫ ଓ ରବି ଋତୁ ପାଇଁ ୭୦.୫୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ୨୦୨୦ ନଭେମ୍ବରରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଖରିଫ ଏବଂ ୨୦୨୧ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ। କେବଳ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣିପଞ୍ଚାୟତ ଚାଷୀ, ଭାଗଚାଷୀ ଏବଂ ନାମମାତ୍ର ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏମ୍ଏସ୍‌ପି ଅନୁଯାୟୀ ସାଧାରଣ ଓ ଗ୍ରେଡ୍-ଏ ଧାନ ପାଇଁ କୁଇଣ୍ଟାଲ ପିଛା ଯଥାକ୍ରମେ ୧୮୬୮ ଟଙ୍କା ଓ ୧୮୮୮ ଟଙ୍କାରେ କ୍ରୟ କରାଯିବ। ଚାଷୀମାନଙ୍କୁ ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ କରାଯିବ। ଗତବର୍ଷର ବକେୟା ରଖିଥିବା ମିଲରମାନଙ୍କୁ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ। ରାଜ୍ୟର ୩୧୦ଟି ବ୍ଲକରେ ପି-ପାସ୍ ଜରିଆରେ ଧାନ ସଂଗ୍ରହ ହେବ।

ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକ ଗ୍ରୀଡ୍‌କୋରୁ କ୍ରୟ କରୁଥିବା ବିଦ୍ୟୁତ୍ ଦେୟ ନିୟମିତ ପଇଠ କରୁନାହାନ୍ତି। ଫଳରେ ଗ୍ରୀଡ୍‌କୋ ଉପରେ ଋଣ ବୋଝ ବଢି ବଢି ଚାଲିଛି। ରାଜ୍ୟବାସୀଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଗ୍ରୀଡ୍‌କୋକୁ ଋଣ ଯୋଗାଇ ଦେବାକୁ ଗ୍ୟାରେଣ୍ଟର ରହିବେ। ୨୦୨୦-୨୧ରେ ଗ୍ରୀଡ୍‌କୋ ବିଦ୍ୟୁତ୍ ଯୋଗାଇବା ପାଇଁ ୨୬୦୦ କୋଟି ଟଙ୍କାର ଋଣ କରିବ। ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟର ଯୋଗୁ ଗ୍ରୀଡ୍‌କୋ ଏହି ଋଣ ୨ ପ୍ରତିଶତ ସୁଧରେ ପାଇବ। ଏଥିଯୋଗୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ଗୁଡିକୁ କମ୍ ଦରରେ ବିଦ୍ୟୁତ୍ ଯୋଗାଇ ଦିଆଯାଇ ପାରିବ। ଶକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଗ୍ରୀଡ୍‌କୋ ୪ଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ବିଦ୍ୟୁତ୍ ଯୋଗାଇ ଦେଇଥାଆନ୍ତି। ଗତ କିଛିବର୍ଷ ଧରି ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଗୁଡିକ ଦର ବୃଦ୍ଧି କରିଛନ୍ତି। ସେହି ଅନୁଯାୟୀ ବିକ୍ରି ଦର ବୃଦ୍ଧି ହୋଇ ନାହିଁ। ଚଳିତ ବର୍ଷ ଓଇଆର୍‌ସିଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଏବଂ ଋଣ ବାବଦକୁ ଯଥେଷ୍ଟ ହେଉ ନାହିଁ। ଉପରୋକ୍ତ ପରିସ୍ଥିତିରୁ ମୁକୁଳିବାକୁ ରାଜ୍ୟ ସରକାର ଗ୍ରୀଡ୍‌କୋକୁ ଗ୍ୟାରେଣ୍ଟି ଯୋଗାଇ ଦେଇଛନ୍ତି।

ରାଜ୍ୟ ସରକାର ଅବଢ଼ା ଯୋଜନାରେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ ଏବଂ ଶ୍ରୀସେତୁ ସହିତ ମୂଷାନଦୀର ସମ୍ପ୍ରସାରଣ ୪୬୧.୨୫ କୋଟି ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି କାର୍ଯ୍ୟ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏଥିସହିତ ଲୋକସେବା ଆୟୋଗରେ ସଦସ୍ୟ ଭାବେ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ପ୍ରଫେସର ସୁଧାଂଶୁ ଶେଖର ରଥଙ୍କ ନିଯୁକ୍ତିକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି।

## ୧୧,୨୭୦ କୋଟିର...

ବିଧାନସଭାରେ ୨୦୨୦-୨୧ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ଉପସ୍ଥାପନ କରାଯିବ। ନଭେମ୍ବର ୨୯ରେ ବ୍ୟୟ ମଞ୍ଜୁରୀ ବିଲ୍‌କୁ ଅନୁମୋଦନ କରାଯିବ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୮,୧୨୬ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ତେବେ ଚଳିତବର୍ଷ କୋଭିଡ୍-୧୯ ଯୋଗୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ତୁଳନାରେ ଚଳିତ ବଜେଟରେ ପ୍ରାୟ ୩୭ ପ୍ରତିଶତ ବୃଦ୍ଧି କରାଯାଇଛି। ଅତିରିକ୍ତ ବଜେଟରେ କେବଳ ଜରୁରୀ ଖର୍ଚ୍ଚ ତୁଲାଇବାକୁ ବ୍ୟୟ ବରାଦ ହୋଇଛି। ଏଥିରେ କୌଣସି ନୂତନ ଯୋଜନା ପାଇଁ ଅର୍ଥ ବରାଦ ହୋଇ ନାହିଁ। ରାଜସ୍ୱ ଆଦାୟ ହ୍ରାସ ସତ୍ତ୍ୱେ ରାଜ୍ୟ ସରକାର ଅତିରିକ୍ତ ବଜେଟ ଖର୍ଚ୍ଚକୁ ଗତବର୍ଷ ତୁଳନାରେ ବୃଦ୍ଧି କରିଛନ୍ତି। ପାନୀୟ ଜଳ, ଭିତ୍ତିଭୂମି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି।

## ଥାନାଧିକାରୀଙ୍କୁ ୫ ଲକ୍ଷ...

ଜଣେ ଆଇସକ୍ରିମ ବିକାଳି ବିଜୟ ସାଙ୍କ ଦ୍ୱାରା ଜିତୁ ୧୯ ମାସ ପରେ କୋଲକାତାରେ ଠାବ ହୋଇଥିଲେ। ଏହାପରେ ପରିବାର ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ୨୦୧୮ ଜୁଲାଇ ୧୦ତାରିଖରେ ଘରକୁ ଆଣିଥିଲେ। ପୋଲିସ ସେତେବେଳେ ନିଖୋଜ ଥିବା ଜିତୁଙ୍କ ସନ୍ଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପରିବର୍ତ୍ତେ ଠିକ୍ ଭାବେ ତଦନ୍ତ କରି ନ ଥିଲା। ଏହି ଘଟଣାରେ ୨ନିରୀହ ଯୁବକଙ୍କୁ ଗିରଫ କରି ଜେଲ୍ ପଠାଇଥିଲା ଏବଂ ସେଠାରେ ସେମାନେ ଦୀର୍ଘଦିନ ରହିବାରୁ ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ଦର୍ଶାଇ ଭୁବନେଶ୍ୱରର ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ ଓ ବିଜୟ କୁମାର ପଣ୍ଡା ଓଏଚ୍ଆର୍‌ସିରେ ପିଟିଶନ ଦାଖଲ କରିଥିଲେ। ଏହାସହିତ ନିର୍ଦ୍ଦୋଷ ଯୁବକଙ୍କୁ କ୍ଷତିପୂରଣ ଦେବାକୁ ପିଟିଶନରେ ନିବେଦନ କରିଥିଲେ। ଏହାକୁ ଭିତ୍ତି କରି ଓଏଚ୍ଆର୍‌ସିରେ ଏକ ମାମଲା (ନଂ.୨୪୭୯) ପଞ୍ଜୀକରଣ ହୋଇଥିଲା। କମିଶନ ସେମାନଙ୍କ ପିଟିଶନକୁ ବିଚାରକୁ ନେବା ସହିତ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ଦେବାକୁ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ମିଳିବା ପରେ ଓଏଚ୍ଆର୍‌ସି ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ ଏବଂ ୨ ନିର୍ଦ୍ଦୋଷ ଯୁବକଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ତତ୍କାଳୀନ ପାଇକମାଳ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସମ୍ବଳ ସୀମିତ,...

ଲୋକଙ୍କ ଜୀବନ ଧାରଣର ସ୍ତରରେ ଉନ୍ନତି ଆଣିବା, ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ ଭିତ୍ତିଭୂମିର ବିକାଶ, ପରିବହନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପ୍ରତି ମଧ୍ୟ ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ। ସୀମିତ ଆର୍ଥିକ ସମ୍ବଳ ଯୋଗୁ ମ୍ୟାନ୍‌ମାର ଅନେକ କ୍ଷେତ୍ରରେ ଅଧିକ ନିବେଶ କରିବା ସ୍ଥିତିରେ ନାହିଁ। ବର୍ତ୍ତମାନ ଏହି ଦେଶର ପରିବହନ ଓ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ହେଉଛି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୩%। ପୁଣି ସେଥିରୁ ସିଂହଭାଗ ହେଉଛି ବିଦେଶୀ ସରକାର ଓ ଆନ୍ତର୍ଜାତିକ ସଂଗଠନଠାରୁ ଅଣାଯାଇଥିବା ଋଣ।

ସମ୍ପ୍ରତି ଏହି ସବୁ ସମସ୍ୟାର ସମାଧାନ ପୂର୍ବରୁ ଏବେ ସ୍ୟୁ କୀଙ୍କ ଆଗରେ ସର୍ବପ୍ରଥମ ବଡ଼ ଚ୍ୟାଲେଞ୍ଜ ହେଉଛି ବିରୋଧୀଙ୍କୁ ସାମ୍ନା କରିବା। କାରଣ ଏନ୍ଏଲ୍‌ଡିକୁ ମିଳିଥିବା ସଫଳତାକୁ ନେଇ ବିରୋଧୀ ୟୁଏସ୍‌ଡିପି ପ୍ରଶ୍ନ ଉଠାଇଛି। ନିମ୍ନମାନର ବାଲଟ୍ ବକ୍ସ ଯୋଗୁ ଭୋଟ ଗ୍ରହଣରେ ଅନିୟମିତତା ଏବଂ ଆଗୁଆ ଭୋଟିଂ ପାଇଁ ଲଫାପା ବ୍ୟବସ୍ଥା ସହ ସରକାରୀ ସହାୟତା ପ୍ରଦାନକୁ ଶାସକ ଦଳର ଲାଞ୍ଚ ଭାବେ ଅଭିହିତ କରିଛି ୟୁଏସ୍‌ଡିପି। ବିରୋଧୀ ଦଳ ଏପରି ଅଭିଯୋଗ ଆଣିବା ସହ ସଂସଦୀୟ ନିର୍ବାଚନକୁ ରଦ୍ଦ କରି ସେନା ସହାୟତାରେ ଆଉ ଥରେ ନିରପେକ୍ଷ ଓ ଅବାଧ ନିର୍ବାଚନ ଜରିଆରେ ସାନି ଭୋଟ ଗ୍ରହଣ କରାଯାଉ ବୋଲି ଦାବି କରିଛି। ବହୁସଂଖ୍ୟକ ୟୁଏସ୍‌ଡିପି ସମର୍ଥକ ବୁଧବାର ରାଜଧାନୀ ନାପିଦାଉରେ ଏକତ୍ରିତ ହୋଇ ପ୍ଲାକାର୍ଡ ଓ ବ୍ୟାନର ଧରି ପୁନର୍ବାର ନିର୍ବାଚନ କରାଯାଉ ବୋଲି ସ୍ଲୋଗାନ ଦେଇଛନ୍ତି। ଅନ୍ୟପକ୍ଷେ ଏନ୍ଏଲ୍‌ଡି ଏହି ଅଭିଯୋଗକୁ ଖଣ୍ଡନ କରିଛି। ଏନ୍ଏଲ୍‌ଡି ମୁଖପାତ୍ର ମ୍ୟୋ ନ୍ୟୁଣ୍ଟ କହିଛନ୍ତି, ଫଳାଫଳକୁ ବିରୋଧ କରୁଥିବା ଲୋକେ ନିଜ ଅଭିଯୋଗ ସପକ୍ଷରେ ପ୍ରମାଣ ଉପସ୍ଥାପନ କରନ୍ତୁ। ଅନ୍ତର୍ଜାତୀୟ ଓ ସ୍ଥାନୀୟ ପର୍ଯ୍ୟବେକ୍ଷକମାନେ ମଧ୍ୟ ଭୋଟ ଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ଏବଂ ବିନା କୌଣସି ବଡ଼ ଅନିୟମିତତାରେ ସମ୍ପନ୍ନ ହୋଇଥିବା କହିଛନ୍ତି, ଯାହାକୁ ନିର୍ବାଚନ କମିଶନଙ୍କ ସମର୍ଥନ ମିଳିଛି।

ସେନା ସମର୍ଥିତ ୟୁଏସ୍‌ଡିପି ପକ୍ଷରୁ ଏହି ଚ୍ୟାଲେଞ୍ଜ ଏଭଳି ସମୟରେ ଆସିଛି, ଯେତେବେଳେ କି ଏନ୍ଏଲ୍‌ଡି ଘୋଷିତ ଦୁଇ-ତୃତୀୟାଂଶ ଫଳାଫଳର ୮୦%ରୁ ଊର୍ଦ୍ଧ୍ୱ ଆସନ ଦଖଲ କରି ଦ୍ୱିତୀୟ ପାଳି ସରକାର ପାଇଁ ଅଣ୍ଟା ଭିଡୁଛି। ସରକାର ଗଠନ ପାଇଁ ୩୨୨ ଆସନ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୪୯ ଆସନର ଫଳାଫଳ ଆସିଛି, ଯହିଁରୁ ଏନ୍ଏଲ୍‌ଡି ୨୦୯ ଆସନରେ ବିଜୟୀ ହୋଇସାରିଛି। ୟୁଏସ୍‌ଡିପିକୁ ମାତ୍ର ୧୫ ଆସନରେ ସଫଳତା ମିଳିଛି। ୨୦୧୫ ସାଧାରଣ ନିର୍ବାଚନରେ ମଧ୍ୟ ଏନ୍ଏଲ୍‌ଡି ଅନୁରୂପ ବିଜୟ ହାସଲ କରିଥିଲା। ଏହା ଥିଲା ୫୦ ବର୍ଷ ସାମରିକ ଶାସନର ଅବସାନ ପରେ ପ୍ରଥମ ନିର୍ବାଚନ। ୨୦୦୮ରେ ସେନା ପକ୍ଷରୁ ସମ୍ବିଧାନ ଲାଗୁ କରାଯିବା ପରେ ୨୦୧୦ରେ ନିର୍ବାଚନ କରାଯାଇଥିଲା। ସ୍ୟୁ କୀ ଓ ତାଙ୍କ ଦଳ ଏନ୍ଏଲ୍‌ଡି ଏହାକୁ ବର୍ଜନ କରିଥିଲେ। ଫଳରେ ୟୁଏସ୍‌ଡିପି ଅଧିକାଂଶ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ସେତେବେଳେ ପୂର୍ବତନ ସେନା ଜେନେରାଲ ଥେଇନ୍ ସେଇନ୍‌ଙ୍କୁ ରାଷ୍ଟ୍ରପତି ବଛାଯାଇଥିଲା। ସଦ୍ୟ ନିର୍ବାଚନର ଚୂଡ଼ାନ୍ତ ପରିଣାମ ଆସିବା ପରେ ଉଭୟ ସଦନର ମିଳିତ ଅଧିବେଶନରେ ନୂଆ ରାଷ୍ଟ୍ରପତି ଚୟନ କରାଯିବ। ୨୦୦୮ ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତିଙ୍କ ପୁଅ ବିଦେଶୀ ନାଗରିକ ହୋଇଥିଲେ ସେ ରାଷ୍ଟ୍ରପତି ହୋଇପାରିବେ ନାହିଁ। ସ୍ୟୁ କୀଙ୍କ ସ୍ୱର୍ଗତ ସ୍ୱାମୀ ମାଇକେଲ୍ ଆରିସ୍ ଜଣେ ବ୍ରିଟିଶ ନାଗରିକ ଥିଲେ। ଏହି ଦମ୍ପତିଙ୍କ ଦୁଇ ପୁଅ ମଧ୍ୟ ବିଦେଶୀ ନାଗରିକ ହୋଇଥିବାରୁ ସେ ରାଷ୍ଟ୍ରପତି ପଦରେ ଆସୀନ ହୋଇପାରି ନ ଥିଲେ। ତେଣୁ ୨୦୧୬ରେ ପ୍ରଧାନମନ୍ତ୍ରୀ ପଦର ସମାନ୍ତରାଳ 'ଷ୍ଟେଟ୍ କାଉନ୍‌ସେଲ' ପଦବୀ ସୃଷ୍ଟି କରାଯାଇଥିଲା। ସ୍ୟୁ କୀ ସେହି ପଦରେ ଅଧିଷ୍ଠିତ ରହି ମ୍ୟାନ୍‌ମାରକୁ ଶାସନ କରୁଛନ୍ତି। ତେବେ ମ୍ୟାନ୍‌ମାର ଗଣତାନ୍ତ୍ରିକ ଆନ୍ଦୋଳନର ପ୍ରତୀକ ତଥା ନୋବେଲ ଶାନ୍ତି ବିଜୟିନୀ ସ୍ୟୁ କୀ ତାଙ୍କ ନୂଆ ଇନିଂସ୍‌ରେ ମ୍ୟାନ୍‌ମାରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରି ଦେଶକୁ ପ୍ରଗତି ପଥରେ କିପରି ଆଗେଇ ନେବେ ତାହା ସମୟ କହିବ।

## ବାପଝିଅଙ୍କ ଆତ୍ମାହୁତି...

ପରେ ଲିଖିତନାମା ନେଇ ପୋଲିସ ଉଭୟଙ୍କୁ ଗ୍ରାମରେ ଛାଡ଼ିଥିବା ଜଣାପଡ଼ିଛି। ରବିଙ୍କ ୪ ଡେସିମିଲ ଜମିରୁ କିଛିଅଂଶକୁ ଗ୍ରାମର କେତେଜଣ ବ୍ୟକ୍ତି ଜବରଦସ୍ତ ଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ଅଭିଯୁକ୍ତମାନେ ଗାଳିଗୁଲଜ କରୁଛନ୍ତି। ରାତିରେ ଘର ଉପରକୁ ପଥର ମାଡ଼ କରୁଛନ୍ତି। ଜମିରେ ଉଦ୍ଦେଶ୍ୟମୂଳକ ଭାବେ ଗୋରୁ ଛାଡ଼ି ଦେଉଛନ୍ତି। ତହସିଲ ପକ୍ଷରୁ ଜମି ମାପ ଠିକ୍ ଭାବେ କରାଯାଇନାହିଁ। ଏ ସମ୍ପର୍କରେ ଜିଲା ପ୍ରଶାସନ, ପୋଲିସ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସବୁଆଡୁ ନିରାଶ ହେବା ପରେ ବାଧ୍ୟହୋଇ ଏପରି ନିଷ୍ପତ୍ତି ନେଇଥିବା ରବି କହିଛନ୍ତି। ଥାନାଧିକାରୀ ନମିତା ନାୟକ ଦୁଇଜଣଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଉପଜିଲାପାଳଙ୍କ ନିକଟରେ ହାଜର କରାଇଥିଲେ। ଏ ସଂକ୍ରାନ୍ତରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଜମିବାଡି ବିବାଦକୁ କେନ୍ଦ୍ରକରି ବାପଝିଅ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ପୋଲିସ ୧୦୭ ଦଫାରେ ମାମଲା ରୁଜୁ କରିଥିଲା। ବଣ୍ଡ ଦେବା ପରେ ଉଭୟଙ୍କୁ ପୋଲିସ ଗ୍ରାମରେ ଛାଡ଼ିଦେଇ ଆସିଛି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। କାର୍ଯ୍ୟ ବ୍ୟସ୍ତତାରୁ ସ୍ୱାସ୍ଥ୍ୟରେ ବତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ୱଚ୍ଛଳ ହେବେ ସତ, ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ସଭାସମିତି, ଅଧ୍ୟାପନା, କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟାଲୋଚନା ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହାୟତାରେ ଋଣ ପରିଶୋଧ କରିପାରିବେ ଓ ଶତ୍ରୁତାର ବିନାଶ ଘଟିବ। ଅପରିଚିତାଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇବେ। ଦିନଟିରେ ଅନେକ କାମ ହାତକୁ ନେଇ ବ୍ୟସ୍ତ ହେବେ, କିନ୍ତୁ ସମୟାନୁକ୍ରମେ ସବୁ ଠିକ୍ ହୋଇଯିବ।

**ମିଥୁନ** ଗୋଡର ମାଂସପେଶୀରେ କିମ୍ବା ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** ବନ୍ଧୁବର୍ଗଙ୍କ ନିକଟରୁ ସହଯୋଗ ଆଶା କରିବା ବୃଥା ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଭାସମିତି କ୍ଷେତ୍ରରୁ ଆତ୍ମସନ୍ତୋଷ ମିଳିବ। ପର କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ସିଂହ** ପୂର୍ବ ପରିସ୍ଥିତିର ପରିବର୍ତ୍ତନ ଘଟି ସାମୟିକ ଆଶ୍ୱସ୍ତି ଲଭିବେ। ଜଗିରଖି ନ ଚଳିଲେ ସବୁ ଦିଗରୁ ଅଶାନ୍ତି ସୃଷ୍ଟିହେବ। ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ ଆଜି ସ୍ୱର୍ଣ୍ଣାଳଙ୍କାର କିଣି ନ ପାରି ମନ ଦୁଃଖ କରିପାରନ୍ତି। କିନ୍ତୁ କୌଣସି ଏକ ଭିନ୍ନ ପରିବେଶରେ ଶତ୍ରୁମାନେ ମିତ୍ର ଭଳି ଆଚରଣ କରିପାରନ୍ତି।

**କନ୍ୟା** ଯେଉଁ କାମ କରନ୍ତୁନା କାହିଁକି ସଫଳତା ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ ମିଳିବ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ, କିନ୍ତୁ କିଛି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରି ସ୍ଥଗିତ କାମ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ ଜଟିଳ କରି ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ତୁଳା** ଆଜି କର୍ମକ୍ଷେତ୍ର, ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ରାସ୍ତା ସୁଗମ ହୋଇପାରିବ। ସ୍ୱାସ୍ଥ୍ୟ ପ୍ରତି ସଜାଗ ନ ହେଲେ ଅନୁତାପ କରିବେ। ସଭାସମିତି, ପ୍ରବଚନ, ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ବିଛା** ବିଭିନ୍ନ ବିଷୟର ଦୁଶ୍ଚିନ୍ତା ଫଳରେ ମନର ଭାବନା ଓ କାମରେ ଫରକ ସୃଷ୍ଟି ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ହଟିଯିବ ଓ ଆର୍ଥିକ ଦିଗଟି ଅବଶ୍ୟ ଭଲ ରହିବ। ସତର୍କ ନ ହେଲେ ଠକାମିର ଶିକାର ହେବାର ସମ୍ଭାବନା ରହିଛି। ସାମାଜିକ, ରାଜନୈତିକ, ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ** ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ମହତ୍ତ୍ୱପୂର୍ଣ୍ଣ କଥା ଶୁଣି ପୁଲକିତ ହେବେ। ଅର୍ଥ ସମ୍ପର୍କୀୟ କଥାରେ ପଡୋଶୀ ସହଯୋଗ ନ କରି ମୁହଁ ଫେରାଇ ନେଇପାରନ୍ତି। ଆଧ୍ୟାତ୍ମିକତା, ସାହିତ୍ୟଚର୍ଚ୍ଚା, କଳା, ସଙ୍ଗୀତ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଦୂରେଇ ଯାଇଥିବା ବନ୍ଧୁଙ୍କଠାରୁ ସହାନୁଭୂତି ମନକୁ ଆଶ୍ୱସ୍ତି ପ୍ରଦାନ କରିବ।

**ମକର** ପାରିବାରିକ ସହଯୋଗ ପାଇ ନୂତନ କାମ ସହଜରେ ସମ୍ପନ୍ନ କରିବେ। ଜମିଜମା, ଅଗ୍ନି ସମ୍ବନ୍ଧିତ କର୍ମ, ତେଜରାତି ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ, ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ପ୍ରତ୍ୟେକ କାମରେ ଆଶାବାଦୀ ହେବେ ଓ ବକେୟା ଅର୍ଥ ଆଦାୟ ହେବ। ବନ୍ଧୁଙ୍କଠାରୁ ସହାନୁଭୂତି ପାଇ ଭାବ ପ୍ରବଣ ହୋଇପାରନ୍ତି।

**କୁମ୍ଭ** ପାରିବାରିକ ଆଲୋଚନା କ୍ଷେତ୍ରରେ ଘରୋଇ କଥାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମୂଲ୍ୟବାନ ଅଳଙ୍କାର ଓ ବସନ ଭୂଷଣ ପ୍ରଭୃତି ସାଧାରଣ କଥାକୁ ନେଇ ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି।

**ମୀନ** ବନ୍ଧୁଙ୍କ ଉପରେ ପୂର୍ଣ୍ଣ ଭରସା କଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରି ପାରିବେ। ଆନୁଷ୍ଠାନିକ କାମରେ ଖଟଣି ବଢିଯିବ କିନ୍ତୁ ଶତ୍ରୁମାନେ ଆପଣଙ୍କ କାମର ପ୍ରଶଂସା କରିପାରନ୍ତି। ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିବେ।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର, ଯମଦୀପଦାନ, ଧନ୍ୱନ୍ତରୀ ଜୟନ୍ତୀ, ଧନ ତେରସ, ଲକ୍ଷ୍ମୀପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ନଭେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୧୨.୩୧ମି. ଗତେ ତୁଳା ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫.୫୭ମି. ଗତେ ଘ.୦୬.୪୨ମି. ମଧ୍ୟେ, ଘ.୦୭.୨୬ମି. ଗତେ ଘ.୦୯.୩୯ମି. ମଧ୍ୟେ, ଘ.୧୧.୫୩ମି. ଗତେ ଘ.୦୨.୫୦ମି. ମଧ୍ୟେ, ଘ.୦୩.୩୫ମି. ଗତେ ଘ.୦୫.୦୩ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୫ମି. ଗତେ ଘ.୦୯.୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୦୭ମି. ଗତେ ଘ.୧୧.୩୦ମି. ମଧ୍ୟେ ରାହୁ କାଳ।

## ଦୁର୍ଘଟଣାରେ ଗଲା ମା' ପୁଅଙ୍କ ଜୀବନ

ବାହାନଗା,୧୨।୧୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ଓଲିଆପାଟଣା ପୋଲ ନିକଟରେ ଗୁରୁବାର ସଡକ ଦୁର୍ଘଟଣା ଘଟି ମା' ଓ ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ସୋର ଥାନା ଖୁଣ୍ଟା ଗ୍ରାମର ଶୁକ ସେନାପତି ଓ ତାଙ୍କ ୪ବର୍ଷର ପୁଅ ରୋହିତ।

ବୁଦ୍ଧିରାମ ସେନାପତିଙ୍କ ପତ୍ନୀ ଶୁକ, ତାଙ୍କ ପୁଅ ରୋହିତ ସମ୍ପର୍କୀୟ ପୁତୁରା ଭଗବାନ ସେନାପତିଙ୍କ ସହ ଏକ ସ୍କୁଟି (ନଂ.ଓଡି ୦୧ ଏଜେ ୨୨୦୮)ରେ ବାଲେଶ୍ୱର ଯାଉଥିଲେ। ଓଲିଆପାଟଣାସ୍ଥିତ ଡାଇଭର୍ସନ ନିକଟରେ ରାସ୍ତାକାମ ପାଇଁ ସଙ୍କୁଚିତ କରାଯାଇଥିବାରୁ ଜାତୀୟ ରାଜପଥରେ ସମସ୍ତ ଗାଡି ସେଠାରେ ଗତି କମାଇଥାନ୍ତି। ତେବେ ସ୍କୁଟିରେ ସେମାନେ ବାଲେଶ୍ୱର ଯାଉଥିବାବେଳେ ଗାଡି ଚଳାଉଥିବା ଭଗବାନ ଡାଇଭର୍ସନ ନିକଟରେ ଗତି ଧୀର କରିବାରୁ ପଛପଟୁ ଆସୁଥିବା ଏକ ମାଲ ବୋଝେଇ କଣ୍ଟେନର(ନଂ.ଆରଜେ ୧୪ ଜିଏଲ ୫୯୫୦) ଧକ୍କା ଦେଇଥିଲା। ଫଳରେ ସ୍କୁଟି ପଛରେ ବସିଥିବା ଶୁକ ଓ ତାଙ୍କ କୋଳରେ ବସିଥିବା ପୁଅ ରାସ୍ତାର ଡାହାଣ ପଟକୁ ଛିଟିକି ପଡିଥିଲେ। କଣ୍ଟେନର ଆଗରେ ମୁଣ୍ଡ ବାଡେଇ ହେବାରୁ ଘଟଣାସ୍ଥଳରେ ମା' ପୁଅଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍କୁଟି ଚଳାଉଥିବା ସମ୍ପର୍କୀୟ ପୁତୁରା ଭଗବାନ ରାସ୍ତାର ବାମକଡକୁ ପଡିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଉଦ୍ଧାର କରି ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଖନ୍ତାପଡା ଥାନା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ପୋଲିସ ଖନ୍ତାପଡାସ୍ଥିତ ଦାଣ୍ଡକାଳୀ ନିକଟ ଜାତୀୟ ରାଜପଥରୁ ଅଟକାଇ ଜବତ କରିଥିଲା। ଡ୍ରାଇଭରଙ୍କୁ ଗିରଫ କରାଯାଇଛି।


# classifieds Everyday
0674-2580101, 2549302




**SALE**

ALTO LXI-1.25, SWIFT ZDI-3.30, SWIFT DZIR-3.50, ALTO K-10-1.80 Mob:7008679303 D-18934

Toyota Innova GS model, white color 7seater for immediate sale. Contact- 9439241474, 9861151787. D-18937




**SALE**

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

**1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165** D-18838

Ready to move 3/2BHK Flat, Prime Location near Rajarani Temple, Tankapani Road, BBSR. Contact- 9861037729, 9040337729. D-18944

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

**10 Acer land for immediate sale Puri Town at Puri. Interested buyers please contact Deepak-9937329999.** D-69933

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Plot sale near AIIMS Hospital, Bhubaneswar with 30' Road. 8456850883.** D-69199

Diwali bumper discount on purchase of remaining two/ three BHK apartment flat one number each (finishing within four months). 500 MTR from NH-5 (Sani Mandira) Patrapada, Bhubaneswar. 9238326233, 9040072544. D-38575

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ପୁରୀ ବାଟମଙ୍ଗଳା ସମ୍ମୁଖ ନୂଆ ବାଇପାସ୍‌ରୋଡ଼ ପାଖରେ 1000sqft. ଜାଗାସହ 2 Bedroom, 2 Bathroom, Drawing cum Dinning, Kitchen and Garage ମାତ୍ର 24ଲକ୍ଷ। Installment ସୁବିଧା ଅଛି। Call:9438109040, 8144658008.** D-18950




Ground floor, glaze tile, water supply for family use at Niladri Vihar, Bhubaneswar. Contact- 9861985702. D-18939

**Godown space available near Puri bypass area 18000/-, open space 15000/-. 9938125254** D-18598




Newly open Spa Centre smart therapist full body massage: 8114970372. D-59971

Refreshing your mind & body with best therapy at Lotus Spa. 8018234866 D-69577

Get refreshment body massage by expert therapist contact for 7205084157. D-70018

Diwali Offers: Panchakarma Chikishya, all therapy start- 699/- Bhubaneswar 8763725072 D-18927

Swarna SPA newly open positively health benefits with expert therapist. 9556978408. D-70017

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

**LOST**

I, Santoshi Baradia, W/o- Sevan Kumar Baradia, R/o- Khariar Road, P.S.- Jonk, Dist.- Nuapada have lost my registered Sale Deed, document No. 998/2008 executed on 30-06-2008 at the office of Dist. Sub-Registrar, Nuapada and Patta for Khata No. 155/14, near daily market, Khariar Road on 06-10-2020. D-69820

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ନୋଟାରି ପବ୍ଲିକ୍, ଭୁବନେଶ୍ୱର, ତାରିଖ- ୨୭।୧୦।୨୦୨୦ର ଆଫିଡେଭିଟ୍ ଅନୁଯାୟୀ, ମୁଁ ପ୍ରତିମା ସାମନ୍ତରାୟ, ବୟସ- 44ବର୍ଷ, D/o- ନବକିଶୋର ପୃଷ୍ଟି, ଖଳିସାହି, ନୟାଗଡ଼, ଯେ ମୋର ନାମ ଭୁଲ୍ ଭାବରେ କୁନି ପୃଷ୍ଟି H.S.C.E ସାର୍ଟିଫିକେଟ୍, ବର୍ତ୍ତମାନ ମୁଁ ମୋର ନାମ ପରିବର୍ତ୍ତନ କରି ପ୍ରତିମା ସାମନ୍ତରାୟ ରଖିଛି। ତେଣୁ ଆଜିଠାରୁ ମୁଁ ସମସ୍ତ ଉଦ୍ଦେଶ୍ୟରେ ପ୍ରତିମା ସାମନ୍ତରାୟ ନାମରେ ପରିଚିତ। ଧ-୧୮୯୪୦

I, Ajit Ranjan Dash, S/o- Pravat Kumar Dash, Vill.- Baunsia, P.O & P.S- Sarankul, Dist.- Nayagarh, Odisha, Pin- 752080, declare that my wife name was wrongly published in my service documents as Jashmin Dash instead of Jasmin Dash. My wife correct name is Jasmin Dash as per her civil documents. Henceforth, she will be known as Jasmin Dash for all purposes. Sd/- Ajit Ranjan Dash D-18941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



LG
Life's Good
CELEBRATE TRADITION. ENJOY INNOVATION.
Think OLED. Think LG.
This Festive Season, bring home India's Most Trusted TV Brand*
TRA's Brand Trust Report - India Study 2020
Power of Trust
2019-2020
5 YEAR* ASSURANCE
Free 3 Year Warranty
Additional 2 Year @₹3186 Onwards
CX Series:
195cm (77) / 164cm (65) / 139cm (55)
OLED AI ThinQ™
α9 Gen3 AI Processor*
Dolby VISION IQ
Dolby ATMOS
Eye Comfort Display (OLED)
NVIDIA. G-SYNC
LG OLED TV range starts from ₹169990*
8 Consecutive years of CES Innovation Awards
CES 2020 Innovation Awards In Video Display Category, 88ZX
CES 2020 Innovation Awards In Video Display Category, 65RX
CES 2020 Innovation Awards In Digital Imaging Or Photography, 88ZX
Festive Offers*
BUY 1 & GET 2nd TV FREE worth up to ₹91990*
Get a chance to WIN MERCEDES* and Prizes Worth ₹7.5 Crore*
FREE* Audio Products worth up to ₹64990*
NETFLIX Enjoy a 3 month Netflix subscription as a gift from us*
Up to 15%* CASHBACK Max ₹15000* ON CREDIT / DEBIT CARDS
1 EMI FREE*
FIXED EMI Starting from ₹3999*
*Above offers available on select TV models.
Care & Delight LG Service
LG 24 x 7 CUSTOMER CARE
1800-315-9999
1800-180-9999 (Toll Free)
5757554 (Send SMS)
www.lg.com/in/support
LG WhatsApp No. 9711709999
LG Service India Mobile App Available at Google Play
www.facebook.com/lgindiapage/
www.twitter.com/LGIndia
To know more about LG, visit www.lg.com/in
For Corporate/Institutional enquiries, please write to corp.enquiries@lge.com
24x7 NOW SHOP AT LG BRAND STORE
www.lgbrandstore.com/in
LG Greencycle
Regd. Office: LG Electronics India Pvt. Ltd., A-24/6, Mohan Cooperative Industrial Estate, Mathura Road, New Delhi-110044
CIN No. U32107DL1997PTC220109
*T&C Apply. Offers unless specifically mentioned are applicable from 1st Nov'20 to 20th Nov'20. Buy 1 & get 2nd TV Free applicable on Select models of UHD, NanoCell & OLED TV only. Free Audio Products on OLED GX and 55/65NANO91 TV only. Free Audio Product offer valid basis stock availability. 5 Year Assurance is Applicable from 1st Nov'20 to 30th Nov'20 on 108cm (43) TVs. This includes 1 Year standard warranty of the new product, 2 Year promotional warranty free of cost & additional 2 Year starting @ Rs. 3186 only. Win Mercedes through Lucky Draw contest applicable at Select Outlets in India except the state of Tamil Nadu. Rs. 7.5 Cr is the total MRP value of all gifts. Netflix Offer is applicable on 139cm (55) and above UHD, NanoCell & OLED TVs from 1st Nov'20 to 20th Nov 2020. TV Installation through LG Authorized Service Centre / Engineer is a Mandate to Claim Netflix offer. Up to 15% Cash back is Applicable on select Credit and Debit cards on select 80cm (32) Smart TV and above models only. Cash back will be posted to consumer Account after 90 days from end of offer date. Cash back is not from LG Side and bank/finance Company is liable. 1 EMI Free is Applicable on 108cm (43) and above smart TV models. Fixed EMI offer applicable from 1st Nov'20 to 20th Nov'20. Fixed EMI of Rs. 3999 / 4999 / 6999 on Select OLED TVs only. Scheme Applicable on: Bajaj Finance only. EMI schemes under specific schemes only at the sole discretion of financer. Offers may not be available on purchase from any other e-commerce websites other than the order booked through LG Electronics India Pvt. Ltd. official website www.lgbrandstore.com. Online brand store facilities are Available in select cities only. Alpha 9 Gen 3 Processor Not available with OLED BX Series. The CES Innovation Awards are based upon descriptive materials submitted to the judges. CTA did not verify the accuracy of any submission or of any claims made and did not test the item to which the award was given. CES Innovation Award Won from 2013 to 2020. Eye Comfort Display as certified by TUVRheinland. LG is the most trusted TV Brand of India for 2019 and 2020 basis study conducted by TRA Research Pvt. Ltd for mentioned Years. Logos shown in the Creative belong to respective trademark owners only. Results are not an endorsement of LG Electronics. Any Reliance on these results is at third party's own risk. Prices Mentioned are Per Unit and Inclusive of Taxes. LG reserves the right to modify, alter, withdraw or extend the offer at any point of time without any prior notice or justification or correspondence. LG decision regarding all matters under offers shall be final and binding. By participating in offers, the customer agrees to all the above terms & Conditions. Gifts cannot be redeemed for cash at any point of time. Products are available for Purchase without offers also. Participating in the offer shall be treated as deemed consent under privacy laws. The images shown here are for representation only and may differ from actual product. Product Availability may vary from region to region. All disputes are to be settled / adjudicated in Delhi Courts only. Please ask the retailer/store manager for detailed offers, gifts etc. before purchase. For more information, please visit www.lg.com/in
AMERICAN EXPRESS
BAJAJ FINSERV
HDFC BANK
FESTIVE TREATS
ICICI Bank Credit & Debit Cards
AXIS BANK
citi
Standard Chartered
Bank of Baroda Credit Card
kotak
SBI card
LG BEST SHOP: PATRA ELECTRONICS-SAHEED NAGAR, OPP INOX BHAWANI MALL, BHUBANESWAR, PH-9178780354; SRIRAM TRADERS-KHANDPADA ROAD, NAYAGARH, PH-9090396373; PRO VISUALS-BY PASS ROAD, BHADRAK, PH-9777772222; ASTIK ELECTRONICS- ROXY ROAD, BARIPADA, PH-8249118272; BINAYAK ELECTRONICS-ONE WAY TRAFIC ROAD, BERHAMPUR, PH-9439345560; SARAF OFFSET PVT LTD-ASKA ROAD, BERHAMPUR, PH-9658535962; LG PLAZA-MARAWADIPADA, NEAR SHANI MANDIR, JHARSUGUDA, PH-9439073578; LG PLAZA-BISHRA ROAD,ROURKELA, PH-9583799109; G N ELECTRONICS-NEAR GM COLLEGE, SAMBALPUR, PH-9178191122; SUNITA TRADING & CO. HULURUSINGHA, ANGUL, PH-9777593529, BEAUTY PALACE, HATATOTA, TALCHER, PH-9438033247.

ପ୍ରଭୁ ! ଆମକୁ ବୀର ଯୋଦ୍ଧା କରି ଗଠନ କର। ଅତୀତ ବଞ୍ଚି ରହିବାକୁ ଚାହେଁ। ଆମେ ଯେପରି ତା'ସହିତ ଯୁଦ୍ଧ କରି ସେଥିରେ ବିଜୟୀ ହେଉଁ। ତା'ଫଳରେ ନୂତନ ବିଷୟ ସବୁ ସୃଷ୍ଟି ହେଉ ଏବଂ ସେଗୁଡ଼ିକୁ ଗ୍ରହଣ କରିବାକୁ ଆମେ ପ୍ରସ୍ତୁତ ହେଉ। -ଶ୍ରୀମା

# କ୍ଷଣସ୍ଥାୟୀ ଖୁସି

ତିନିଦିନ ଧରି ଲଗାତର ଶେୟାର ବଜାର ଊର୍ଦ୍ଧ୍ୱଗାମୀ ହେବା ପରେ ବୁଧବାର ରେକର୍ଡ ସ୍ତରରେ ପହଞ୍ଚିଥିଲା। ସରକାର ଓ ଶିଳ୍ପଜଗତ ଏଭଳି କିଛି ଗଠନମୂଳକ ପରିବର୍ତ୍ତନ କରିନାହାନ୍ତି ଯେଉଁଥିପାଇଁ ଏହି ବୃଦ୍ଧିକୁ ଆମେ ଯୁକ୍ତିଯୁକ୍ତ ବୋଲି କହିପାରିବା। ବଜାରରେ ଉତ୍ସାହ ଆଣିବା ଲାଗି ସରକାର ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଜୋ ବାଇଡେନ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ଘୋଷଣା କରାଯିବା ପରେ ବିଶ୍ୱ ବଜାର ଆଗକୁ ବଢ଼ିଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଇଡେନ ବିଜୟୀ ହୋଇଛନ୍ତି, କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଯାବତ ଏହାକୁ ସ୍ୱୀକାର କରିନାହାନ୍ତି। ତେବେ ଗତ ସପ୍ତାହରେ ବାଇଡେନଙ୍କ ବିଜୟ ଯୋଗୁ ଭାରତର ଆର୍ଥିକ ନୀତି ଓ ଆମେରିକା ସହ ସମ୍ପର୍କରେ ଉନ୍ନତି ହେବ ବୋଲି ନିବେଶକମାନେ ଭାବିନେଇଛନ୍ତି। ଫଳରେ ବିଶ୍ୱରେ ଶେୟାର ବଜାର ବୃଦ୍ଧି ଘଟିବା ସହ ଭାରତରେ ବି ଏହା ଊର୍ଦ୍ଧ୍ୱଗାମୀ ହୋଇଛି। ଫାର୍ମାସ୍ୟୁଟିକାଲ କମ୍ପାନୀ ବାୟୋଏନ୍‌ଟେକ ଏବଂ ପିଫିଜର ସେମାନଙ୍କ ଟିକା କରୋନା ଭୂତାଣୁ ବିରୋଧରେ ୯୦% କାମ କରୁଛି ବୋଲି ଘୋଷଣା କରିବା ପରେ ବିଶ୍ୱ ବଜାର ଊର୍ଦ୍ଧ୍ୱଗାମୀ ହୋଇଛି। ଏହି ଖବର ଜଣାପଡିବା ପରେ କିଛିଦିନ ହେବ ଭାରତୀୟ ଷ୍ଟକ୍‌ବଜାର ଅଧିକ ଲାଭବାନ ହୋଇଛି। କୋଭିଡ-୧୯ ଟିକାର ତୃତୀୟ ପର୍ଯ୍ୟାୟ ସଫଳ ପରୀକ୍ଷଣ ସମ୍ପର୍କରେ ଘୋଷଣା ହେବା ପରେ ନିବେଶକଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଜାଗ୍ରତ ହୋଇଛି ଏବଂ ନିରନ୍ତର ଆର୍ଥିକ ସୁଧାରର ସମ୍ଭାବନା ଯୋଗୁ ନିବେଶକମାନେ ଶେୟାର କିଣିଛନ୍ତି। ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ବିସ୍ମୟକର ବିଜୟ ମଧ୍ୟ ବଜାରରେ ଉନ୍ନତି ଆଣିବାରେ ସାହାଯ୍ୟ କରିଛି। ଆଇଟି, ଫାର୍ମା ଏବଂ ବ୍ୟାଙ୍କିଙ୍ଗରେ ନିବେଶକମାନେ ସବୁଠୁ ଅଧିକ ଶେୟାର କିଣିଛନ୍ତି। କିନ୍ତୁ ଶେୟାର ବଜାର କ'ଣ ଏହି ଏଭଳି ଊର୍ଦ୍ଧ୍ୱଗାମୀ ରହିବ ନା ପୁଣି ତଳକୁ ଖସିବ ? ଗୁରୁବାର ଊର୍ଦ୍ଧ୍ୱଗାମୀ ସେନସେକ୍ସ ୨୩୬ ପଏଣ୍ଟ ପାର କରିଗଲାବେଳେ ନିଫ୍ଟି ୫୮ ପଏଣ୍ଟ କମିଥିଲା। ଏହା କ'ଣ ନିମ୍ନଗାମୀ ହୋବାର ଅୟମାରମ୍ଭ। ମୂଳ ସିଦ୍ଧାନ୍ତରେ ଠୋସ କାରଣ ନଥିବାରୁ ,ଏବେ ଦିୱାଲି ପୂର୍ବରୁ ବଜାରରେ ଦେଖାଦେଇଥିବା ବୃଦ୍ଧି ଆଉ ବେଶି ଦିନ ନ ରହି ହ୍ରାସ ପାଇପାରେ। ନିକଟ ଭବିଷ୍ୟତରେ ଖାଉଟି ବଜାରକୁ ଆଗକୁ ନେବାକୁ ସରକାରଙ୍କଠାରୁ ଶେୟାର ବଜାର ଅଧିକ ପ୍ରୋତ୍ସାହନ ଆଶା କରୁଛି। ଭାରତରେ ଏବେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ହେବାର କଥା ଉଠିଛି। ଦିଲ୍ଲୀ ଭଳି କେତେକ ସହରରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଦେଖା ଦେଲାଣି, କିନ୍ତୁ ଓଡ଼ିଶାରେ ଦୈନିକ ସଂକ୍ରମଣ କମିବା ଦେଖାଯାଉଛି। ଏହା ସତ୍ତ୍ୱେ ସରକାର ଏଠାରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଦ୍ୱିତୀୟ ସଂକ୍ରମଣ ଘଟିବ ବୋଲି କହୁଛନ୍ତି।

## ଆଜିର ଅର୍ଥନୀତି

ବାସ୍ତବରେ ଏ ବିଶ୍ୱରେ କିଛି ନିର୍ଦ୍ଦିଷ୍ଟ ନୁହେଁ। ଏହା ପରେ ଆଗକୁ କ'ଣ ଘଟିବ କେହି ଜାଣିପାରିବେ ନାହିଁ। ଅର୍ଥବ୍ୟବସ୍ଥା ଲଗାତର ମାନ୍ଦାବସ୍ଥାରେ ରହିଛି। ଜିଡିପି ବି ତଳକୁ ଖସିଚାଲିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ( ଆଇଏମ୍‌ଏଫ)ସମେତ ବହୁ ଘରୋଇ ଏବଂ ଅନ୍ତର୍ଜାତୀୟ ନିରୀକ୍ଷଣ ସଂସ୍ଥା ଭାରତର ଜିଡିପି ଶୀଘ୍ର ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛନ୍ତି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ( ଆର୍‌ବିଆଇ) ବୁଧବାର ଦେଶରେ ଏକ ଟେକନିକାଲ ମନ୍ଦାବସ୍ଥା ରହିଥିବା କହିଛି। ସାମଗ୍ରୀ ଓ ସେବା ଟିକସ( ଜିଏସ୍‌ଟି) ସଂଗ୍ରହ ହେଉଥିବାର ଯାହା ସରକାର ଦାବି କରୁଛନ୍ତି ତାହା ଠିକ୍ ହୋଇ ନ ପାରେ। ଗତ ମାସରେ କେବଳ ଜିଏସ୍‌ଟି ସଂଗ୍ରହ ବୃଦ୍ଧି ପାଇଥିଲା। ଏହାକୁ ଛାଡିଦେଲେ କୋଭିଡ୍ ମହାମାରୀ ବ୍ୟାପିବା ପରଠାରୁ ପ୍ରତ୍ୟେକ ମାସରେ ଜିଏସ୍‌ଟି ସଂଗ୍ରହ କମିଆସିଛି। ଏଣୁ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ବୃଦ୍ଧିପାଇଛି ବୋଲି ଯାହା ସରକାର କହୁଛନ୍ତି ତାହା ସତ ବୋଲି ଆମେ ନିଶ୍ଚିତ ନୋହୁଁ। କେନ୍ଦ୍ର ରାଜ୍ୟମାନଙ୍କୁ ଜିଏସ୍‌ଟି ବାବଦ କ୍ଷତିପୂରଣ ଦେବାକୁ ଅକ୍ଷମ ହୋଇଛି। ବଜାର ଚାହିଦାକୁ ଫେରାଇ ଆଣିବା ଲାଗି ସରକାର ସେଭଳି ଉତ୍ସାହପ୍ରଦ ଆର୍ଥିକ ପଦକ୍ଷେପ ବି ନେଇନାହାନ୍ତି। ମାନୁଫାକଚରିଂ ସେକ୍ଟର ବର୍ତ୍ତମାନ ସୁଦ୍ଧା ମାନ୍ଦା ରହିଛି। ରପ୍ତାନି କମିବାରେ ଲାଗିଛି। ସେବା ଏଯାବତ ଟ୍ରାକ୍‌କୁ ଫେରିବାକୁ ବାକି ରହିଛି। ବ୍ୟବସାୟିକ କାର୍ଯ୍ୟକଳାପ ଓ ରିୟଲିଟି ସେକ୍ଟର ମଜଭୁତ ସ୍ଥିତିକୁ ଫେରିନଥିବାରୁ ନିଯୁକ୍ତି ବୃଦ୍ଧିପାଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଶେୟାର ବଜାରରେ ଏବକାର ଊର୍ଦ୍ଧ୍ୱଗାମୀ ସ୍ଥିତି ସେୟା ରହିବ ବୋଲି ଜଣାପଡୁନି। ଏବେ ନିବେଶକଙ୍କ ପାଖରେ ନଗଦ ଅର୍ଥ ଥିବାରୁ ଏହା ହୋଇଛି। ଆମେରିକା ଏବଂ ଅନ୍ୟ ବିକଶିତ ରାଷ୍ଟ୍ରଗୁଡିକରେ ଯେହେତୁ ସ୍ଥାୟୀ ଆୟ କମିଯାଇଛି ସେଥିପାଇଁ ପ୍ରଚୁର ପରିମାଣର ଅର୍ଥ ଭାରତୀୟ ଷ୍ଟକ୍ ମାର୍କେଟକୁ ଆସୁଛି ଓ ଏହା ବେଶିଦିନ ରହିବ ନାହିଁ। ସୁନା ୧୦ ଗ୍ରାମ୍‌ର ମୂଲ୍ୟ ୫୦,୦୦୦ ଟଙ୍କା ଉପରେ ରହିଛି। ଏଣୁ ନିବେଶକମାନେ ସୁନା ନ କିଣି ଶେୟାର ବଜାରରେ ଲଗାଇବାକୁ ବାଧ୍ୟ ହୋଇଛନ୍ତି। ଏହି ମାସ ଆରମ୍ଭରୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ଭାରତର ଅର୍ଥବ୍ୟବସ୍ଥାକୁ ଟ୍ରାକକୁ ଆଣିବା ଲାଗି ଆଉ ଏକ ଆର୍ଥିକ ପ୍ୟାକେଜ ଆଣିବାକୁ ଚାହୁଁଥିବାର ସୂଚନା ଦେଇଥିଲେ। ତେବେ ଏହି ଆର୍ଥିକ ପ୍ୟାକେଜ ଅର୍ଥବ୍ୟବସ୍ଥା ପାଇଁ ମହୌଷଧି ସାବ୍ୟସ୍ତ ହୋଇ ନ ପାରେ। ପୂର୍ବରୁ ସରକାର ଦୁଇଟି ଆର୍ଥିକ ପ୍ୟାକେଜ ଘୋଷଣା କରିସାରିଛନ୍ତି। ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତା ରାମନ ଆତ୍ମନିର୍ଭର ଭାରତ ୩.୦ର ଏକ ଅଂଶ ଭାବେ ୨,୬୫ ଲକ୍ଷ କୋଟି ଟଙ୍କାର ଆଉ ଏକ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। କିନ୍ତୁ ଏହାର ସିଂହଭାଗ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଏହା ପୂର୍ବରୁ ଘୋଷଣା କରାଯାଇଥିବା ଦୁଇଟି ପ୍ୟାକେଜ ଗରିବମାନଙ୍କୁ ଖର୍ଚ୍ଚ କରିବା ଲଗି ସିଧା ଜମା ଖାତାକୁ ଟ୍ରାନ୍ସଫର କରାଯାଇଥିଲା। ଯେହେତୁ କୋଭିଡ-୧୯ ମହାମାରୀ ଲୋକମାନଙ୍କ ଦୁଃଖ ବଢାଇଦେଇଛି ସେଥିପାଇଁ ପ୍ୟାକେଜର ଆବଶ୍ୟକତା ଥିଲା। ହେଲେ ଏହା ବାଣିଜ୍ୟିକ ସୁଧାର ଲାଗି ଦୀର୍ଘମିଆଦୀ ପୁଞ୍ଜି ସୃଷ୍ଟି କରିପାରିଲା ନାହିଁ। ଏହି ପରିପ୍ରେକ୍ଷୀରେ ଶେୟାର ବଜାରରେ ଦେଖାଦେଇଥିବା ଖୁସି କ୍ଷଣସ୍ଥାୟୀ ହେବ।

# ଆଶା ଓ ଆକାଂକ୍ଷାର ବିଜୟ



ରବି ଶଙ୍କର ପ୍ରସାଦ

୧୫ବର୍ଷ ପରେ ମଧ୍ୟ ବିହାରର ମତଦାତାମାନେ ପୁଣି ଏନ୍‌ଡିଏ ସରକାର ଉପରେ ନିଜର ଆସ୍ଥା ବ୍ୟକ୍ତ କରିଛନ୍ତି। ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ନେଇ ଯେତେ ଯୁକ୍ତିତର୍କ ହେଲେ ମଧ୍ୟ ଗୋଟିଏ କଥା ସତ୍ୟ ଯେ, ଏନ୍‌ଡିଏ, ଏହାର ୪ ସହଯୋଗୀ ଭାଜପା, ଜେଡିୟୁ, ଜିତନରାମ ମାଂଝିଙ୍କର ଏଚ୍‌ଏଏମ୍ ଏବଂ ମୁକେଶ ସାହାଣୀଙ୍କ ଭିଆଇପି ଦଳ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛନ୍ତି। ଯଦି କେତେକ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ବିଧାନସଭା ନିର୍ବାଚନମଣ୍ଡଳୀ ଯେଉଁଥିରେ କି ଏନ୍‌ଡିଏ ପ୍ରାର୍ଥୀମାନେ ଖୁବ୍ କମ୍ ବ୍ୟବଧାନରେ ପରାସ୍ତ ହୋଇଛନ୍ତି, ସେଗୁଡ଼ିକୁ ଜିତିଥିଲେ ଏନ୍‌ଡିଏ ୧୩୫ରୁ ଅଧିକ ଆସନ ପାଇପାରିଥା'ନ୍ତା। ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ଦଳ ମଧ୍ୟ ଏହି କ୍ଷତିପାଇଁ ଦାୟୀ। ଏ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏନ୍‌ଡିଏ ପୂର୍ଣ୍ଣସଂଖ୍ୟାଗରିଷ୍ଠତା ହାସଲ କରିଛି। ବିହାର ମତଦାତାଙ୍କ ପରିପକ୍ୱତା ଏଥିରୁ ସୁସ୍ପଷ୍ଟ।

ନିଜର ଜାତିଗତ ଐତିହ୍ୟ, ଗୋଷ୍ଠୀବାଦ ଏବଂ ସମୟେ ସମୟେ ସାମ୍ପ୍ରଦାୟିକ ଗଣ୍ଡଗୋଳ ସତ୍ତ୍ୱେ ବିହାର ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଅନେକ ସମୟରେ ଧରିନିଆଯାଇଥାଏ ଯେ, ଲୋକମାନେ ଜାତିଗତ ଭିତ୍ତିରେ ବିଭାଜିତ ହୋଇ ଭୋଟଦାନ କରିଥାଆନ୍ତି। ତଥାପି ଏନ୍‌ଡିଏ ବିଜୟ ଲାଭ କରିଛି ଓ କେଉଁ କେଉଁ ମୁଖ୍ୟ ଘଟଣା ଯୋଗୁ ଏହି ବିଜୟ ସମ୍ଭବ ହେଲା, ତାହାର ବିଶ୍ଳେଷଣ ଆବଶ୍ୟକ। ଏହି ବିଜୟ ଯେ ଏକ ଆଶା ଓ ଆକାଂକ୍ଷାର ବିଜୟ, ଏଥିରେ ମୋର ଲେଶମାତ୍ର ସନ୍ଦେହ ନାହିଁ। ବେରୋଜଗାରି ଓ ବିକାଶର ଅନ୍ୟାନ୍ୟ ପ୍ରସଙ୍ଗ ପ୍ରଚାରବେଳେ କୁହାଯାଇଥିଲେ ମଧ୍ୟ ବିହାରର ଜନସାଧାରଣ ସୁଶାସନର ଭଲମନ୍ଦ ବିଚାରକୁ ନେଇ ନିଜର ମତଦାନ କରିଛନ୍ତି। ବିହାର ମୋର ନିଜ ରାଜ୍ୟ ଓ ମୋ ଛାତ୍ର ଜୀବନରୁ ଏହାର ସମସ୍ତ କାର୍ଯ୍ୟକଳାପ ସହିତ ମୁଁ ଜଡ଼ିତ ରହିଛି। ଆଗରୁ ଦୁର୍ଭିକ୍ଷ ବା ବନ୍ୟା ରିଲିଫ୍‌କୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଭାବେ ବିବେଚନା କରାଯାଉଥିଲା, ସେଥିପାଇଁ ବିଜୁଳି ଓ ସଡ଼କକୁ ପରେ ପ୍ରାଧାନ୍ୟ ଦିଆଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ସଡ଼କ ଓ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ବିକାଶ କରାଯାଇ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ଜରିଆରେ ଗାଁରୁ ଗାଁକୁ ପହଞ୍ଚାଇ ଦିଆଗଲା। ଏହାର ସୁଫଳ ଲୋକେ ମର୍ମେ ମର୍ମେ ଅନୁଭବ କରିଛନ୍ତି। ମୋର ମନେଅଛି ପ୍ରଚାର କାଳରେ ମୁଁ କେତେକ ଲୋକଙ୍କୁ ପଚାରିଥିଲି, ନେପାଳ ସୀମାରୁ ପାଟ୍‌ନାରେ ପହଞ୍ଚିବାକୁ କେତେ ସମୟ ଲାଗେ। ଜନସାଧାରଣଙ୍କ ସିଧା ଉତ୍ତର ଥିଲା, ପ୍ରାୟ ୪ ରୁ ୫ ଘଣ୍ଟା। ବିହାରରେ ବର୍ତ୍ତମାନ ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ପାଟ୍‌ନାରେ ଗୋଟିଏ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା କରାଯାଇଛି, ଯାହାକି କୋଭିଡ୍ ସମୟରେ ଖୁବ୍ ପ୍ରଶଂସନୀୟ କାର୍ଯ୍ୟ କରିଛି। ଏହାକୁ ଛାଡ଼ି ଦରଭଙ୍ଗାରେ ଆଉ ଏକ ଏମ୍ସ ପ୍ରତିଷ୍ଠା ହେବାକୁ ଯାଉଛି। ୮ଟି ନୂତନ ମେଡିକାଲ କଲେଜ ଓ ଗଙ୍ଗା ନଦୀ ଉପରେ ପ୍ରାୟ ୫ଟି ନୂତନ ସେତୁ ମଧ୍ୟ ତିଆରି ହେବ। ସେଥିରୁ ୨ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଲାଣି। ସ୍ୱାଧୀନତା ପରଠାରୁ ରାଜ୍ୟରେ ମୋଟ ୨ଟି ସେତୁ ଥିଲା। ୧୯୩୪ରେ ଭୂମିକମ୍ପ ଯୋଗୁ ବିଚ୍ଛିନ୍ନ ହୋଇଯାଇଥିବା ମିଥିଳା ଓ କୋସି ଅଞ୍ଚଳ ଆଜି କୋସି ନଦୀର ସେତୁ ଯୋଗୁ ଉଭୟ ରେଳ ଓ ସଡ଼କ ଯୋଗେ ଯୋଡ଼ି ହୋଇପାରିଛି। ପାଟ୍‌ନାରେ ଆଜି ଚାଣକ୍ୟ ଆଇନ ପ୍ରତିଷ୍ଠାନ ଯୋଗୁ ୫ ବର୍ଷିଆ ସମନ୍ୱିତ ଆଇନ ଶିକ୍ଷା ଉପାଧି ପ୍ରଦାନ କରାଯାଉଛି। ଏନ୍‌ଆଇଏଫ୍‌ଟି, ଆଇଆଇଟି ଏବଂ ବୁଦ୍ଧଗୟାରେ ଆଇଆଇଏମ୍ ମଧ୍ୟ ପ୍ରତିଷ୍ଠା ହୋଇଛି। ବିହାରର ଅଧିକାଂଶ ସ୍ଥାନରେ ବିପିଓ ଗଢ଼ି ଉଠିଥିବା ବେଳେ ପାଟ୍‌ନାରେ ଟିସିଏସ୍‌ର କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି। ଏହିସବୁ କେବେବି ଦେଖାଯାଇନଥିବା ପରିବର୍ତ୍ତନ ଲୋକଙ୍କ ମନରେ ଏକ ଆଶା ଓ ବିଶ୍ୱାସ ସୃଷ୍ଟି କରିପାରିଛି।

ତେବେ ସବୁଠାରୁ ବଡ଼କଥା ହେଲା ବିକାଶର ଅନ୍ତର୍ଭୁକ୍ତୀକରଣ। ଉଜ୍ଜ୍ୱଳା ଯୋଜନାରେ ବିଶେଷକରି ମହିଳାମାନେ ଗ୍ୟାସ୍ ସିଲିଣ୍ଡରର ସୁବିଧା ପାଇଥିବା ବେଳେ ପ୍ରତ୍ୟକ୍ଷ ପୁଞ୍ଜି ହସ୍ତାନ୍ତରଣ ଯୋଗୁ ଉଭୟ ମହିଳା ଓ ଅନ୍ୟାନ୍ୟ ହିତାଧିକାରୀ ଆର୍ଥିକ ସହାୟତା ପାଇ ନିଜକୁ ସଶକ୍ତ କରିପାରିଛନ୍ତି। ପିଏମ୍ କିଷାନ ଯୋଜନାରେ ଚାଷୀମାନଙ୍କ ଖାତାକୁ ବାର୍ଷିକ ୬ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଆସିଥିବା ବେଳେ ପ୍ରଧାନମନ୍ତ୍ରୀ କିଷାନ ମାନ-ଧନ ଯୋଜନା ଅଧୀନରେ ସାମାଜିକ ସୁରକ୍ଷା ପେନ୍‌ସନ ମଧ୍ୟ ସେମାନେ ପାଉଛନ୍ତି। ଏହାଛଡ଼ା ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ୍, ନିରାପଦ ପାନୀୟ ଜଳ, ପ୍ରତି ଗ୍ରାମରେ ପାଇଖାନା ଏବଂ ପଞ୍ଚାୟତ ଓ ସରକାରୀ ଚାକିରିରେ ନୀତୀଶ କୁମାରଙ୍କ ଅସାଧାରଣ ପଦକ୍ଷେପ ସ୍ୱରୂପ ସଂରକ୍ଷଣ ବ୍ୟବସ୍ଥା ଇତ୍ୟାଦି ଯୋଗୁ ଲୋକମାନଙ୍କ ମନରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତି ଆଶା ଆକାଂକ୍ଷା ବୃଦ୍ଧି ପାଇଛି।

ଏହି ନିର୍ବାଚନରେ ମହିଳାଙ୍କ ଭଳି ନୀରବ ମତଦାତା ହୁଅନ୍ତୁ ବା ଅତ୍ୟନ୍ତ ଅନଗ୍ରସର ବ୍ୟକ୍ତି ହୁଅନ୍ତୁ, ସେମାନେ ସମସ୍ତେ ଏନ୍‌ଡିଏ ପ୍ରତି ନିଜର ସମର୍ଥନ ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟ, କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତା ଓ ବିହାରର ବିକାଶ ଏବଂ ସର୍ବୋପରି ପ୍ରଧାନମନ୍ତ୍ରୀଙ୍କ ବିନମ୍ର ନିବେଦନ ଯୋଗୁ ଜାତି ଓ ଗୋଷ୍ଠୀ ନିର୍ବିଶେଷରେ ଜନସାଧାରଣ ଏନ୍‌ଡିଏକୁ ଭୋଟ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସର ମନ୍ତ୍ର ସମସ୍ତ ସଂକୀର୍ଣ୍ଣତାକୁ ପଛରେ ପକାଇଦେଇଛି। ସର୍ବୋପରି ସର୍ଭେ ବା ଏକ୍‌ଜିଟ ପୋଲ କରୁଥିବା ଲୋକମାନଙ୍କ ଆଗରେ ସେମାନଙ୍କର ନୀରବତା ସମସ୍ତଙ୍କୁ ବିସ୍ମିତ କରିଦେଇଛି ଏବଂ ଏହି ସଂସ୍ଥାଗୁଡ଼ିକୁ ଏହା ଏକ ଶିକ୍ଷା ଦେଇଛି।

କୋଭିଡ୍-୧୯ କେବଳ ବିହାର ନୁହେଁ, ସମଗ୍ର ବିଶ୍ୱ ପାଇଁ ଏକ ବାସ୍ତବତା। ମାତ୍ର ବିହାରର ପ୍ରାୟ ୮ କୋଟି ଲୋକଙ୍କୁ ନରେନ୍ଦ୍ର ମୋଦିଙ୍କ ସରକାର ମାଗଣା ଖାଦ୍ୟ ଓ ପ୍ରବାସୀ ଶ୍ରମିକମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇଛନ୍ତି। ମୁଁ ସ୍ୱୀକାର କରୁଛି ଯେ, ନୀତୀଶ ସରକାର ଲୋକମାନଙ୍କ ହୃଦୟକୁ ଛୁଇଁବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ସ୍ପଷ୍ଟ କହିଛନ୍ତି ଯେ, ବିହାରର ବିକାଶ ବିନା ଭାରତର ବିକାଶ ସମ୍ଭବ ନୁହେଁ। ପୂର୍ବାଞ୍ଚଳର ବିକାଶ ପାଇଁ ସରକାର ଅଙ୍ଗୀକାରବଦ୍ଧ। ମୁଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଏଇଥିପାଇଁ ଜଣାଉଛି ଯେ, ଯେତେବେଳେ ସେ ଦେଶର ୬ ଲକ୍ଷ ଗ୍ରାମ ପଞ୍ଚାୟତକୁ ଅପ୍‌ଟିକାଲ ଫାଇବର ଯୋଗେ ଯୋଡ଼ିବା ପାଇଁ ନିଷ୍ପତ୍ତି ନେଲେ, ସେତେବେଳେ ବିହାରର ସମସ୍ତ ଗ୍ରାମକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଁ ଅନୁମତି ମାଗିଥିଲି। ସେ ଅନୁମତି ଦେଲେ ଓ ଆମେ ସାଧାରଣ ସେବା କେନ୍ଦ୍ର ଜରିଆରେ ସମସ୍ତ ଗ୍ରାମକୁ ସଂଯୋଗ କରିବା ପାଇଁ କାର୍ଯ୍ୟ ଆରମ୍ଭ କଲୁ। ତେଣୁ ବିହାରର ବିକାଶକୁ କିଏ ତ୍ୱରାନ୍ୱିତ କରିପାରିବ ବୋଲି ପ୍ରଶ୍ନ ଉଠିଲେ ବିହାରର ସାଧାରଣ ମତଦାତା ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ଓ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଏ ଦିଗରେ ଏହା ଦେଇପାରିବ ବୋଲି ହୃଦ୍‌ବୋଧ କଲେ। ଲୋକ ସବୁବେଳେ ମିଥ୍ୟା ଆଶ୍ୱାସନା ନୁହେଁ ବରଂ ପ୍ରକୃତ କାର୍ଯ୍ୟ ଉପରେ ଭରସା ରଖିଥାଆନ୍ତି। ମୋ ମତରେ ବିହାର ନିର୍ବାଚନରେ ଏହା ଯଥାର୍ଥ ଭାବରେ ପ୍ରତିପାଦିତ ହୋଇଛି। ହଁ ଏକଥା ବି ସତ୍ୟ ଯେ, ଲୋକମାନେ ଜଙ୍ଗଲରାଜ୍‌ର ଦୌରାତ୍ମ୍ୟକୁ ଭୁଲି ପାରିନାହାନ୍ତି ଓ ସେମାନେ ବହୁ ବର୍ଷ ଧରି ଏହାର କୁପରିଣାମ ଭୋଗିଛନ୍ତି। ସମୟର କଷଟି ପଥରରେ ଯେଉଁମାନେ ପରୀକ୍ଷିତ, ସେମାନଙ୍କ ଉପରେ ଭରସା କରିଛନ୍ତି। ଯୁବଗୋଷ୍ଠୀଙ୍କ ସମେତ ମୋ ରାଜ୍ୟର ଜନସାଧାରଣଙ୍କ ମନରେ ବହୁତ ଆଶା ରହିଛି। ନିର୍ବାଚନ ପ୍ରଚାର ବେଳେ ମୁଁ ଲକ୍ଷ୍ୟ କରିଛି ଅନେକ ଯୁବତୀ ଯୁବକ ମୋ ଭାଷଣକୁ ସେମାନଙ୍କ ସ୍ମାର୍ଟ ଫୋନ୍ ଜରିଆରେ ରେକର୍ଡ କରୁଥିଲେ। ଯେତେବେଳେ ମୁଁ ସେମାନଙ୍କୁ ପଚାରିଲି, ତୁମମାନଙ୍କ ମଧ୍ୟରୁ କେତେଜଣ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛ, ସେତେବେଳେ ହଜାର ହଜାର ହାତ ଉପରକୁ ଉଠିଥିଲା। ଏପରିକି ରାଜ୍ୟର ଅନେକ ଦୁର୍ଗମ ଅଞ୍ଚଳରେ ମଧ୍ୟ ଏହା ଦେଖାଦେଇଥିଲା। ଏହା ହେଉଛି ଏକ ନୂତନ ପରିବର୍ତ୍ତନ, ଯାହାକି ଲାଲୁଙ୍କ ଲାଠି ଧରି ଶାସନ କରିବାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏବେ କମ୍ପ୍ୟୁଟର, ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ଇଣ୍ଡିଆ ଜରିଆରେ ସୁବିଧା ସୁଯୋଗ ପାଇବାର ବେଳ ଉପନୀତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ଯୋଗୁ ଆମେ ସମସ୍ତେ କୃତଜ୍ଞ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାଙ୍କ ପ୍ରଚାର ଯୋଗୁ ଭୋଟ ମଧ୍ୟ ଆମ ସପକ୍ଷରେ ଯାଇଥିଲା। ବିହାରର ମତଦାତା ଆମ ଉପରେ ବିଶ୍ୱାସ ରଖିଛନ୍ତି ଓ ଆମେ ଆମର ପ୍ରତିଶ୍ରୁତି ନିଶ୍ଚୟ ପୂରଣ କରିବୁ।

(ଲେଖକ କେନ୍ଦ୍ର ଆଇନ, ନ୍ୟାୟ, ଦୂରସଞ୍ଚାର, ଇଲେକ୍ଟ୍ରୋନିକ୍ ଓ ଆଇଟି ମନ୍ତ୍ରୀ ତଥା ଲୋକ ସଭାରେ ପାଟ୍‌ନା ସାହିବକୁ ପ୍ରତିନିଧିତ୍ୱ କରୁଛନ୍ତି)

# ରୋଗୀ ସେବାରେ ଚପଲ



ଶୁଭନାରାୟଣ ଶତପଥୀ

ରୋଗୀ ସହ ରୋଗ ଓ ଡାକ୍ତରଖାନା ଯେଉଁଭଳି ଭାବେ ଜଡିତ, ଚପଲ ସହ ରୋଗୀର ସମ୍ପର୍କ ସେହିଭଳି ନିବିଡ। କାରଣ ରୋଗୀକୁ ଖାଲି ପାଦରେ ଚାଲିବା ମନା। ଏବଂ ଚପଲ ତାକୁ ଆସନ୍ନ ବାଧାବିଘ୍ନରୁ ଦୂର କରେ। ରୋଗୀଟି ଯେତେବେଳେ ଡାକ୍ତରଖାନାକୁ ଯାଏ ଓ ପରବର୍ତ୍ତୀ ସମୟରେ ତାକୁ ଆଡ୍‌ମିଶନ ହେବାକୁ ପଡେ ସେତେବେଳେ ସେ ଆବଶ୍ୟକତା ଅନୁସାରେ ଆଇସିୟୁ କିମ୍ବା ଭେଣ୍ଟିଲେଟର କିମ୍ବା କ୍ୟାବିନ କିମ୍ବା ଓାର୍ଡ କିମ୍ବା ପର୍ଯ୍ୟବେକ୍ଷଣ ଗୃହରେ ରହିଥାଏ। ରହିବା ସମୟରେ ଅଧିକାଂଶ ନର୍ସିଂ ହୋମ, ବେସରକାରୀ ଓ ସରକାରୀ ଡାକ୍ତରଖାନାରେ ମଧ୍ୟ ରୋଗୀଟି ବିନା ଚପଲରେ ଚଲାବୁଲା କରୁଥିବାର ନଜିର ସାମ୍ନାକୁ ଆସେ। ଫଳରେ ଅନେକ ଜୀବାଣୁ, ଭୂତାଣୁ ବାହାକ ବ୍ୟକ୍ତି, ବସ୍ତୁମାନଙ୍କ ଦ୍ୱାରା ସମ୍ପର୍କରେ ଆସିବାର ସମ୍ଭାବନା ଥାଏ। ତେବେ ସେଠାକାର କର୍ମକର୍ତ୍ତା, ଡାକ୍ତର, ସେବକ ସେବିକା, ଆଟେଣ୍ଡାଣ୍ଟମାନେ ଚପଲ ପିନ୍ଧି ରୋଗୀଟି ପାଖକୁ ଆସନ୍ତି ଓ ସେବା ଯୋଗାନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେତେବେଳେ ସେହି ରୋଗୀଟି ସମ୍ପୃକ୍ତ କକ୍ଷର ଶୌଚାଳୟକୁ ଯାଏ ବା ଉକ୍ତ ସ୍ଥାନରେ ଚଲାବୁଲା କରେ, ସେତେବେଳେ ତା' ପାଦରେ ଚପଲ ନ ଥାଏ। କାରଣ ଆଡ୍‌ମିଶନ ପୂର୍ବରୁ ରୋଗୀଟି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବା କକ୍ଷ ବାହାରେ ଚପଲ ରଖି ଭିତରକୁ ଆସିଥାଏ। ଫଳରେ ରୋଗୀର ଆଟେଣ୍ଡାଣ୍ଟ ବା ନିଜେ ରୋଗୀଟି ଓାର୍ଡ ବା କ୍ୟାବିନ ଭିତରେ ଆଉ ଚପଲ ବ୍ୟବହାର କରିପାରେ ନାହିଁ। ତେବେ ଯୁକ୍ତିସଂଗତ ଏହା ଯେ, ତା'ର ଚପଲଟି ପୂର୍ବ ବ୍ୟବହାର୍ଯ୍ୟ ତଥା ବାହାରୁ ପିନ୍ଧି ଆସିଥିବାରୁ ସେହି ଚପଲ ମାଧ୍ୟମରେ ରୋଗ, ଜୀବାଣୁ ଆସିବା ଓ ଅନ୍ୟ ରୋଗୀଙ୍କୁ ସଂକ୍ରମଣ କରାଇବାର ଭୟ ରହିଛି। କିନ୍ତୁ ସ୍ୱୀକାର୍ଯ୍ୟ ଯେ, ଯେଉଁ ରୋଗୀଟି ଚିକିତ୍ସା ପାଇଁ ଡାକ୍ତରଖାନା ଆସିଥାଏ ଓ ଆଡ୍‌ମିଶନ ହୋଇଥାଏ ସେ ନିଶ୍ଚିତ ରୂପେ ଅନ୍ୟାନ୍ୟ ରୋଗ ସଂକ୍ରମଣ ପ୍ରତି ଅଧିକ ଦୁର୍ବଳ। ଏଣୁ ଏପରିସ୍ଥଳେ ରୋଗୀ ଓ ରୋଗୀ ସାଥୀ ଉଭୟ ଜୀବଣୁଶୂନ୍ୟ ଚପଲ କିମ୍ବା ନୂତନ ଚପଲ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଯେଉଁମାନେ ଚପଲ ପିନ୍ଧିବାରେ ଅକ୍ଷମ ଆବଶ୍ୟକ ସ୍ଥଳେ ସେମାନେ ନନ୍ ସ୍ଲିପ ସ୍ଲିପର ମଧ୍ୟ ବ୍ୟବହାର କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରତିଷେଧକ ରୂପରେ ପ୍ରଥମ ପ୍ରେସ୍‌କ୍ରିପସନରେ ଏପରି ପରାମର୍ଶ ଡାକ୍ତରଙ୍କ ତରଫରୁ ରହିବା ଜରୁରୀ। ରୋଗୀର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ନିଜ ଜୀବନକୁ ସୁରକ୍ଷିତ ରଖିବାକୁ ନିୟମିତ ଚପଲକୁ ସାନିଟାଇଜ କରିବା ବା ନୂତନ ଚପଲ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବାରେ ଅସୁବିଧା କେଉଁଠି ଅଛି ? ହଁ ରୋଗୀ ରହୁଥିବା କକ୍ଷ ଯେପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିପ୍ରତି ରୋଗୀ, ତା'ର ସମ୍ପର୍କୀୟ, ଚିକିତ୍ସକ, ସେବିକା ସେବକଙ୍କର ନିଘାରହିବା ସର୍ବାଦୌ ବିଧେୟ।

ଟିକେ ନିରେଖି ଦେଖିଲେ ଏହା ପ୍ରତୀତ ହୁଏ ଯେ ଡାକ୍ତରଖାନାଗୁଡିକରେ କର୍ମକର୍ତ୍ତାଙ୍କ ନିମନ୍ତେ ବ୍ୟବହାର ପାଇଁ ଥିବା ଆନ୍ତଃଗୃହ ଚପଲଗୁଡିକୁ ସେମାନେ ନିଜ ଭିତରେ ଅଦଳବଦଳ କରି ପିନ୍ଧିଥାନ୍ତି। ଏମିତି କି ଛୋଟପାଦରେ ବଡ ଚପଲ, ବଡ ପାଦରେ ଛୋଟ ଚପଲ, ପୁରୁଷ ପାଦରେ ମହିଳା ଚପଲ ଓ ମହିଳା ପାଦରେ ପୁରୁଷ ଚପଲ ପନ୍ଧିଥିବାର ମଧ୍ୟ ଦେଖିବାକୁ ମିଳେ। ଆଉ ଗୋଟିଏ ଚପଲ ଯେ ନିର୍ଦ୍ଦିଷ୍ଟ ଷ୍ଟାଫ୍ ବ୍ୟବହାର କରିବେ, ସେପରି ସମ୍ଭବ ହୋଇ ନ ଥାଏ। ତା'ଛଡା ପ୍ରାୟତଃ ଚପଲ ସାନିଟାଇଜ ବ୍ୟବସ୍ଥା ଅଧିକାଂଶ ଡାକ୍ତରଖାନାରେ ଦେଖିବାକୁ ମିଳେନାହିଁ। ଏହି କ୍ରମରେ ରୋଗୀ ସେବା ପ୍ରଦାନକାରୀ କର୍ମକର୍ତ୍ତାଙ୍କ ନିମନ୍ତେ ଡିସ୍‌ପୋଜେବଲ, ସିଙ୍ଗଲ ୟୁଜ୍ ସ୍ଲିପରର ବ୍ୟବସ୍ଥା ରହିଲେ ଭଲ। ୨୦୧୭ରେ ପ୍ରକାଶିତ ନ୍ୟାଶନାଲ ମେଡିକାଲ ଜର୍ନାଲ ଅଫ ଇଣ୍ଡିଆର ରପୋର୍ଟରୁ ଜଣାଯାଏ ଉପଯୁକ୍ତ ଚପଲ ବା ଜୋତା ନ ପିନ୍ଧିବା କାରଣରୁ ଡାଇବେଟିସ, ସ୍ନାୟୁରୋଗୀଙ୍କ ମଧ୍ୟରେ ପାଦଘାଆର ସମସ୍ୟା ଦେଖାଯାଉଛି। ତେବେ ନଖରେ ସଂକ୍ରମଣ ଭଳି ସମସ୍ୟାକୁ ଏହା ବହୁଗୁଣିତ କରିପାରେ। ତା'ଛଡା ବିଭିନ୍ନ ଅପରିଷ୍କାର ପଦାର୍ଥ ବା ବସ୍ତୁ ଏମିତି କି ମଣିଷର ମଳ, ଛେପ, ମୂତ୍ର ଇତ୍ୟାଦିର ସଂସ୍ପର୍ଶରେ ଆସିବା ଦ୍ୱାରା ସଂକ୍ରମଣର ଭୟ ରହିଥାଏ। ଏଣୁ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ଡାକ୍ତରଖାନା ପରିଦର୍ଶକମାନେ ରୋଗୀକୁ ଚପଲ ପିନ୍ଧିବା ସମ୍ବନ୍ଧରେ ସଚେତନ କରାଇବା ସହ ନିୟମିତ ନିରୀକ୍ଷଣ କରିବା ଆବଶ୍ୟକ। ଆମେ ଜାଣୁ ଯେ, ପରିଦର୍ଶକଙ୍କଠାରୁ ଆରମ୍ଭକରି ରୋଗୀ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ସ୍ଥାନରୁ ବା ପରିବେଶରୁ ଜୋତା ପିନ୍ଧି ଆସିଥାନ୍ତି। ଯଦିଓ ଡାକ୍ତରଖାନାରେ ସ୍ୱଚ୍ଛତା, ପରିମଳ ପ୍ରତି ଧ୍ୟାନ ଦିଆଯାଉଛି, ତଥାପି ବ୍ୟକ୍ତିଗତ ସୁରକ୍ଷା ନିମନ୍ତେ ରୋଗୀ ବା ରୋଗୀ ସାଥୀଙ୍କର ଚପଲ ବ୍ୟବହାରକୁ ବାଧ୍ୟତାମୂଳକ କରିବା ଉଚିତ। ଫଳରେ ଅଧିକ ଦିନ ଧରି ରହୁଥିବା ରୋଗୀମାନଙ୍କ କ୍ଷେତ୍ରରେ ଏହା ବିଶେଷ ଫଳପ୍ରଦ ହେବ। ଡାକ୍ତରଖାନା ନିକଟରେ ବା ବେସରକାରୀ ଡାକ୍ତରଖାନା ପରିସର ମଧ୍ୟରେ ଚପଲ ଦୋକାନ ଗଢିଉଠିଲାଣି ତଥାପି ଚପଲର ବ୍ୟବହାର ଓ ତତ୍‌ସଂକ୍ରାନ୍ତୀୟ ସ୍ୱଚ୍ଛତା ସେତେଟା ସନ୍ତୋଷଜନକ ନୁହେଁ।

ରୋଗୀଟିଏ ଡାକ୍ତରଖାନାରେ ରହିବା ସମୟରେ ଚପଲ ବ୍ୟବହାର ନ କରିବା ଏକ ଅତି ଦୁର୍ବଳ କ୍ଷେତ୍ର ବୋଲି ମନେହୁଏ, ଯେଉଁଠି କୋଭିଡ୍ ଓ ଅନ୍ୟାନ୍ୟ ରୋଗ ସଂକ୍ରମଣର ଭୟ ରହିଛି। ଉପଯୁକ୍ତ ଓ ନିୟମିତ ଚପଲ ବା ଜୋତା ବ୍ୟବହାରକୁ ନିଶ୍ଚିତ କରିବାକୁ ହେବ, ତେବେ ଯାଇ ଡାକ୍ତରଖାନାରେ ରୋଗୀ ସେବାର ପରିପୂର୍ଣ୍ଣତା ଉପଲବ୍ଧି କରିହେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

ଗାଁର ନାମ ମୁରଲୀପୁର। ଉତ୍ତରପ୍ରଦେଶ ଜାଉନପୁର ଜିଲାର ଏହି ଗାଁର ଝିଅମାନେ ପୁରୁଣା କଟକଣାକୁ ଭାଙ୍ଗି ଦେଇ ଏବେ ସେମାନେ କ୍ରିକେଟ ଖେଳିବାକୁ ବାହାରି ଆସିଛନ୍ତି। ଏହି ଗାଁରେ ରହିଛି ଅଜବ ପରମ୍ପରା। ଏଠାରେ ଝିଅକୁ ଖେଳିବାକୁ କି ପଢ଼ିବାକୁ ବାରଣ କରାଯାଏ। ଯେଉଁମାନେ ଅନ୍ୟ ଗାଁରୁ ଏହି ଗାଁକୁ ବୋହୂ ହୋଇ ଆସନ୍ତି ସେମାନଙ୍କୁ ବି ବହୁ କଟକଣା ମଧ୍ୟରେ ରହିବାକୁ ପଡ଼େ। କିନ୍ତୁ ପଡୋଶୀ ଗାଁ ଉଦପୁର ଗେଲହାୱାରୁ ବାହା ହୋଇ ଆସିଥିବା କାଞ୍ଚନ ଏହି ସବୁ କଟକଣାକୁ ଭାଙ୍ଗିବା ଲାଗି ଆଗକୁ ବାହାରି ସଫଳ ହୋଇଛନ୍ତି। ତାଙ୍କ ଉଦ୍ୟମରେ ଏବେ ଝିଅମାନେ ସ୍କୁଲକୁ ଯାଉଛନ୍ତି। ସ୍କୁଲରୁ ଆସି ଘର କାମ କରୁଛନ୍ତି। ଲିଜର ଟାଇମରେ ସେମାନେ ଖେଳିବା ଦରକାର ବୋଲି କାଞ୍ଚନ ସେମାନଙ୍କ ମା'ଙ୍କୁ ଅବଗତ କରିବା ପରେ ଏବେ ଝିଅମାନଙ୍କୁ ଖେଳିବାକୁ ଅନୁମତି ଦିଆଯାଇଛି। ସେମାନେ କ୍ରିକେଟ ଖେଳିବା ଆରମ୍ଭ କରିଦେଇଛନ୍ତି। ଏହା କ'ଣ ଝିଅଙ୍କ ଖେଳ କହି ବିରୋଧ କରୁଥିବା ସେମାନଙ୍କ ପିତା ଏବେ ଖେଳିବା ଲାଗି ଉତ୍ସାହିତ କରୁଛନ୍ତି। ଖେଳିଲେ ମାଡ ମାରିବାର ଧମକ ଦେଉଥିବା ସେମାନଙ୍କ ଭାଇମାନେ ବି ପଡିଆରେ ଉତ୍ସାହିତ କରିବାକୁ ପହଞ୍ଚିଯାଉଛନ୍ତି। ବେଳେବେଳେ ଝିଅମାନଙ୍କ ସହ ମିଶି ଏମାନେ ବି ଖେଳୁଛନ୍ତି। ଝିଅମାନେ ପୁରୁଣାକାଳିଆ ପ୍ରଥାକୁ ଭାଙ୍ଗି ଆଗକୁ ବଢିଥିବାରୁ ସେମାନଙ୍କ ଉପରେ ଏକ ଫିଲ୍ମ ମଧ୍ୟ ନିର୍ମାଣ କରାଯାଇଛି।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ
ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝରେ ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ
ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ। -(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | 9 | | D | 0 | | | | | | | |
| | | B | C | | | 8 | 4 | | | A | 2 | 0 | | |
| | | | 3 | | 6 | 1 | 2 | C | | | | | | E |
| C | A | | | | | 3 | B | 5 | | E | 1 | | | |
| | | | | | | | | | | | | D | 3 | |
| | 7 | 5 | | E | | | | 2 | | | | | | |
| 0 | | 3 | 5 | | 1 | | D | | | | | | | 2 |
| D | | | A | | 8 | | | 4 | 0 | | | | | 1 |
| | | 4 | | B | 9 | E | | | | | | | | |
| E | | | | | | | 3 | 1 | | 8 | | 4 | B | 6 |
| | | | | 3 | | C | | 0 | A | 4 | | E | | 8 |
| | | 7 | 8 | | 2 | | | | | | E | | 5 | A |
| | | | 1 | 7 | E | | | | | | C | 2 | 6 | |
| 5 | | | | | C | B | | 7 | | | | | | 9 |
| A | 9 | 6 | D | | | | | 8 | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | B | 7 | 2 | 8 | C | 3 | 5 | 6 | 1 | E | 0 | A | D |
| D | E | 2 | A | C | 4 | 1 | 8 | 0 | B | 9 | 5 | 3 | 7 | 6 |
| 5 | A | 8 | E | D | 3 | B | 2 | 6 | 0 | 7 | C | 4 | 9 | 1 |
| 1 | C | 7 | B | 6 | 0 | 9 | A | D | 2 | 3 | 4 | 5 | E | 8 |
| 6 | 3 | 0 | 1 | 5 | 9 | E | 4 | 7 | 8 | D | A | C | 2 | B |
| A | 6 | D | C | 4 | 7 | 0 | E | 1 | 9 | 2 | 3 | 8 | B | 5 |
| 2 | B | 5 | 0 | 9 | 6 | D | 7 | 8 | E | C | 1 | A | 3 | 4 |
| 7 | 8 | C | 5 | 3 | 1 | 2 | 9 | A | 4 | 0 | B | D | 6 | E |
| 3 | 0 | 1 | D | 8 | E | 4 | 5 | B | 7 | A | 6 | 9 | C | 2 |
| 9 | 4 | E | 2 | B | A | 3 | 6 | C | D | 5 | 8 | 1 | 0 | 7 |
| B | D | A | 9 | 0 | 2 | 5 | 1 | E | 3 | 4 | 7 | 6 | 8 | C |
| C | 5 | 3 | 6 | 7 | D | 8 | B | 4 | A | E | 9 | 2 | 1 | 0 |
| E | 2 | 6 | 4 | A | C | 7 | 0 | 9 | 1 | 8 | D | B | 5 | 3 |
| 8 | 7 | 9 | 3 | 1 | 5 | 6 | D | 2 | C | B | 0 | E | 4 | A |
| 0 | 1 | 4 | 8 | E | B | A | C | 3 | 5 | 6 | 2 | 7 | D | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଗକୁ ଭାରିବେଳ ଆସୁଛି

ମହାଶୟ,

ଏବେ ଧନୀ ରାଷ୍ଟ୍ରମାନଙ୍କ ମଧ୍ୟରେ ୧ନମ୍ବର ହେବାକୁ ପ୍ରତିଯୋଗିତା ଚାଲିଛି। ସେଥିପାଇଁ ଧନବଳ, ବାହୁବଳ, ବିଜ୍ଞାନ କୂଟନୀତିକୁ ଖଟାଇ ଅନ୍ୟ ରାଷ୍ଟ୍ରକୁ ପଦାନତ କରିବା ପାଇଁ ଯତ୍ନବାନ ହେଉଛନ୍ତି। କିଛି ରାଷ୍ଟ୍ର ବିଦେଶୀ ନେତା ସେମାନଙ୍କ ଜ୍ଞାନକୌଶଳକୁ କଲ୍ୟାଣକାରୀ କାର୍ଯ୍ୟରେ ନ ଲଗାଇ ଲୋକମାନଙ୍କୁ ଧ୍ୱଂସ କରିବାକୁ ମସୁଧା ଚଳାଇଛନ୍ତି । ଏହି ଅବସରରେ କେତେକ କୁଚକ୍ରୀ ରାଷ୍ଟ୍ର ଆଣବିକ ଯୁଦ୍ଧକୁ ପରିତ୍ୟାଗ କରି ଜୀବାଣୁ ଅସ୍ତ୍ରକୁ ପ୍ରୟୋଗ କରୁଛନ୍ତି। ଏବେ ଉହାନ୍‌ରୁ କରୋନା ଜୀବାଣୁ ବାହାରି ସାରା ବିଶ୍ୱକୁ ଗ୍ରାସ କରିବାକୁ ବସିଛି। ଏ ରୋଗକୁ ପ୍ରତିରୋଧ କରିବା ପାଇଁ ବୈଜ୍ଞାନିକ, ଡାକ୍ତର ଓ ଗବେଷକମାନେ ଦିନରାତି ଅକ୍ଲାନ୍ତ ଗବେଷଣ ଜାରି ରଖିଥିଲେ ମଧ୍ୟ ଏଥିପାଇଁ କୌଣସି ଟିକା କିମ୍ବା ଔଷଧ ବାହାର କରିବାକୁ ସମର୍ଥ ହୋଇପାରିନାହାନ୍ତି। ଏତିକିରେ କଥା ଶେଷ ହେଉନାହିଁ। ଆଗକୁ ଆହୁରି ଭାରି ବେଳ ଆସୁଛି । କରୋନାଠାରୁ ଆହୁରି ଭୟାବହ ସୃଷ୍ଟି କରିପାରୁଥିବା ଜୀବାଣୁ ଅସ୍ତ୍ରକୁ ମଧ୍ୟ ଅନ୍ୟ କୁଚକ୍ରୀ ରାଷ୍ଟ୍ର ନେତା ପୋଷିପାଳି ସାଇତି ରଖିଛନ୍ତି। ସେମାନଙ୍କ ସ୍ୱାର୍ଥରେ ବାଧା ଆସିଲେ ସେହି ଅସ୍ତ୍ରକୁ ପ୍ରୟୋଗ କରିବାକୁ କୁଣ୍ଠାବୋଧ କରିବେ ନାହିଁ।

ମହେଶ୍ୱର ନାୟକ,ଦୋବନ୍ଧା, ଗୋଗୁଆ,କେନ୍ଦ୍ରାପଡା

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୯୫**

- ଶ୍ରୀଲଙ୍କା ସୈନ୍ୟମାନେ ଜାଫନା ଉପଦ୍ୱୀପର କିଛି ଅଧିକ ଅଞ୍ଚଳକୁ ନିଜ ଅକ୍ତିଆରକୁ ଆଣିବା ବେଳେ ସଂଘର୍ଷ ଘଟି ୬୦ ଜଣ ଗେରିଲା ଓ ୧୬ ଜଣ ସିଂହଳୀ ସୈନ୍ୟ ପ୍ରାଣ ହରାଇଛନ୍ତି।
- ବାଂଲାଦେଶର ଉତ୍ତର ଭାଗରେ ଥିବା ତିସ୍ତା ନଦୀରେ ଏକ ମୋଟର ଚାଳିତ ନୌକା ବୁଡ଼ିଯିବା ଫଳରେ ୨୩ ମୃତ।

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୨୭,୪୨,୪୮୮ | ୧୨,୯୩,୯୯୦ | ୩,୬୮,୩୮,୯୪୩ |
| ଭାରତ | ୮୭,୦୨,୬୮୦ | ୧,୨୮,୨୯୯ | ୮୦,୮୨,୪୪୩ |
| ଓଡ଼ିଶା | ୩,୦୫,୯୮୬ | ୧୪୮୩(+୫୩) | ୨,୯୩,୭୪୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): କମିଶନରେଟ ପୋଲିସର 'ଦାଦାବଟିକୁ ନା' ମିଶନର ପ୍ରଥମ ଶିକାର ହୋଇଥିବା ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଗୁରୁବାର ଜାମିନ ଆବେଦନର ଶୁଣାଣି କରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ସତ୍ୟନାରାୟଣ ପ୍ରଧାନ ତାହାକୁ ଖାରଜ କରିଦେବା ସହ ବିଚାର ବିଭାଗୀୟ ହାଜତରେ ରହିବା ପାଇଁ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁରେଶ କୁମାର ବାରିକ ମାମଲା ପରିଚଳନା କରିଥିଲେ। ସୂଚନାଯୋଗ୍ୟ, ବହୁ ଚର୍ଚ୍ଚିତ ଜୁଡୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାରେ ୧୦ବର୍ଷ ସଜା କାଟି ନିକଟରେ ରାଜା ଘରକୁ ଫେରିଥିଲେ। ଫେରିବା ପରେ ୟୁନିଟ୍-୧ ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲ କରି ଘର ତିଆରି କରୁଥିଲେ। ଦାଦାବଟି ମାଗିବା ସହ ଲୋକଙ୍କୁ ହତ୍ୟା ଧମକ ଦେଉଥିଲେ। ଏ ନେଇ ଅଭିଯୋଗ ହେବା ପରେ କ୍ୟାପିଟାଲ ଥାନା ପୋଲିସ ଅକ୍ଟୋବର ୧୮ରେ ରାଜାଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା।

# ୨.୬୫ ଲକ୍ଷ କୋଟିର ନୂଆ ଆର୍ଥିକ ପ୍ୟାକେଜ

ନୂଆଦିଲ୍ଲୀ,୧୨।୧୧

କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ସରକାର ପ୍ରୟାସ ଜାରି କରିଛନ୍ତି। ପୂର୍ବରୁ ଆତ୍ମନିର୍ଭର ପ୍ୟାକେଜ ଭାବେ ୨୦ ଲକ୍ଷ କୋଟି ଏବଂ ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ଭାବେ ପାର୍ବଣ ଉପଲକ୍ଷେ ସରକାରୀ କର୍ମଚାରୀଙ୍କ ଲାଗି ୭୩ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଦୀପାବଳି ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦେଶବାସୀଙ୍କ ଲାଗି ଆଉ ଏକ ଆର୍ଥିକ ପ୍ୟାକେଜ ଗୁରୁବାର ଘୋଷଣା କରିଛନ୍ତି। ୨.୬୫ ଲକ୍ଷ କୋଟି ଟଙ୍କାର ଏହି ପ୍ୟାକେଜ ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସୀତାରାମନ କହିଛନ୍ତି, ଅର୍ଥବ୍ୟବସ୍ଥାରେ ବର୍ତ୍ତମାନ ଦ୍ରୁତ ଭାବେ ସୁଧାର ପରିଲକ୍ଷିତ ହେଉଛି। ନୂଆ ପଦକ୍ଷେପଗୁଡ଼ିକ ଅର୍ଥ ବ୍ୟବସ୍ଥାକୁ ଆହୁରି ଗତି ପ୍ରଦାନ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ଦେଶର ଶକ୍ତି ଚାହିଦା, ପରଚେଜିଂ ପାଓ୍ୱାର ଇଣ୍ଡେକ୍ସ, ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନରେ ଉନ୍ନତି, ଷ୍ଟକ୍ ବଜାରରେ ଅଭିବୃଦ୍ଧି ହୋଇଛି। ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତା'ର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳିବା ଆରମ୍ଭ ହୋଇଛି। ନୂଆ କରି ଆସିଥିବା 'ଆତ୍ମନିର୍ଭର ଭାରତ ୩.୦'ରେ ୧୨ ଘୋଷଣା ସାମିଲ ରହିଛି। ଏହା ଦେଶର ଜାତୀୟ ଜିଡିପିର ପ୍ରାୟ ୧୫% ବୋଲି ଜଣାପଡ଼ିଛି। ଅର୍ଥମନ୍ତ୍ରୀ ନୂଆ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଏହା ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହୋଇପାରିବ। ଇପିଏଫ୍ଓ ପଞ୍ଜୀକୃତ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ନୂଆ କର୍ମଚାରୀ(ବେତନ ୧୫ ହଜାର ଟଙ୍କାରୁ କମ୍)ଙ୍କୁ ଏହି ସ୍କିମରେ ମଧ୍ୟ ସାମିଲ କରାଯିବ। ଚଳିତ ବର୍ଷ ଅକ୍ଟୋବରରୁ ଆସନ୍ତା ବର୍ଷ ଜୁନ ୩୦ ସମୟସୀମା ମଧ୍ୟରେ ନିଯୁକ୍ତି ପାଇଥିଲେ ୨ ବର୍ଷ ଯାଏ ସଂସ୍ଥାଗୁଡ଼ିକ ଇପିଏଫ୍ଓର ବିଭିନ୍ନ ରିହାତି ସୁବିଧା ପାଇବେ। ସେହିଭଳି ଆସନ୍ତା ବର୍ଷ ମାର୍ଚ୍ଚ ୩୧ ଯାଏ ଜରୁରିକାଳୀନ ଋଣ ଗ୍ୟାରେଣ୍ଟି ଯୋଜନା (ଇସିଏଲ୍‌ଜିଏସ୍) ଅବଧିକୁ ବଢ଼ାଯାଇଛି। ଇସିଏଲ୍‌ଜିଏସ୍ ୨.୦ ଋଣ ଅବଧି ୫ ବର୍ଷ ରହିବ। ମୂଳ ଅର୍ଥ ଦେୟ କ୍ଷେତ୍ରରେ ଗୋଟିଏ ବର୍ଷର ମୋରାଟୋରିୟମ ସୁବିଧା ମଧ୍ୟ ରହିଛି।



ନିର୍ମଳା ସୀତାରାମନ

ମାନୁଫାକ୍ଚରିଂ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ୧.୪୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଯୋଜନା ରଖାଯାଇଛି। ଏଥିରେ ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଭାବେ ୧୦ କ୍ଷେତ୍ରକୁ ସାମିଲ କରାଯାଇଛି। ମୋବାଇଲ ମାନୁଫାକ୍ଚରିଂ, ଇଲେକଟ୍ରୋନିକ୍ସ କମ୍ପୋନେଣ୍ଟ ଏବଂ ଫାର୍ମା ଭଳି ପ୍ରମୁଖ କ୍ଷେତ୍ର ଏହା ମଧ୍ୟରେ ସାମିଲ ରହିଛି। ଏଭଳି ପଦକ୍ଷେପ ନିଯୁକ୍ତି ସୃଷ୍ଟି ଏବଂ ଦେଶର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ରଖିବ ବୋଲି ସୀତାରାମନ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏଓ୍ୱାଇ-ଅର୍ବାନ) ଲାଗି ସରକାର ଅତିରିକ୍ତ ୧୮ ହଜାର କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା କରିବେ। ୧୨ ଲକ୍ଷ ଘର କାମକୁ ତ୍ୱରାନ୍ୱିତ କରିବା ଏବଂ ୧୮ ଲକ୍ଷ ବାସଗୃହ କାମକୁ ଶେଷ କରିବାରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ସୀତାରାମନ କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ଅମାନତ ଅର୍ଥ ଜମା (ଇଏମ୍‌ଡି) ଏବଂ ସରକାରୀ ଟେଣ୍ଡର କ୍ଷେତ୍ରରେ ପରଫରମାନ୍ସ ସିକ୍ୟୁରିଟି ଜମା ନିୟମ କ୍ଷେତ୍ରରେ ନିୟମ କୋହଳ କରାଯାଇଛି। ଫଳରେ ଟେଣ୍ଡର ଲାଗି ଇଏମ୍‌ଡି ଆଉ ଆବଶ୍ୟକ ପଡ଼ିବନାହିଁ। କଣ୍ଟ୍ରାକ୍ଟ କ୍ଷେତ୍ରରେ ପରଫରମାନ୍ସ ସିକ୍ୟୁରିଟିକୁ ୩%କୁ ହ୍ରାସ କରାଯାଇଛି। ରେସିଡେନସିଆଲ ରିୟଲ ଇଷ୍ଟେଟ କ୍ଷେତ୍ରରେ ଚାହିଦା ବୃଦ୍ଧି ଲାଗି ଡେଭଲପର ଏବଂ ଘର କିଣୁଥିବା ଲୋକଙ୍କୁ ଆୟକରରେ ରିହାତି ପ୍ରଦାନ କରାଯାଇଛି।

ଅପରପକ୍ଷରେ ଭିତ୍ତିଭୂମି ଡେଟ୍ ଫାଇନାନ୍ସି ପାଇଁ ୧.୧ ଲକ୍ଷ କୋଟି ଟଙ୍କାର ସୁବିଧା ସରକାର ଯୋଗାଇଦେବେ। ସେହିଭଳି ଏନ୍ଆଇଆଇଏଫ୍ ଡେଟ୍ ପ୍ଲାଟଫର୍ମରେ ୬ ହଜାର କୋଟିର ଇକ୍ୱିଟି ପୁଞ୍ଜି ସରକାର ଯୋଗାଣ କରିବେ। ଚଳିତ ଥର ମଧ୍ୟ କୃଷି କ୍ଷେତ୍ରକୁ ସହାୟତା କରିବା ଲାଗି ସରକାର ଆଗେଇ ଆସିଛନ୍ତି। ସାର ସବ୍‌ସିଡି ଲାଗି ୬୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଏମଜିଏନ୍ଆର୍‌ଇଜିଏ ଏବଂ ପିଏମ୍‌ଜିଏସ୍ୱାଇ ଭଳି ଯୋଜନାରେ ଖର୍ଚ୍ଚ କରାଯିବ। ରପ୍ତାନିକୁ ପ୍ରୋତ୍ସାହନ ଦେବାକୁ ଋଣ ଭାବେ ସରକାର ଏକଜିମ ବ୍ୟାଙ୍କକୁ ୩ ହଜାର କୋଟି ଟଙ୍କା ପ୍ରଦାନ କରିବେ। ପୁଞ୍ଜି ଏବଂ ଶିଳ୍ପ କ୍ଷେତ୍ରର ଖର୍ଚ୍ଚ ଲାଗି ସରକାର ଅତିରିକ୍ତ ବଜେଟ ସହାୟତା ଭାବେ ୧୦,୨୦୦ କୋଟି ଟଙ୍କା ପ୍ରଦାନ କରିବେ। ଏହାବାଦ କୋଭିଡ୍ ସୁରକ୍ଷା ମିଶନ ଲାଗି ୯୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଭାରତୀୟ ଭାକ୍ସିନ ଗବେଷଣା ବିକାଶରେ ଏହା ସହାୟକ ହେବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

### ଆତ୍ମନିର୍ଭର ଭାରତ ୩.୦

- ନୂଆ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା
- ମାର୍ଚ୍ଚ ୩୧ ଯାଏ ବଢ଼ିଲା ଇସିଏଲ୍‌ଜିଏସ୍
- ମାନୁଫାକଚରିଂ କ୍ଷେତ୍ର ଲାଗି ୧.୬୪ ଲକ୍ଷ କୋଟି
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅତିରିକ୍ତ ୧୮ ହଜାର କୋଟି
- ନିର୍ମାଣ ଭିତ୍ତିଭୂମି କ୍ଷେତ୍ର ଲାଗି ନିୟମ କୋହଳ
- ଡେଭଲପର, ଘର କ୍ରେତାଙ୍କ ଲାଗି ଆୟକର ରିହାତି
- ୧.୧ ଲକ୍ଷ କୋଟିର ଭିତ୍ତିଭୂମି ଡେଟ୍ ଫାଇନାନ୍ସିଂ
- ଏନ୍ଆଇଆଇଏଫ୍ ଡେଟ୍ ପ୍ଲାଟଫର୍ମକୁ ୬ ହଜାର କୋଟି
- ସାର ସବ୍‌ସିଡି ବାବଦ ୬୫ ହଜାର କୋଟି
- ଗରିବ କଲ୍ୟାଣ ରୋଜଗାର ଯୋଜନାକୁ ଅତିରିକ୍ତ ୧୦ ହଜାର କୋଟି
- ରପ୍ତାନି ପ୍ରୋତ୍ସାହନ ବାବଦ ୩ ହଜାର କୋଟି
- ପୁଞ୍ଜି ଏବଂ ଭିତ୍ତିଭୂମିରେ ଖର୍ଚ୍ଚ ହେବ ୧୦,୨୦୦ କୋଟି
- କୋଭିଡ୍ ସୁରକ୍ଷା ମିଶନ ଲାଗି ୯୦୦ କୋଟି

## 'ସାଁସ୍' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ): ଓଡ଼ିଶାରେ ନିମୋନିଆଜନିତ ଶିଶୁ ମୃତ୍ୟୁହାର କମାଇବା ପାଇଁ ଆରମ୍ଭ ହୋଇଛି 'ସାଁସ୍'। ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ଶୁଭାରମ୍ଭ କରିଛନ୍ତି। ଏହା ନିମୋନିଆର ସଫଳ ନିରାକରଣ ପାଇଁ ଏକ ସାମାଜିକ ସଚେତନତା ଅଭିଯାନ। ୨୦୨୧ ଫେବୃଆରୀ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ୫ବର୍ଷରୁ କମ୍ ବୟସର ଶିଶୁଙ୍କର ନିମୋନିଆ ଲକ୍ଷଣ ଚିହ୍ନଟ କରିବେ ଓ ଚିକିତ୍ସା ପାଇଁ ପଦକ୍ଷେପ ନେବେ। ଏଥିସହିତ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବେ। ତେଣୁ ବ୍ୟାପକ ଜନସଚେତନତା ପାଇଁ ଏହି ଅବସରରେ ଲିଫ୍‌ଲେଟ୍, ପୋଷ୍ଟର ଆଦି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି, ଶିଶୁ ସ୍ୱାସ୍ଥ୍ୟ ଯୁଗ୍ମ ନିର୍ଦ୍ଦେଶକ ଡା. ପ୍ରତିଭା ପ୍ରଧାନଙ୍କ ସମେତ ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସନ ଓ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନର ପଦାଧିକାରୀମାନେ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।

## ବ୍ୟକ୍ତିଗତ ହାଜର ପାଇଁ ସମୟ ମାଗିଲେ ଏମ୍‌ପି ଅନୁଭବ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): ପାରିବାରିକ ବିବାଦକୁ ନେଇ ବର୍ଷା ପ୍ରିୟଦର୍ଶିନୀ କଟକ ଏସ୍‌ଡିଜେଏମ୍ କୋର୍ଟରେ କରିଥିବା ମାମଲାରେ ଗୁରୁବାର ବ୍ୟକ୍ତିଗତ ହାଜର ହେଲେନି ଏମ୍‌ପି ଅନୁଭବ ମହାନ୍ତି। ସେ ଏଥିପାଇଁ ନିଜ ଓକିଲଙ୍କ ଜରିଆରେ ସମୟ ମାଗିଛନ୍ତି। କୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ଡିସେମ୍ବର ୧୮ ତାରିଖକୁ ଧାର୍ଯ୍ୟ କରିଥିବାବେଳେ ଉକ୍ତଦିନ ଅନୁଭବ ହାଜର ହୋଇ ଜବାବ ଦାଖଲ କରିବେ। ପୂର୍ବ ଶୁଣାଣିରେ କୋର୍ଟ ଅନୁଭବଙ୍କୁ ନଭେମ୍ବର ୧୨ରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ପାରିବାରିକ ବିବାଦକୁ ନେଇ ଅନୁଭବଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ଶାଶୁ ମଧୁସ୍ମିତା ମହାନ୍ତି ପରସ୍ପର ବିରୋଧରେ କଟକ ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ୨ଟି ମାମଲା ରୁଜୁ ହୋଇଛି।






## ରାତିରେ ରାସ୍ତା ଭୟ



ସାନହୁଲା ପଞ୍ଚାୟତ ଗୁଣ୍ଡୁରୀ-ଘୋଡ଼ାବାନ୍ଧୁଣୀ ରାସ୍ତାରେ ଥିବା ଖଇରାବସା ନାଳ।

**ବଇଣ୍ଡା,୧୨।୧୧(ଡି.ଏନ.ଏ.)**

- ଅନ୍ଧାର ସାଙ୍ଗକୁ ଡରାଉଛି ନାଳ ପାଣି
- ପକ୍କା ହେଉନି ୫ ସଡ଼କ
- ଅସୁବିଧାରେ ୨ ପଞ୍ଚାୟତବାସୀ

କିଛି ବର୍ଷ ହେଲା ଗାଁର ସହରୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ସେଥିପାଇଁ ପ୍ରତି ପଞ୍ଚାୟତକୁ ପ୍ରଥମେ ପକ୍କା ରାସ୍ତା ନିର୍ମାଣ କରାଯାଉଛି। ଏଥିସହ ପାଇପ୍ ପାଣି, ବିଦ୍ୟୁତ୍, ବଜାର ସୁବିଧା ସହ ଇଣ୍ଟରନେଟ୍ ସଂଯୋଗର ପ୍ରୟାସ କରାଯାଉଛି। କିନ୍ତୁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ବହୁ ପଞ୍ଚାୟତ ଏ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ ରହିଛି। ବିଶେଷକରି ସାନହୁଲା ଓ କୁରୁମଟାପ ପଞ୍ଚାୟତକୁ ଗମନାଗମନ ବ୍ୟବସ୍ଥା ଏତେ ଶୋଚନୀୟ ଯେ ରାତି ହେଲେ ରାସ୍ତାକୁ ଭୟ କରୁଛନ୍ତି ଲୋକେ।

ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ସାନହୁଲା ପଞ୍ଚାୟତ ଅଧୀନରେ ଥିବା ସିନ୍ଦୂରଖୋଳ-ଜୟପୁର ୭ କିଲୋମିଟର ମାଟି ରାସ୍ତାରେ ଦୀର୍ଘବର୍ଷ ହେଲା ମାଟି ମୁଠାଏ ପଡ଼ିନାହିଁ। ଏହାକୁ ପକ୍କା କରିବା ପାଇଁ ମିଣ୍ଡୋଳ ଗ୍ରାମବାସୀ ୨୦୧୪ରୁ ଉଦ୍ୟମ କରି ଆସୁଛନ୍ତି। ସେମାନେ ବ୍ଲକ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଜନପ୍ରତିନିଧିମାନେ ମଧ୍ୟ ପଞ୍ଚାୟତବାସୀଙ୍କୁ ନ୍ୟାୟ ଦେଇପାରୁ ନାହାନ୍ତି। ସେହିପରି ଗୁଣ୍ଡୁରୀ-ଘୋଡ଼ାବାନ୍ଧୁଣୀ ୧୦ କିଲୋମିଟର ରାସ୍ତାକୁ ମଧ୍ୟ ପକ୍କା କରାଯାଉ ନାହିଁ। ଜଙ୍ଗଲିଆ ଏହି ରାସ୍ତାର ଖଇରାବସା ନାଳ ଉପରେ ପୋଲଟିଏ ନ ଥିବାରୁ ବର୍ଷ ତମାମ ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। ବର୍ଷାଦିନେ ଏହି ନାଳ ଯୋଗୁ ଗାଁ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ୁଛି। ଦିନବେଳା ଯାହା ଯେମିତି ଅସୁବିଧାରେ ଯାତାୟାତ ହେଉଥିଲେ ମଧ୍ୟ ରାତି ଅନ୍ଧାରକୁ ନାଳ ପାଣି ଲୋକଙ୍କ ଛାତି ଥରାଇ ଦେଉଛି। ତେଣୁ ବାହାରକୁ ଯାଇଥିବା ଲୋକେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୁରୁମଟାପ ପଞ୍ଚାୟତର କୁରୁମଟାପ -ଗୁଣ୍ଡୁରୁଖଳୀ ୫ କିଲୋମିଟର, ଦାମଦରପୁର-ଧଉରାଗୋଠ ୪ କିଲୋମିଟର, ମନ୍ଦରବାହାଳ-କିଷାନସାହି ଅଢ଼େଇ କିଲୋମିଟର ମାଟି ରାସ୍ତାକୁ ପକ୍କା କରାଯାଉ ନାହିଁ। ଭଲ ସଡ଼କ ନ ଥିବାରୁ ଏହି ଦୁଇ ପଞ୍ଚାୟତବାସୀ କେବଳ ଗମନାଗମନ ନୁହେଁ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାର ସୁବିଧା ମଧ୍ୟ ପାଇପାରୁ ନାହାନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ରୋଗୀଙ୍କୁ ମେଡିକାଲ ନେବାକୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦୂର ସ୍ଥାନରୁ ସରକାରୀ ରାଶନ ସାମଗ୍ରୀ ଆଣିବାକୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ବିଶେଷକରି ବର୍ଷା ଦିନେ କାଦୁଅ ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇଯାଉଛି। କୁରୁମଟାପ-ଗୁଣ୍ଡୁରୀଖଳି ରାସ୍ତାକୁ ପକ୍କା କରିବା ପାଇଁ ୨୦୧୯ରେ ସର୍ଭେ କରାଯାଇଥିଲେ ମଧ୍ୟ ତାହା ସେତିକିରେ ସୀମିତ ରହିଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

### ସନ୍ଧ୍ୟା ପରେ ଯାତାୟାତ ଠପ୍



ପକ୍କା ରାସ୍ତା ନିର୍ମାଣ ପାଇଁ ବହୁବାର ପଲ୍ଲିସଭାରେ ଦାବି କରାଯାଇଛି। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି। ଦିନରେ ବହୁ କଷ୍ଟରେ ଦେଖି ଚାହିଁ ଯିବାଆସିବା କରୁଛୁ। ସନ୍ଧ୍ୟା ପରେ ଯାତାୟାତ ଅତି କଷ୍ଟକର ହୋଇପଡୁଛି।

- ସଂସାର ପ୍ରଧାନ, କିଷାନସାହି

### ପ୍ରଶାସନିକ ଅବହେଳାର ଶିକାର



୨ଟି ପଞ୍ଚାୟତକୁ ବ୍ଲକ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି। ଫଳରେ ବିକାଶଠାରୁ ଅଞ୍ଚଳବାସୀ ବହୁ ଦୂରରେ ରହିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳୁନି।

- ଅର୍ଜୁନ ପ୍ରଧାନ, ମନ୍ଦରବାହାଳ

### ତୁରନ୍ତ ପଦକ୍ଷେପ ନିଆଯାଉ



ପକ୍କା ରାସ୍ତା ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଛି। କିନ୍ତୁ ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ଅଣଦେଖା କରୁଛି। ଭତ୍ତା, ରାଶନ ସାମଗ୍ରୀ ଆଣିବାକୁ ପଞ୍ଚାୟତ ଅଫିସ୍ ଯିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛୁ। ତୁରନ୍ତ ପଦକ୍ଷେପ ନିଆଯାଉ।

- ଅନାମ ରାଉଳ, ମିଣ୍ଡୋଳ

### ବର୍ଷାଦିନେ ବେଶି କଷ୍ଟ



ବର୍ଷା ଦିନେ ଖଇରବସା ନାଳରେ ପ୍ରଖର ସ୍ରୋତ ଯୋଗୁ ଯାତାୟାତ ଠପ୍ ହୋଇଯାଉଛି। ରାସ୍ତା ଓ ପୋଲ ନିର୍ମାଣ ହେଉ ନ ଥିବାରୁ ଗ୍ରାମରୁ ବାହାରକୁ ଯିବା କଷ୍ଟସାଧ୍ୟ ହେଉଛି। ପ୍ରଶାସନଠାରୁ ଜନପ୍ରତିନିଧିଙ୍କ ଯାଏ କେହି ବି ପ୍ରତିକାର କରୁନାହାନ୍ତି।

- କନ୍ଦର୍ପ ବେହେରା, ଖଇରା

### ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ



୨ ପଞ୍ଚାୟତବାସୀଙ୍କ ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏଥିପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ପ୍ରଶାସନ ପକ୍ଷରୁ ନିଆଯିବ। କିଭଳି ତୁରନ୍ତ ସର୍ଭେ କରାଯାଇପାରିବ ସେଥିପାଇଁ ଆଠମଲ୍ଲିକ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ।

- ଲଳିତମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

## ସରକାରଙ୍କ ତାଗିଦ ପରେ ପ୍ରଶିକ୍ଷଣ

**ଅନୁଗୋଳ ଅଫିସ, ୧୨।୧୧**

ଅନୁଗୋଳରେ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପାଇଁ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ପ୍ରତି ୩ ମାସରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା କଥା ପୌର ପ୍ରଶାସନ ପାସୋରି ଦେଇଥିଲା। ଏ ନେଇ ଗତ ୪ ତାରିଖରେ ସରକାର ତାଗିଦ କରିବା ପରେ ମଙ୍ଗଳବାର ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶାନ୍ତନୁ କୁମାର ସର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୟୁଡାର ଟିମ୍ ଲିଡର ଜିତେନ୍ଦ୍ର କୁମାର ସାହୁ ଓ ଏଫ୍‌ଏସ୍‌ଟିପିର ଜିଲା ସଂଯୋଜିକା ପ୍ରିୟା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ମାଷ୍ଟର ଟ୍ରେନର ଅବିନାଶ ବଡ଼ଗଞ୍ଜି ଯୋଗଦେଇ ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୌରପାଳିକା ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାନିଟାରୀ ଏକ୍ସପର୍ଟ ଜିତେନ୍ଦ୍ର କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶିକ୍ଷଣ ବନ୍ଦ କରାଯାଇଥିଲା ଓ ଏଣିକି ନିୟମିତ ଭାବେ କାର୍ଯ୍ୟକ୍ରମ ବୋଲି ସାନିଟାଇଜ ଏକ୍ସପୋର୍ଟ ସେଠୀ ପ୍ରକାଶ କରିଛନ୍ତି।

## ୭୯ ଘନଫୁଟ କାଠ ଜବତ

**ବନ୍ତଳା,୧୨।୧୧(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ନୁଖୁରିପଦା ଗ୍ରାମ ନିକଟ ଏକ ଆମ୍ବତୁରୀରୁ ମଙ୍ଗଳବାର ବନ ବିଭାଗ ୭୯ ଘନଫୁଟ ଶାଗୁଆନ, ଶାଳ, ଜାମୁ ଆଦି ପଟା ଜବତ କରିଛି। ରେଞ୍ଜ ଅଧିକାରୀ ଦିଲେଶ୍ୱର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁମିତ୍ରା ବିଶ୍ୱାଳ, ଗାର୍ଡ ଗୀତା ମାଝି, ବରିଷ୍ଠ ଦେହୁରୀ ପ୍ରମୁଖ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ୯୩ ସଂକ୍ରମିତ ଚିହ୍ନଟ

**ଅନୁଗୋଳ ଅଫିସ,୧୨।୧୧:** ଅନୁଗୋଳ ଜିଲାରୁ ଗୁରୁବାର ୯୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବଅଁରପାଳ ବ୍ଲକରୁ ୨୫ଜଣ ସଂକ୍ରମିତ ବାହାରିଥିବା ବେଳେ ତାଳଚେର ବ୍ଲକରୁ ୨୦, ଅନୁଗୋଳ ବ୍ଲକରୁ ୨୩, କଣିହାଁ ବ୍ଲକରୁ ୧୦, ଛେଣ୍ଡିପଦାରୁ ୭, କିଶୋରନଗରରୁ ୩, ପାଲଲହଡ଼ା ବ୍ଲକରୁ ୨, ଆଠମଲ୍ଲିକ ବ୍ଲକରୁ ୩ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଦିନକରେ ୭୯ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଢେଙ୍କାନାଳରେ ୨୬ ପଜିଟିଭ୍

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲାରେ ଗୁରୁବାର ୨୬ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୨୦ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୪୨୮ ଏବଂ ସୁସ୍ଥଙ୍କ ସଂଖ୍ୟା ୫୧୮୦ ହୋଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, କଙ୍କଡ଼ାହାଡ଼ ବ୍ଲକର ୬, ଓଡ଼ାପଡ଼ା ବ୍ଲକର ୫, ହିନ୍ଦୋଳ ବ୍ଲକର ୩, ସଦର ବ୍ଲକର ୩, କାମାକ୍ଷାନଗର ଏନ୍‌ଏସିର ୩, ଗଁଦିଆ, ଭୁବନ ଏବଂ ପରଜଙ୍ଗ ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### ଟ୍ରାକ୍ଟର ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ,୧୨।୧୧:** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ସିରିମୁଲା ଅଞ୍ଚଳରେ ବାଲି ବୋଝେଇ କରି ଚୋରାଚାଲାଣ କରାଯାଉଥିବା ବେଳେ ଏକ ଟ୍ରାକ୍ଟର (ନଂ. ଓଡି୦୬-ଏ-୩୯୭୨) କୁ ପୋଲିସ ଜବତ କରିଛି। ସ୍ଥାନୀୟ ବ୍ରାହ୍ମଣୀ ନଦୀ ଘାଟରୁ ବାଲି ଚୋରାଚାଲାଣ କରାଯାଉଥିଲା ବେଳେ ସିରିମୁଲା ଅଞ୍ଚଳର ରିତୁ ନାୟକଙ୍କୁ ଗିରଫ କରାଯାଇଛି। ତୁମୁସିଙ୍ଗା ଥାନାରେ ନଂ. ୧୫୬।୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୨।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତର ସରପଞ୍ଚ ମହେଶ୍ୱର ଦେହୁରୀଙ୍କୁ ଆମ୍ବଶରମୁଣ୍ଡା ଗ୍ରାମର ଭୁବନ ବଳିଆ ନାୟକ ଗୁରୁବାର ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଠାକୁରଗଡ ଥାନାରେ ନଂ. ୨୧୪/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଉକ୍ତ ପଞ୍ଚାୟତକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକ ରାସ୍ତା ପାଇଁ ୯ ଲକ୍ଷ ଟଙ୍କାର କାମ ଆସିଥିଲା। ଭୁବନ ବଳିଆ ଉକ୍ତ କାମକୁ ଜେସିବି ମେଶିନ ସାହାଯ୍ୟରେ କରିବା ପାଇଁ ମହେଶ୍ୱରଙ୍କୁ କହିଥିଲେ। ହେଲେ ସେହି କାମ ଶ୍ରମିକମାନେ କରିବେ ବୋଲି ମହେଶ୍ୱର କହିବା ପରେ ଉତ୍କ୍ଷିପ୍ତ ହୋଇ ଭୁବନ ବଳିଆ ଏକ ପଥରରେ ଆକ୍ରମଣ କରିଥିଲେ।

### ମହିଳାଙ୍କ ଉନ୍ମତ୍ତକାଣ୍ଡ

**ପାଲଲହଡ଼ା, ୧୨।୧୧(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଥାନା ସମ୍ମୁଖରେ ଜଣେ ମହିଳାଙ୍କ ଉନ୍ମତ୍ତକାଣ୍ଡ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ସକାଳେ ମହିଳା ଜଣକ ଅର୍ଦ୍ଧଉଲଗ୍ନ ହୋଇ ଥାନା ମଧ୍ୟରେ ଥିବା ଗାଡ଼ି ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ସମ୍ପୃକ୍ତ ମହିଳା ରାସ୍ତାରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ। ପ୍ରାୟ ଘଣ୍ଟାଏ ପରେ ଥାନା ଅଧିକାରୀ କିଶୋର କୁମାର ସାମଲ ଆସି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ମହିଳା ଜଣକ ମାନସିକ ବିକୃତ ହୋଇଥିବା ବେଳେ ତାଙ୍କ ଘର ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି। ଖମାର ଥାନା ରଞ୍ଜା ଗ୍ରାମରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ମହିଳାଙ୍କୁ ଛଡାଯାଇଥିବା ଥାନା ଅଧିକାରୀ କହିଛନ୍ତି।

### ଧାର ଟଙ୍କାକୁ ନେଇ ଆକ୍ରମଣ

**ବଇଣ୍ଡା, ୧୨।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବଡବର ଗ୍ରାମର ନଗେନ ନାୟକ ଓ ତାଙ୍କ ବୋହୂ ଲକି ନାୟକଙ୍କୁ ବରହ୍ମ ଗ୍ରାମର ସୁରମଣି ମହାପାତ୍ର ଆକ୍ରମଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୧୩/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ନଗେନଙ୍କଠାରୁ ସୁରମଣି କିଛି ବର୍ଷ ପୂର୍ବେ ୩,୫୦୦ ଟଙ୍କା ଧାର ନେଇଥିଲେ। ଧାର ଟଙ୍କା ଫେରାଇବାକୁ କହିବାରୁ ସୁରମଣି ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ରାସ୍ତା ପାଇଁ ରାସ୍ତା ଅବରୋଧ



୧୩ନଂ. ୱାର୍ଡ ଅଧୀନ ରାଜମୋହନପୁର ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

**ହିନ୍ଦୋଳ, ୧୨।୧୧(ଡି.ଏନ.ଏ.)**

ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଏବଂ ପକ୍କା ସଡ଼କ ନିର୍ମାଣ ଦାବିରେ ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ୧୩ନଂ. ୱାର୍ଡ ଅଧୀନ ରାଜମୋହନପୁର ଅଞ୍ଚଳବାସୀ ଗୁରୁବାର ରାସ୍ତାକୁ ଓଗ୍ଳାଇଛନ୍ତି। ସ୍ଥାନୀୟ ପୋଲିସର ହସ୍ତକ୍ଷେପ ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଜନସାଧାରଣଙ୍କ ଦାବି ଅନୁଯାୟୀ, ଗ୍ରାମକୁ ପକ୍କା ସଡ଼କ ନାହିଁ। ପାନୀୟ ଜଳଯୋଗାଣ ସ୍ୱପ୍ନ ପାଲଟିଛି। ଏନ୍‌ଏସି ଗଠନ ହେବାର ଆଠ ବର୍ଷ ପରେ ମଧ୍ୟ ମୌଳିକ ଆବଶ୍ୟକତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ରାସ୍ତା ଅବରୋଧ କରିବାକୁ ସେମାନେ ବାଧ୍ୟ ହୋଇଥିବା କହିଛନ୍ତି। ଏଥିପ୍ରତି ଦୃଷ୍ଟି ନ ଦେଲେ ଜୋରଦାର ଆନ୍ଦୋଳନ କରାଯିବ।

## ଦୁଇ ଟ୍ରକ୍ ଧକ୍କା, ୨ ଗୁରୁତର

**ଛେଣ୍ଡିପଦା, ୧୨।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ତେଣ୍ଟଲୋଇ ପଞ୍ଚାୟତ ଦେଇ ଯାଇଥିବା ଛେଣ୍ଡିପଦା-ଜରପଡା ପୂର୍ତ୍ତବିଭାଗ ରାସ୍ତାର ଛତାବର ନିକଟରେ ଗୁରୁବାର ସନ୍ଧ୍ୟାରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଚାଳକ ଦୁଇ ଜଣ ଗୁରୁତର ହୋଇଛନ୍ତି। ଜଣେ ଚନ୍ଦ୍ରପୁର ଗ୍ରାମର ସୁକାନ୍ତ ବେହେରା (୨୯) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ଛେଣ୍ଡିପଦା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଟ୍ରକ୍‌ରେ ଚାପି ହୋଇ ରହିଥିବା ଗୁରୁତରଙ୍କୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ସହ ଟ୍ରକ୍ ଦୁଇଟିକୁ ଜବତ କରାଯାଇଥିବା ପୋଲିସ କହିଛି।



ଅନୁଗୋଳସ୍ଥିତ ଦଶହରା ପଡ଼ିଆଠାରେ ମା' କାଳୀଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର। (ଫଟୋ- ବୁବୁ)

## ଡିସେମ୍ବର ୧୮ରୁ ଧାନକିଣା




ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ।

**ଢେଙ୍କାନାଳ ଅଫିସ,୧୨।୧୧**

- ୫୦ ହଜାର ୬୯ ଚାଷୀ ପଞ୍ଜୀକୃତ
- ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ କୁଇଣ୍ଟାଲ ସଂଗ୍ରହ ହେବ
- ଆଧାରକାର୍ଡ ବାଧ୍ୟତାମୂଳକ

ଢେଙ୍କାନାଳ ଜିଲାରେ ଆସନ୍ତା ଡିସେମ୍ବର ୧୮ରୁ ଧାନ କିଣା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଜିଲାର ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରି କରିପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା କରିବାକୁ ମିଲର ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲାରେ ଧାର୍ଯ୍ୟ ହୋଇଥିବା ୮୦ଟି ଧାନକ୍ରୟ କେନ୍ଦ୍ରରେ ଧାନ ବିକ୍ରି ପାଇଁ ୫୦ ହଜାର ୬୯ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସାଧାରଣ ଧାନ ପାଇଁ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ଓ ଏ-ଗ୍ରେଡ୍ ଧାନ ପାଇଁ ୧୮୮୮ ଟଙ୍କା ଧାର୍ଯ୍ୟ ହୋଇଛି। ଚାଷୀମାନଙ୍କୁ ସେମାନଙ୍କ ଧାନ ବିକ୍ରିର ଅର୍ଥ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ଧାନ କ୍ରୟ କେନ୍ଦ୍ରଗୁଡିକ ସକାଳ ୮ଟାରେ ଖୋଲିବା ସହିତ ମିଲର, ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ରହି ଚାଷୀମାନଙ୍କ ଠାରୁ ଧାନ କ୍ରୟ ନିମନ୍ତେ ସମସ୍ତ ବ୍ୟବସ୍ଥା କରିବେ। ଏଥିପାଇଁ ଜିଲାର ୧୭ଜଣ ମିଲର ଚୁକ୍ତି କରିଛନ୍ତି। ଏହାର ସୁପରିଚାଳନା ନିମନ୍ତେ ବିଡିଓ ଏବଂ ତହସିଲଦାରମାନଙ୍କୁ ସମ୍ପୃକ୍ତ ଅଞ୍ଚଳର ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଉପଖଣ୍ଡ ସ୍ତରରେ ଉପଜିଲାପାଳମାନେ କାର୍ଯ୍ୟ ତଦାରଖ କରିବେ। ଧାନ ବିକ୍ରି ନିମନ୍ତେ ଚାଷୀଙ୍କ ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇଛି। ପ୍ରତ୍ୟେକ ଚାଷୀ ଗୋଟିଏ ଦିନରେ ସର୍ବାଧିକ ୫୦ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ। ଟୋକନ ଅବଧି ୩୦ଦିନ ରହିବ। ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ଧାନକ୍ରୟ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର, ସମବାୟ ଉପନିବନ୍ଧକ ସଂଗ୍ରାମ କେଶରୀ ରାଉତ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସେକ୍ରେଟାରି ଭକ୍ତେଶ୍ୱର ମଲିକଙ୍କ ସମେତ କୃଷି, ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ପୂର୍ତ୍ତମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ମିଲର ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ

**ପରଜଙ୍ଗ, ୧୨।୧୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଦର ବୃଦ୍ଧି ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପରଜଙ୍ଗ ବ୍ଲକ ଏଏପି ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ୨୦ପଇସା ବୃଦ୍ଧି କରାଯାଇଛି। ଅପାରଗ ବିଦ୍ୟୁତ୍ ବିତରକ କମ୍ପାନୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସରକାର ଲୋକଙ୍କ ଉପରେ ବୋଝ ଲଦିବାକୁ ଉଦ୍ୟମ କରିଛନ୍ତି। ଏହାକୁ ପ୍ରତ୍ୟାହାର ନ କରାଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳୀୟ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ବିଭୁ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଜିଲା ଆବାହକ ପଙ୍କଜ ନାୟକ, ପର୍ଶୁରାମ ମହାଭୋଇ, ଚକ୍ରଧର ଜେନା, କୃପାସିନ୍ଧୁ ବେହେରା ପ୍ରମୁଖ ଦାବିପତ୍ର ଦେବାବେଳେ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ନୂତନ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଯୋଗଦାନ



**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲାର ନୂତନ ସାମାଜିକ ସୁରକ୍ଷା ଅଧିକାରୀ ଭାବେ ଗୋପଲକ୍ଷ୍ମୀ ହୋତା ଗୁରୁବାର ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ନୂଆପଡ଼ା ଜିଲାରେ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକଙ୍କ ଖୋର୍ଦ୍ଧା ଜିଲାକୁ ବଦଳି ହୋଇଯାଇଥିବାବେଳେ ତାଙ୍କ ସ୍ଥାନରେ ଗୋପଲକ୍ଷ୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ଅଧିକାରୀଙ୍କୁ ବିଭାଗୀୟ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ବିଦାୟୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

### ଖଙ୍କିରାରେ ୨୦ ହାତୀ

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଷଡଙ୍ଗୀ ରେଞ୍ଜ୍ ଅଧୀନ ଖଙ୍କିରା ଗ୍ରାମକୁ ସୀମାନ୍ତ ଯାଜପୁର ଜିଲାରୁ ୨୦ ହାତୀ ପଶି ଆସିଛନ୍ତି। ସେମାନଙ୍କ ଉପଦ୍ରବରେ ବ୍ୟାପକ ଧାନ ଫସଲ, ପରିବା ଚାଷ ନଷ୍ଟ ହୋଇଛି। ଚାଷୀ ବ୍ରହ୍ମାନନ୍ଦ ଧୀର, ଅଶୋକ ପତି, ହେମନ୍ତ ବ୍ରହ୍ମ, ମାନସ ପାତ୍ର, ବିଦୁ ଧୀର ପ୍ରମୁଖଙ୍କ ଫସଲ ଉଜୁଡ଼ି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫସଲ ଅମଳ ବେଳକୁ ଏପରି ହାତୀ ଆତଙ୍କ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଅଞ୍ଚଳରେ ଟ୍ରେଞ୍ଚ୍ ଖୋଳିବା, ସୋଲାର ଫ୍ୟାନ୍ସିଂ ବ୍ୟବସ୍ଥା କରିବାକୁ କ୍ଷତିଗ୍ରସ୍ତ ଚାଷୀ ବନ ବିଭାଗ ଏବଂ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଜଳିଗଲା ୨ ବଖରା

**ପରଜଙ୍ଗ, ୧୨।୧୧(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ବାଇଗିଣିଆ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ବିନୟ ଭୋଇଙ୍କ ୨ ବଖରା ଘର ପୋଡ଼ିଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ, ଲୁଗାପଟା ପୋଡ଼ି ଛାରଖାର ହୋଇଯାଇଥିଲା। ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ ଅଗ୍ନିବିପନ୍ନଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। କ୍ଷୟକ୍ଷତି ଆକଳନ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ଜିଲାର ୭,୩୧୨ ହେଲ୍‌ଥ ୱାର୍କରଙ୍କୁ ଟିକା

**ଅନୁଗୋଳ ଅଫିସ, ୧୨।୧୧:** ଅନୁଗୋଳ ଜିଲାରେ କରୋନା ସ୍ଥିତି ଓ ଯାଞ୍ଚ କାର୍ଯ୍ୟକୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏକ ସମୀକ୍ଷା ବୈଠକ କରିଥିଲେ। କୋଭିଡ୍ ପରୀକ୍ଷାକୁ ବ୍ୟାପକ କରିବା, ଦୀପାବଳି ଓ କାର୍ତ୍ତିକ ପୂର୍ଣ୍ଣିମାରେ ଭିଡ଼କୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳମାନେ ରେଡ୍ ଜୋନ୍‌ରେ ଯାଞ୍ଚ କରିବା ସହ ଆସନ୍ତାମାସ ପାଇଁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ୭,୩୧୨ ଜଣ ହେଲ୍‌ଥ କେୟାର ୱାର୍କରଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ଜିଲା ଟାସ୍କ ଫୋର୍ସ ଗଠନ କରି ଏ ନେଇ ନିଷ୍ପତ୍ତି ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପନ ଶତପଥୀ, ସନ୍ତୋଷ ପ୍ରଧାନ, ପିଡି ଡିଆର୍‌ଡିଏ ଦିଲୀପ ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ, ଏଡିଏମ୍‌ଓ ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୁପୋଷଣ ଦୂରୀକରଣ କର୍ମଶାଳା

**ମାଧପୁର, ୧୨।୧୧:** ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ରାଜୀବ ଭବନରେ କୁପୋଷଣ ଦୂରୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲୀପ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜୀବିକା ମିଶନର ବିଏଲ୍‌ସି ଅମିତାରାଣୀ ପାତ୍ର, ବିପିଏମ୍ କ୍ଷଣପ୍ରଭା ତ୍ରିପାଠୀ ଉପସ୍ଥିତ ରହି କିଶୋରୀ, ବାଳିକା, ଗର୍ଭବତୀ ଓ ପ୍ରସୂତିମାନଙ୍କ କୁପୋଷଣ ଦୂରୀକରଣ ଉପରେ ପ୍ରଶିକ୍ଷଣ ଦେଇଥିଲେ। ନିରଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ମାଧପୁର ପଞ୍ଚାୟତର କୁଦଗାଁ, ପୁରୁଣାମାଣତ୍ରି, ଲୁଣହାଣ୍ଡି, ମାଧପୁର ପଞ୍ଚାୟତରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆରମ୍ଭ ହେବ ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥା

**ଅନୁଗୋଳ ଅଫିସ, ୧୨।୧୧**



ବୈଠକରେ ଜିଲାପାଳ, ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

- ଖଣିଜ ପାଣ୍ଠି ବୋର୍ଡ ଅଫ୍ ଟ୍ରଷ୍ଟି ବୈଠକ
- ଛାତ୍ରୀଛାତ୍ରଙ୍କୁ ୨ ବିଦେଶୀ ଭାଷା ଜ୍ଞାନ
- ସ୍ଥାପନ ହେବ କୃଷି ଉତ୍ପାଦନ କ୍ଲଷ୍ଟର
- ପାଣ୍ଠିର ଠିକ୍ ବିନିଯୋଗ ହେଉ ନ ଥିବା ଅଭିଯୋଗ

ଖଣି ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ଯୋଜନା ପ୍ରସ୍ତୁତ ସହ ଏହାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଜିଲା ଖଣିଜ ପାଣ୍ଠିର ୮ମ ବୋର୍ଡ ଅଫ୍ ଟ୍ରଷ୍ଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହଠାରେ ଅନୁଷ୍ଠିତ ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ଜିଲାପାଳ ଖଣିଜ ପାଣ୍ଠି ନିୟମ ଅନୁଯାୟୀ ସହଭାଗିତାରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକାରୀ ହୋଇ ନ ଥିବା କାମଗୁଡ଼ିକୁ ତୁରନ୍ତ ଶେଷ କରି ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୨୦୧୫-୧୬ରୁ ଜିଲା ଖଣିଜ ପାଣ୍ଠରୁ ଅଦ୍ୟାବଧି ୧୫୧୯.୨୨ କୋଟି ଅନୁଦାନପ୍ରାପ୍ତ ହେବା ସହ ୧୫୪୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ବିଭାଗଗୁଡ଼ିକ ପକ୍ଷରୁ ପ୍ରକଳ୍ପଗୁଡ଼ିକର ସବିଶେଷ ତଥ୍ୟ ପ୍ରଦାନ କରାଯିବାକୁ ଏମ୍‌ପି ସାହୁ କହିଥିଲେ। ନିର୍ମାଣାଧୀନ ମେଗା ଓ କ୍ଷୁଦ୍ର ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ଉପରେ ତାଳଚେର ବିଧାୟକ ଗୁରୁତ୍ୱ ଦେଇଥିଲେ। ପାଲଲହଡ଼ାର ଉପାନ୍ତ ଅଞ୍ଚଳରୁ ଡାକ୍ତରଖାନା ଆସୁଥିବା ଗର୍ଭବତୀଙ୍କ ପାଇଁ ମାର୍ଟର୍ନିଟି ବିଶ୍ରାମାଗାର ପ୍ରତିଷ୍ଠା ହେବ। ଡାକ୍ତରଖାନାରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି ଯାଞ୍ଚ ପାଇଁ ସିସିଟିଭି କ୍ୟାମେରା, ପ୍ରଚଳିତ କାଗଜପତ୍ର ବଦଳରେ ଡିଜିଟାଲ ହେଲ୍‌ଥ କାର୍ଡ ପ୍ରଚଳନ କରାଯିବ। ଜିଲାର ୩ଟି ବିଦ୍ୟାଳୟରେ ଅତ୍ୟାଧୁନିକ ପାଠାଗାର, ସ୍ମାର୍ଟ କ୍ଲାସରୁମ୍, ସେଣ୍ଟର ଅଫ୍ ଏକ୍ସିଲେନ୍ସି ପ୍ରତିଷ୍ଠା କରାଯିବ। ବିଦ୍ୟାଳୟରେ ପିଲାଙ୍କୁ ୨ଟି ବିଦେଶୀ ଭାଷା ଶିକ୍ଷା ଦିଆଯିବ। ସମସ୍ତ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଡାଇନିଂ ହଲ୍ କରାଯିବ। ଏଥିସହ ତାଳଚେରର ସର୍ବପୁରାତନ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯିବ। ସେହିପରି କୃଷିଜାତ ଦ୍ରବ୍ୟରୁ ଲାଭ ପାଇଁ ଜୀବିକା ନିର୍ବାହ କାର୍ଯ୍ୟରେ କୃଷି ଉତ୍ପାଦନ କ୍ଲଷ୍ଟର ସ୍ଥାପନ ହେବ। ଦୁଗ୍ଧ ଉତ୍ପାଦନ ଏବଂ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେବ। ଅନୁଗୋଳ ସମେତ ଆଠମଲ୍ଲିକ ଓ ତାଳଚେରରେ ଓମ୍‌ଫେଡ ଦ୍ୱାରା ବଲ୍‌କ ମିଲ୍କ କୁଲର ଗୃହ ପ୍ରତିଷ୍ଠା ହେବ। ପାଲଲହଡ଼ା ଓ ଆଠମଲ୍ଲିକରେ ଟସର ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ୫ ଶହ ତୃତୀୟ ଲିଙ୍ଗୀଙ୍କୁ ନେଇ ପୋଷାକ ୟୁନିଟ୍ ସ୍ଥାପନ ହେବ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କମ୍ୟୁନିଟି ରେଡିଓ ସେବା ପ୍ରଚଳନ କରାଯିବ। ଶହେ କୃତୀ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍ ପ୍ରଦାନ କରାଯିବ। ବୈଠକରେ ୩୫୦୭ ପ୍ରକଳ୍ପକୁ ମଞ୍ଜୁର କରାଯାଇଥିଲା। ୨୩୩୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୬୮୭ଟିର କାର୍ଯ୍ୟ ଚାଲୁ ରହିଛି। ଆଉ ୪୯୦ ପ୍ରକଳ୍ପ କାମ ଆରମ୍ଭ ହୋଇ ନ ଥିବା ସୂଚନା ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ତେବେ ଏହି ବୈଠକରେ ଖଣିଜ ପାଣ୍ଠି ଠିକ୍ ଭାବେ ବିନିଯୋଗ ହେଉ ନ ଥିବା ନେଇ ଖଣି ପ୍ରଭାବିତ ଅଞ୍ଚଳର ଜନପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରକ ଯନ୍ତ୍ର (ଏସି) ଖଣିଜ ପାଣ୍ଠି ଅର୍ଥରେ ଲଗାଯାଇଥିଲେ ହେଁ ପାଣ୍ଠିର ଠିକ୍ ବିନିଯୋଗ ହୋଇ ନ ଥିବା ଅଭିଯୋଗ ଉଠିଥିଲା। ଏହାର ଅନୁଧ୍ୟାନ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକରେ ପ୍ରକାଶ କରିଥିଲେ।

# କରୋନାରେ ପ୍ରଭାବିତ ହୋଇଛି ମାନସିକ ସ୍ୱାସ୍ଥ୍ୟ

**ଢେଙ୍କାନାଳ ଅଫିସ, ୧୨।୧୧**

କରୋନା ସମୟରେ ଗୃହବନ୍ଦୀ ଜୀବନ କାଟିବା ଭିତରେ ସବୁଠାରୁ ବେଶି ପ୍ରଭାବିତ ହୋଇଛି ମାନସିକ ସ୍ୱାସ୍ଥ୍ୟ। ଏବେକାର କଠିନ ସମୟରେ ମାନସିକ ସୁସ୍ଥତା ବଜାୟ ରଖିବା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏଥିରୁ ମୁକୁଳିବାକୁ ହେଲେ ସକାରାତ୍ମକ ଢଙ୍ଗରେ ଜୀବନ ଜୀଇବାକୁ ହେବ ବୋଲି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ଇ-କର୍ମଶାଳାରେ ମତପ୍ରକାଶ ପାଇଛି। ଏହି ଉପଲକ୍ଷେ ଆୟୋଜିତ 'ନିଉ ଚ୍ୟାଲେଞ୍ଜେସ୍ ଇନ୍ ଦି ଚେଞ୍ଜିଙ୍ଗ୍ ସିନାରିଓ ଏବଂ ମେଣ୍ଟାଲ ହେଲ୍‌ଥ' ଶୀର୍ଷକ କର୍ମଶାଳାରେ ବିଭିନ୍ନ ଦେଶର ଅଧ୍ୟାପିକା, ଅଧ୍ୟାପକ, ଗବେଷକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ଅଧ୍ୟାପିକା ଡ. ନମିତା ମହାନ୍ତି, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମିନା ହରିହରନ, ଆଇଆଇଟି ଖଡଗପୁରର ପ୍ରଫେସର ଡ. ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ମାନସିକ ସ୍ୱାସ୍ଥ୍ୟ, ମନ ଉପରେ ଏହାର ପ୍ରଭାବ, ନେତୃତ୍ୱ ଚ୍ୟାଲେଞ୍ଜ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ଡ. ମନସ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ୨୦ ନିବନ୍ଧ ଉପସ୍ଥାପନା କରାଯାଇଥିଲା। ସ୍ମରଣିକା ପଣ୍ଡାଙ୍କ ନିବନ୍ଧ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଦ୍ୱିତୀୟ ଦିବସରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନନ୍ଦିତା ବାବୁ 'ପଜିଟିଭ୍ ୟୁଥ ଡେଭେଲପମେଣ୍ଟ', ଉତ୍କଳ ବିଶ୍ୱବିଦ୍ୟାଳୟର ଡ. ଭାସ୍ୱତୀ ପଟ୍ଟନାୟକ ଏବଂ ବିଜେବି କଲେଜର ପ୍ରାକ୍ତନ ଅଧ୍ୟାପକ ପ୍ରବୋଧ କୁମାର ପଣ୍ଡା 'ମେଣ୍ଟାଲ ହେଲଥ' ଉପରେ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ଡ. ରଶ୍ମି ମିଶ୍ର, ପ୍ରଫେସର ସୁରେନ୍ଦ୍ରନାଥ ଷଡଙ୍ଗୀ, ଅଧ୍ୟାପିକା ଡ. ନମିତା ଦାସ, ଅଧ୍ୟାପକ ରଜନୀକାନ୍ତ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ୟପ୍ରାଣୀ ଗଣନା ତାଲିମ

**ଅନୁଗୋଳ ଅଫିସ, ୧୨।୧୧:** ବନ୍ୟପ୍ରାଣୀଙ୍କ ଗତିବିଧି ନିରୀକ୍ଷଣ ଏବଂ ବୈଜ୍ଞାନିକ ପଦ୍ଧତିରେ ଗଣନା ପାଇଁ ଅନୁଗୋଳର ନେଚର୍ ହାଉସ୍‌ଠାରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଶିବିର ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜନ କରାଯାଇଥିବାବେଳେ ଅନୁଗୋଳର ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି(ନିୟୁଜ୍) ଏବଂ ଢେଙ୍କାନାଳର ସିଆଇଏସ୍‌ଏସ୍ ଅନୁଷ୍ଠାନର ସଭ୍ୟାସଭ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରୁଦ୍ର ପ୍ରସନ୍ନ ମହାପାତ୍ର, ପ୍ରସନ୍ନ କୁମାର ବେହେରା, ବିଜୟ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରକାର କୌଶଳ ଉପରେ ଆଲୋଚନା କରିଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷାରେ କ୍ୟାମେରା ଟ୍ରାପିଂର ଉପାଦେୟତା, ବ୍ୟବହାର ଓ ଅନୁଧ୍ୟାନ ସମେତ ଅନୁଶୀଳନର ବିଭିନ୍ନ ପଦ୍ଧତି ଉପରେ ଅବଗତ କରାଯାଇଥିଲା। ପ୍ରୀତିନନ୍ଦା ସାହୁ ଧନ୍ୟବାଦ ଦେଇଥିଲେ।

# ଆର୍‌ଏମ୍‌ସି ଗୃହ ଫାଟି ଆଁ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୧୨।୧୧**


ଅବ୍ୟବହୃତ ହୋଇରହିଥିବା ଆର୍‌ଏମ୍‌ସି ଗୃହ।

- ଶୋଉଛନ୍ତି ଷଣ୍ଢ, କୁକୁର
- ବ୍ୟବସାୟୀ ମିଳୁ ନ ଥିବା ସଫେଇ ଦେଉଛନ୍ତି ଅଧିକାରୀ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଖନପୁର ପଞ୍ଚାୟତର ତରାଙ୍ଗଠାରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ନିର୍ମିତ ଗୃହ ୬ବର୍ଷ ଧରି ଅବ୍ୟବହୃତ ହୋଇରହିଛି। ଲୋକମାନଙ୍କୁ ସୁବିଧାରେ ଜିନିଷପତ୍ର ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଖୋଲାଯାଇଥିବା ଏହି ଗୃହ ଏବେ ଷଣ୍ଢ ଓ କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ସନ୍ଧ୍ୟା ହେଲେ ଅସାମାଜିକ ଯୁବକ ଆଡ୍ଡା ଜମାଉଛନ୍ତି। ସମ୍ମୁଖଭାଗ ରାସ୍ତା ଦେଇ ସାଧାରଣ ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ବ୍ୟବହାର ନ ହେବା ସହ ରକ୍ଷଣାବେକ୍ଷଣ ଅଭାବରୁ ଘର କାନ୍ଥ ଫାଟି ଆଁ କଲାଣି। ଅନାବନା ଲଟାରେ ଭର୍ତ୍ତି ହୋଇଥିବା ଘର ଚତୁଃପାର୍ଶ୍ୱକୁ ଦେଖିଲେ ଏହା ବ୍ରିଟିଶ ଅମଳର କୋଠା ଭଳି ଭ୍ରମ ସୃଷ୍ଟି ହେବ। କୋଟି କୋଟି ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ଗୃହ ଭୁଶୁଡ଼ି ନଷ୍ଟ ହେବା ପୂର୍ବରୁ ଏହାର ମରାମତି କରି କାର୍ଯ୍ୟକ୍ଷମ କରାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୦୧୪ ନଭେମ୍ବର ୨୧ରେ ୧କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଗୃହର ଶିଳାନ୍ୟାସ କରାଯାଇଥିଲା। ବଜାର ଓ ମଣ୍ଡିର ଆବଶ୍ୟକତା ପାଇଁ ୩ଟି ପୃଥକ ଗୃହ ଓ ଚଟାଣ ତିଆରି କରାଯାଇଥିଲା। ତରବରିଆ ଭାବେ ଅତ୍ୟନ୍ତ ନିମ୍ନମାନର କାମ କରି ଛାଡିଦେବା ଯୋଗୁ ଖୁବ ଅଳ୍ପଦିନ ବ୍ୟବଧାନରେ କାନ୍ଥ ଫାଟିବା ଆରମ୍ଭ ହୋଇଥିଲା। ୧ବର୍ଷ ମଧ୍ୟରେ କାମ ଶେଷ ହେବାଠାରୁ କିଭଳି ସରକାରୀ ଗୃହ କାମରେ ଲାଗିବ ଦିନେ ହେଲେ କୌଣସି ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ। ତୁରନ୍ତ ଗୃହ କିଭଳି ଲୋକଙ୍କ କାମରେ ଲାଗିବ ସେଥିଲାଗି ନିୟନ୍ତ୍ରିତ ବଜାର କମିଟି ଦୃଷ୍ଟି ଦେବାକୁ ସ୍ଥାନୀୟ ସରପଞ୍ଚ ସୁଦର୍ଶନ ସିଂ ଦାବି କରିଛନ୍ତି। ଏ ସମ୍ପର୍କରେ ବଜାର କମିଟି ସମ୍ପାଦକ ଗୋପୀନାଥ ବିଶ୍ୱାଳ କହିଛନ୍ତି, ଆଖପାଖରୁ କୌଣସି ବ୍ୟବସାୟୀ ଆସିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବାରୁ ବଜାର ଚାଲିପାରୁନାହିଁ। କାମ ଠିକ୍ ହୋଇ ନ ଥିବାରୁ କାନ୍ଥ ଫାଟି ଯାଇଛି। ଏହାର ମରାମତି କରାଯିବା ସହ ଏକ ପାଚେରି ନିର୍ମାଣ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବାର ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

## ଭଦ୍ରକରେ ବଢୁଛି ନିଶା କାରବାର

**ଭଦ୍ରକ ଅଫିସ, ୧୨।୧୧:** ଭଦ୍ରକ ଜିଲାରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ, ବ୍ରାଉନସୁଗାର, ଚରସ୍, ଅଫିମ, ଗଞ୍ଜେଇ, ନକଲି ବିଦେଶୀ ମଦ ଆଦି କାରବାର ଚାଲିଛି। ଆଉ ଏସବୁ ବାଲେଶ୍ୱରରୁ ରାତି ଅଧିଆ ଚାଲାଣ ହେଉଥିବା ଜଣାପଡ଼ିଛି। ଏଥିପାଇଁ ବ୍ୟବହୃତ ହେଉଛି ସୌଖୀନ ଚାରିଚକିଆ ଗାଡ଼ି। ଅବକାରୀ ବିଭାଗ ଓ ପୋଲିସ କେବଳ ଲୋକଦେଖାଣିଆ ଚଢ଼ାଉ କରୁଛନ୍ତି। ଭୁବନେଶ୍ୱର ଓ କଟକରୁ ଏସ୍‌ଟିଏଫ୍ ଟିମ୍ ଭଦ୍ରକରେ ପହଞ୍ଚି ଦୀର୍ଘବର୍ଷ ଧରି ନିଶା କାରବାରରେ ଲିପ୍ତ ଥିବା ବ୍ୟବସାୟୀଙ୍କୁ ଗିରଫ କରିବାରେ ସକ୍ଷମ ହେଉଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ସେମାନଙ୍କୁ କାବୁ କରି ନ ପାରିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା ହେଉଛି। ନିକଟରେ ଭଦ୍ରକ ଅବକାରୀ ଇନ୍ସପେକ୍ଟର ଓ ୫ ଜଣ କର୍ମଚାରୀଙ୍କୁ ଚଢ଼ାଉ ବେଳେ ମଦ ମାଫିଆଙ୍କ ମାଡ଼ ଓ ଜବତ ମଦ ଛଡ଼ାଇ ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଗତ ମାସରେ ଏସ୍‌ଟିଏଫ୍ ଟିମ୍ ପୁରୁଣାବଜାର ଅଞ୍ଚଳରେ ଚଢ଼ାଉ କରି ୫ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲା।

# ହେବନି ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା

**ବାରିପଦା ଅଫିସ, ୧୨।୧୧**

କୋଭିଡ୍ କଟକଣା ଯୋଗୁ ଚଳିତ ବର୍ଷ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ବନ୍ଦ ରହିବ। କେବଳ ନିରାଡ଼ମ୍ବର ଭାବେ ପୂଜା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ବାରିପଦାସ୍ଥିତ ଭଞ୍ଜପୁରଠାରେ ଦୀର୍ଘ ୬୭ବର୍ଷ ଧରି ମା'ଜଗଦ୍ଧାତ୍ରୀଙ୍କ ପୂଜା ହୋଇଆସୁଥିବା ବେଳେ ୨୭ବର୍ଷ ହେଲା ମେଳା ଅନୁଷ୍ଠିତ ହେଉଛି। ଉତ୍ତର ଓଡିଶାର ଏହା ଏକ ବାଲିଯାତ୍ରା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମେଳାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ସମେତ ଓଡ଼ିଶାର କୋଣ ଅନୁକୋଣରୁ ୩୫୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ପସରା ମେଲିଥାଏ। ପ୍ରତିବର୍ଷ ଅଁଳା ନବମୀଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ଏହାର ୪ ଦିନ ପରେ ୨୦ଦିନ ଧରି ମେଳା ବସୁଥିବା ବେଳେ ଲକ୍ଷାଧିକ ଲୋକଙ୍କ ଗହଳି ଲାଗିଥାଏ। ବର୍ଷକୁ ୨୦ରୁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପୂଜା ଓ ମେଳା ଅନୁଷ୍ଠିତ ହେଉଥିବା ବେଳେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମେଳା ହେବ ନାହିଁ ବୋଲି କ୍ଲବର ସଭାପତି ଦର୍ପନାରାୟଣ ପାଲ କହିଛନ୍ତି।

ପ୍ରତି ବର୍ଷ ଆକର୍ଷଣୀୟ ସୁଉଚ୍ଚ ମେଢ଼, ସୁନ୍ଦର ତୋରଣ କରାଯାଉଥିବା ବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଥାଏ। ତେବେ ଚଳିତ ବର୍ଷ ଏହି ସବୁରୁ ବଞ୍ଚିତ ହେବାକୁ ପଡ଼ିବ ବୋଲି ବାରିପଦାବାସୀ ଅଭିଲିପ୍ସା ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଜିଲା ତଥା ପଡ଼ୋଶୀ ଜିଲାରେ ଥିବା କଳାକାରମାନେ ଏହି ମେଳାରେ ନିଜ କଳା ପ୍ରଦର୍ଶନ କରୁଥିଲେ। ହଜାର ହଜାର ଦର୍ଶକଙ୍କ ସାମ୍ନାରେ ନିଜର କଳାକୃତି ପ୍ରଦର୍ଶନ କରିବାରୁ ବଞ୍ଚିତ ହେବାକୁ ପଡ଼ିବ ବୋଲି ଶିଶୁ କଳାକାର ଶୁଭନନ୍ଦା ଇଲା ପାଣି ପ୍ରକାଶ କରିଛନ୍ତି। ମେଳା ଅନେକ ଆସିବ, ମାତ୍ର ଘଡିସନ୍ଧି ମହୂର୍ତ୍ତରେ ବହୁ ଲୋକଙ୍କ ସମାଗମକୁ ଏଡ଼ାଇବା ପାଇଁ କମିଟି ତରଫରୁ ମେଳା ବନ୍ଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ପ୍ରିୟବ୍ରତ ଦାସ, ଧୀରେନ୍ କୁମାର ନାଏକ, ପ୍ରମୋଦ ମହାନ୍ତି, ପ୍ରୀତମ ପଣ୍ଡା, ବାଦଲ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି।

# ୬ ଜଳ ଏଟିଏମ୍ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ବାଲେଶ୍ୱର ଅଫିସ, ୧୨।୧୧**

କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର ଜିଲାରେ ୮ଟି ଜଳ ଏଟିଏମ୍ ସ୍ଥାପନ କରାଯାଇଛି। ଆଗରୁ ଦୁଇଟି ମେଶିନ୍‌ର ଉଦ୍‌ଘାଟନ ସରିଥିବା ବେଳେ ଗୁରୁବାର ଜିଲାରେ ଆଉ ୬ଟି ଉଦ୍‌ଘାଟିତ ହୋଇଛି। ପ୍ରତ୍ୟେକ ଜଳ ଏଟିଏମ୍‌ର ମୂଲ୍ୟ ୫ଲକ୍ଷ ଟଙ୍କା। ଏଥିରୁ ଘଣ୍ଟାରେ ୫ଶହ ଲିଟର ଶୁଦ୍ଧ ପାନୀୟଜଳ ମିଳିପାରିବ। ମେଶିନଗୁଡ଼ିକରେ ଥଣ୍ଡା ପାଣି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜଳ ଏଟିଏମ୍‌କୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦ୍ଦେବ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ଏବଂ ଏନ୍‌ଟିପିସିର ସିଏସ୍‌ଆର୍ ଫଣ୍ଡ ସହାୟତାରେ କ୍ରିଏଟିଭ୍ ସୋସାଇଟି ଚେୟାରମ୍ୟାନ୍ ବିଏସ୍ ନେଗିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଳ ଏଟିଏମ୍‌କୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ଅନ୍ଧାରରେ ୧୫ ପରିବାର

**କେନ୍ଦୁଝର, ୧୨।୧୧ (ସ୍ୱ.ପ୍ର.)**



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

- ମରାମତି ହେଉନି ଟ୍ରାନ୍ସଫର୍ମର
- ଜିଲାପାଳଙ୍କ ଦ୍ୱାରସ୍ଥ ଲୋକେ

ସମସ୍ତ ଗ୍ରାମକୁ ଓ ଘରକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ସରକାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ଗ୍ରାମରେ ଟ୍ରାନ୍ସଫର୍ମର ପୋଡ଼ି ଯାଉଛି। ପରେ ଏହାକୁ ମରାମତି କରାଯାଉ ନ ଥିବା ଯୋଗୁ ଦୀର୍ଘଦିନ ଧରି ଅନ୍ଧାରରେ ରାତି କାଟୁଛନ୍ତି ଲୋକେ। ଯେଉଁଥିପାଇଁ ସରକାରଙ୍କ ଏଭଳି ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସମସ୍ୟା ନେଇ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅଧୀନ ଭଅରପୁର ଗ୍ରାମର ଦେହୁରୀ ସାହିର ଅଧିବାସୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୂଆ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସଂଯୋଗ କରାଯିବାକୁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ସାହିକୁ କିଛି ବର୍ଷ ତଳେ ୨୫ କେଭି-ଏ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। କିନ୍ତୁ ଅନେକ ବିପିଏଲ୍ ପରିବାରକୁ ସଂଯୋଗ କରା ନ ଯାଇ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଏହାର ମାତ୍ର ୨ ମାସ ପରେ ଟ୍ରାନ୍ସଫର୍ମର ପୋଡ଼ି ଯିବାରୁ ପୂର୍ବଭଳି ୧୫ ଆଦିବାସୀ ପରିବାର ଅନ୍ଧାରରେ ରାତି କାଟିବାକୁ ପଡୁଛି ବୋଲି ମଞ୍ଜୁଲତା ବେହେରା, ମଲି ବେହେରା ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ବାଧ୍ୟ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ବିଦ୍ୟୁତ୍ ଅଭାବରୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ୨୦୨୦ ଡିସେମ୍ବର ସୁଦ୍ଧା ସମୁଦାୟ ଜିଲାର ୨୧୩୭ ଗ୍ରାମରେ ବିଦ୍ୟୁତ୍‌କରଣ ଲକ୍ଷ୍ୟ ରଖାଯାଇଥିବା ବେଳେ ପାଖାପାଖି ୩୦୦ ଗ୍ରାମ ବାକି ରହିଥିବା ଜଣାପଡ଼ିଛି। ତେବେ ଏହି କାମ ଏନ୍‌ଟିପିସିର ତଦାରଖରେ ବିଭିନ୍ନ ଠିକା ସଂସ୍ଥା କରୁଛି। ବିଦ୍ୟୁତ୍‌କରଣର ବର୍ଷେ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ ଉକ୍ତ ଠିକା ସଂସ୍ଥାମାନଙ୍କର ବୋଲି ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ କହିଛନ୍ତି। ଅନ୍ୟପକ୍ଷେ ଅନେକ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଉଥିଲେ ହେଁ ସଜଡ଼ା ଯାଉ ନ ଥିବା କିମ୍ବା କୌଣସି ସମସ୍ୟା ହେଲେ ମରାମତି କରାଯାଉ ନ ଥିବାରୁ ଏ ନେଇ ତଦନ୍ତ ଜରୁରୀ ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି ମତବ୍ୟକ୍ତ କରିଛନ୍ତି।

## ପୟାଶ୍ରାଦ୍ଧ ପାଇଁ ପୁରୀ ମନା

ପୁରୀ ଅଫିସ:ଦୀପାବଳି ଅମାବାସ୍ୟାରେ ଶ୍ରୀକ୍ଷେତ୍ରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କରୋନା କଟକଣାକୁ ଦୃଷ୍ଟିରେ ରଖି ଏଥର ଏହା ଉପରେ ପୁରୀ ଜିଲା ପ୍ରଶାସନ କଟକଣା ଲଗାଇଛି। ସିଂହଦ୍ୱାର ସମ୍ମୁଖରେ ପୟାଶ୍ରାଦ୍ଧ ପାଇଁ ଜିଲା ବାହାର ଲୋକଙ୍କୁ ବାରଣ କରାଯାଇଛି। ଦୀପାବଳି ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯିବ। କେବଳ ପୁରୀ ସହରବାସୀ ଏମାର ମଠ କଡ଼ ପାର୍କିଂସ୍ଥଳରେ ବଡ଼ବଡ଼ୁଆ ଡାକିବେ। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଗୁରୁବାର ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି। ବାଣ ଉପରେ କଟକଣା ଲଗାଯାଇଛି। ଘରେ ରହି ଦୀପାବଳି ପାଳନ କରିବାକୁ ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ଦ୍ୱିତୀୟଥର ହଜାରେ ତଳେ ସଂକ୍ରମଣ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିବାବେଳେ ଶେଷ ୩ଦିନ ମଧ୍ୟରେ ଦୁଇଥର ହଜାରେ ତଳକୁ ଚାଲି ଆସିଛି। ଗତ ୧୦ ତାରିଖରେ ପ୍ରଥମଥର ସଂକ୍ରମଣ ୯୮୭କୁ ଖସିଥିଲା। ଗୁରୁବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟରେ ଆଉ ୯୮୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧ କେନ୍ଦ୍ରରୁ ୫୭୨ଜଣ ଥିବାବେଳେ ୪୧୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧୧୨ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି କଟକରୁ ୮୧, ସୁନ୍ଦରଗଡ଼ ୮୦, ଅନୁଗୋଳ ୬୪, ମୟୂରଭଞ୍ଜ ୫୭, ଜଗତ୍‌ସିଂହପୁର ୫୪, କେନ୍ଦୁଝର ୪୯, କେନ୍ଦ୍ରାପଡ଼ା ୪୪, ବାଲେଶ୍ୱର ୪୩, କଳାହାଣ୍ଡି ୪୨, ନୂଆପଡ଼ା ୩୮, ବରଗଡ଼ ୩୪, ପୁରୀ ୩୨, ଯାଜପୁର ୨୮, ଢେଙ୍କାନାଳ ଓ ବଲାଙ୍ଗୀରରୁ ୨୬ ଲେଖାଏ, ଝାରସୁଗୁଡ଼ା ୧୯, ସମ୍ବଲପୁର ଓ ରାୟଗଡ଼ାରୁ ୧୬ ଲେଖାଏ, ନବରଙ୍ଗପୁର ଓ ଗଞ୍ଜାମରୁ ୧୫ ଲେଖାଏ, କୋରାପୁଟ ୧୪, କନ୍ଧମାଳ ୧୩, ଭଦ୍ରକ ୧୦, ବୌଦ୍ଧ ୮, ମାଲକାନଗିରି ୬, ଦେବଗଡ଼ ୫, ସୋନପୁର ଓ ଗଜପତିରୁ ୩ ଲେଖାଏ ଏବଂ ଷ୍ଟେଟ୍‌ପୁଲ୍‌ରୁ ୨୩ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୫,୯୮୬କୁ ବୃଦ୍ଧିପାଇଛି। ସେହିପରି ଆଉ ୧୪ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୪୮୩କୁ ବୃଦ୍ଧି ପାଇଛି। ଆଉ ୧୨୬୪ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୯୩,୭୩୧ରେ ପହଞ୍ଚିଛି। ବର୍ତ୍ତମାନ ୧୧,୯୭୩ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ୧୪ରୁ ନିଖିଳ ଭାରତ ସମବାୟ ସପ୍ତାହ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ଚଳିତ ନଭେମ୍ବର ୧୪ରୁ ୨୦ ତାରିଖ ଯାଏ ରାଜ୍ୟରେ ୬୭ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯିବ। କରୋନା ସମୟରେ ଚାଷୀଙ୍କୁ ସମବାୟ ସଂସ୍ଥା ଯୋଗାଇ ଦେଇଥିବା ସେବା ଏବଂ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କିତ ବାର୍ତ୍ତାକୁ ଭର୍ଚୁଆଲ୍ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏ ନେଇ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ୍ ବୈଠକରେ ସମସ୍ତ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ନଭେମ୍ବର ୧୯ରେ 'କୋଭିଡ୍ ମହାମାରୀ ଓ ସମବାୟ' ଶୀର୍ଷକ ୱେବିନାର ଆୟୋଜନ କରାଯିବ। ଏଥିପୂର୍ବରୁ କଟକ, ବ୍ରହ୍ମପୁର, ସମ୍ବଲପୁର ସମେତ ୧୯ ଏଆର୍‌ଏସିଏସ୍ତରରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କୃଷିକ୍ଷେତ୍ରର ବିକାଶ ଲାଗି ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ, ସମବାୟ ସମିତିର ଆଭିମୁଖ୍ୟ, ଋଣ ପ୍ରଦାନ, ଧାନକିଣା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

### ପିପିଲି ଉପନିର୍ବାଚନ: ଅଧିକ ୭୭ ବୁଥ୍ ହେବ

**ପୁରୀ ଅଫିସ,୧୨।୧୧:** ଆଗକୁ ପିପିଲି ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ଏହି ଆସନ ଖାଲିପଡ଼ିଛି। ୬ମାସ ଭିତରେ ନିର୍ବାଚନ ହେବାକୁ ନିୟମ ରହିଥିବାରୁ ଆସନ୍ତା ଏପ୍ରିଲ ୩ ତାରିଖ ସୁଦ୍ଧା ଏଠାରେ ଭୋଟ କରାଯିବ। ଏ ନେଇ ଯଦିଓ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ କିନ୍ତୁ ଏହାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଉପନିର୍ବାଚନ ସମୟକୁ କରୋନା ପ୍ରକୋପ ଥିବ କି ନ ଥିବ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପ୍ରଶାସନ କିନ୍ତୁ କରୋନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେଉଛି ବୋଲି ଗୁରୁବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର କହିଛନ୍ତି। ଡେପୁଟି କଲେକ୍ଟର କର କହିଛନ୍ତି ଯେ, ପିପିଲି ନିର୍ବାଚନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୨୬ ହଜାର। ପୂର୍ବରୁ ଏଠାରେ ୨୭୩ଟି ବୁଥ୍ କରାଯାଉଥିଲା। କିନ୍ତୁ କରୋନାକୁ ନଜରରେ ରଖି ଏଥର ପ୍ରତ୍ୟେକ ବୁଥ୍‌ରେ ଭୋଟର ସଂଖ୍ୟା ୧ ହଜାର ଭିତରେ ସୀମିତ ରଖାଯିବ। ପିପିଲିର ୭୭ଟି ବୁଥ୍‌ରେ ୧ ହଜାରରୁ ଅଧିକ ଭୋଟର ରହିଛନ୍ତି। ତେଣୁ ଆଗାମୀ ଦିନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଆଉ ୭୭ଟି ବୁଥ୍ କରାଯିବ। ଫଳରେ ମୋଟ ବୁଥ୍ ସଂଖ୍ୟା ୩୫୦ ହେବ। କିନ୍ତୁ କେବେ ଏଠାରେ ଉପନିର୍ବାଚନ ହେବ ସେ ନେଇ ବିଜ୍ଞପ୍ତି ପ୍ରକାଶ ପାଇନାହିଁ।

# ସ୍ୱାବଲମ୍ବୀ ଶୁଭଶଙ୍କର

- ଏଲ୍‌ଇଡି ବଲ୍‌ବ ଦେଲା ପରିଚୟ
- ବିନା ବିଜୁଳିରେ ଜଳୁଛି ୪ଘଣ୍ଟା

**ନବରଙ୍ଗପୁର,୧୨।୧୧(ବି.ପ୍ର.)**

ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣ ଆହ୍ୱାନରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସହ ସ୍ୱଦେଶୀ ଉତ୍ପାଦନ ଓ ରୋଜଗାର ସୃଷ୍ଟି ପାଇଁ ଅଣ୍ଟା ଭିଡିଛନ୍ତି ଯୁବପିଢ଼ି। ନବରଙ୍ଗପୁର ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହାକୁ ସାକାର କରି ଦେଖାଇଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଝରିଗୁମ୍ମାର ଯୁବ ଇଞ୍ଜିନିୟର ଶୁଭଶଙ୍କର ସାହୁ। ନିଜ ଉଦ୍ୟମରେ ଘରୋଇ ଉଦ୍ୟୋଗ ମାଧ୍ୟମରେ ତିଆରି କରୁଛନ୍ତି ଏଲ୍‌ଇଡି ବଲ୍‌ବ। ଅଳ୍ପଦିନ ମଧ୍ୟରେ ଏହାର ଚାହିଦା ବଢୁଛି। ସେ ନିଜେ ସ୍ୱାବଲମ୍ବୀ ହେବା ସହ ସ୍ଥାନୀୟ ବେକାର ଯୁବକଙ୍କୁ ମଧ୍ୟ ରୋଜଗାର ଯୋଗାଉଛନ୍ତି।

ଶୁଭଶଙ୍କର ୨୦୧୬ରେ ମେକାନିକାଲ ଇଞ୍ଜିନିୟରିଂ ପଢ଼ା ଶେଷ କରି ସାରିବା ପରେ ସୁନାବେଡାସ୍ଥିତ 'ହାଲ୍'ରେ ଚାକିରି କରିଥିଲେ। ନିଜେ କିଛି କରି ଦେଖାଇବାର ସ୍ୱପ୍ନ ସାକାର କରିବା ପାଇଁ ୩ବର୍ଷ ଚାକିରି କଲାପରେ ସେ ଫେରି ଆସିଥିଲେ ଭିଟାମାଟି ଝରିଗୁମ୍ମାକୁ। ଏକ ହାର୍ଡୱେୟାର ଦୋକାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆତ୍ମ ନିର୍ଭରଶୀଳ ଭାରତ ନିର୍ମାଣ ଆହ୍ୱାନରେ ଅନୁପ୍ରାଣିତ ହୋଇ ସେ ଆରମ୍ଭ କରିଛନ୍ତି ଏକ ଅଣୁ ଉଦ୍ୟୋଗ। ଘରେ ହିଁ ପ୍ରସ୍ତୁତ କରୁଛନ୍ତି ୩, ୯, ୧୫ ୱାଟର ଏଲ୍‌ଇଡି ବଲ୍‌ବ। ଏଥିସହ ନୂତନ କୌଶଳର ଏକ ବଲ୍‌ବ ନିର୍ମାଣ କରୁଛନ୍ତି, ଯାହାକି ବିନା ଇଲେକ୍ଟ୍ରିସିଟିରେ ମଧ୍ୟ ୪ଘଣ୍ଟା ଧରି କାର୍ଯ୍ୟ କରିଥାଏ। ଦିନକୁ ୨୦୦ରୁ ୩୦୦ ବଲ୍‌ବ ପ୍ରସ୍ତୁତ କରିଥାନ୍ତି ଶୁଭଶଙ୍କର। ବଲ୍‌ବ ପ୍ରସ୍ତୁତ ଏବଂ ଏହାର ମାର୍କେଟିଂ ପାଇଁ ୫ ଜଣ ସହାୟକଙ୍କୁ ନିୟୋଜିତ କରିଛନ୍ତି। ଦିଲ୍ଲୀର ଇନୋଟେକ୍ କମ୍ପାନୀଠାରୁ ବଲ୍‌ବ ତିଆରି ପାଇଁ ଆବଶ୍ୟକ ସରଞ୍ଜାମ ଅଣାଯାଉଛି। ଶୁଭଶଙ୍କର ଦ୍ୱାରା ପ୍ରସ୍ତୁତ ବଲ୍‌ବ ଦାମ କମ୍ ଥିବାରୁ ବଜାରରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ପ୍ରାୟ ୪ ମାସ ପୂର୍ବରୁ ୭୦ହଜାର ଟଙ୍କାରେ ଏହି ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏବେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ସେ କହିଛନ୍ତି। ବ୍ୟବସାୟକୁ କେବଳ ଗାଁରେ ସୀମିତ ନ ରଖି ନିଜ ଉଦ୍ୟୋଗକୁ ଆଗକୁ ବଢ଼ାଇବା ଲକ୍ଷ୍ୟ ରଖିଥିବା ଶୁଭଶଙ୍କର ପ୍ରଧାନମନ୍ତ୍ରୀଙ୍କ ଭୋକାଲ ଫର୍ ଲୋକାଲ୍‌କୁ ନେଇ ବେଶ୍ ଆଶାବାଦୀ। ସରକାରଙ୍କ ପକ୍ଷରୁ ଶୀଘ୍ର ସହାୟତା ମିଳିଲେ ନିଜ ଉଦ୍ୟୋଗ ବଢ଼ାଇ ଅଧିକ ଲୋକଙ୍କୁ ସ୍ୱାବଲମ୍ବୀ କରାଇପାରିବେ ବୋଲି ଶୁଭଶଙ୍କର କହିଛନ୍ତି।


ଶୁଭଙ୍କର ବଲ୍‌ବ ତିଆରି କରୁଛନ୍ତି।

# ଟ୍ରେନ୍‌ରେ ବାଣ, ବିସ୍ଫୋରକ ନେଲେ ୩ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଦୀପାବଳି ପରିପ୍ରେକ୍ଷୀରେ ଟ୍ରେନ୍ ଯାତ୍ରୀ ଓ ସମ୍ପତ୍ତିର ସୁରକ୍ଷାକୁ ଗୁରୁତ୍ୱ ଦେଇଛି ପୂର୍ବତଟ ରେଳପଥ। ଟ୍ରେନ୍ ଯାତ୍ରା ସମୟରେ ଦହନଶୀଳ ପଦାର୍ଥ ଯଥା ଫଟକା କିମ୍ବା କୌଣସି ବିସ୍ଫୋରକ ଓ ବାଣ ପରିବହନକୁ ବାରଣ କରାଯାଇଛି। ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ ଆଦି ସାମଗ୍ରୀର ପରିବହନ ରେଳପଥ ଅଧିନିୟମ-୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଛି। ଏହାକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି। ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ ପୂର୍ବତଟ ରେଳପଥ ଯାତ୍ରୀଙ୍କୁ ସତର୍କ କରିବା ସହ ନିଜକୁ କିମ୍ବା ସହଯାତ୍ରୀଙ୍କୁ ଏସବୁ ସାମଗ୍ରୀ ପରିବହନ କରିବାକୁ ଦିଅନ୍ତୁ ନାହିଁ ବୋଲି ଅନୁରୋଧ କରିଛି। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ପ୍ରକ୍ରିୟା ଆରମ୍ଭ କରାଯାଇଥିବାବେଳେ କଡ଼ା ପଦକ୍ଷେପ ପାଇଁ ସମସ୍ତ ୩ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ୱାଲ୍ଟିଅରକୁ ପରାମର୍ଶ ଦେଇଛି। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଓ ସରକାରୀ ରେଳ ପୋଲିସ (ଜିଆର୍‌ପି)ଯାଞ୍ଚବେଳେ ବିସ୍ଫୋରକ କିମ୍ବା ଦହନଶୀଳ ସାମଗ୍ରୀ ପରିବହନ ହେଉଥିବା ଜାଣିବାକୁ ପାଇଲେ ତୁରନ୍ତ ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଷ୍ଟେଶନ ପରିଚାଳକ, ଗାର୍ଡଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ସେହିଭଳି ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମ୍ବନ୍ଧୀୟ କୌଣସି ଘଟଣା ବିଷୟରେ ହେଲ୍ପଲାଇନ୍ ନଂ.୧୮୨ରେ ଜଣାଇବାକୁ ସୂଚନା ଦିଆଯାଇଛି।

# ମ୍ୟାଲେରିଆ ପୂର୍ବାନୁମାନ କରିବ ପାଣିପାଗ ବିଭାଗ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ଏଣିକି ମ୍ୟାଲେରିଆ ସଂକ୍ରମଣର ପୂର୍ବାନୁମାନ କରିବ ପାଣିପାଗ ବିଭାଗ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଭାରତୀୟ ପାଣିପାଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ହାତକୁ ନିଆଯାଇଛି।



ଆସନ୍ତା ମୌସୁମୀରୁ ମ୍ୟାଲେରିଆଜନିତ ପୂର୍ବାନୁମାନ କରାଯିବ ବୋଲି ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି, ପାଣିପାଗର ପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ପାଣିପାଗ ଦ୍ୱାରା ମ୍ୟାଲେରିଆ ସଂକ୍ରମଣ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ବିଶ୍ଳେଷଣରୁ ଜଣାପଡିଛି ଯେ, ମ୍ୟାଲେରିଆ ବ୍ୟାପିବା ତାପମାତ୍ରା ଉପରେ ନିର୍ଭର କରିଥାଏ। ଗୋଟିଏ ଦିନର ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଅନୁସାରେ ସଂକ୍ରମଣ ବଢ଼ିଥାଏ ବା କମିଥାଏ। ମ୍ୟାଲେରିଆ ପାଇଁ କେଉଁ ତାପମାତ୍ରା ଅଧିକ ଅନୁକୂଳ ହୋଇଥାଏ, ତାହା ଜଣାପଡ଼ିଲେ ହିଁ ଏଥିପ୍ରତି ସତର୍କ ହୋଇପାରିବା। ଏଥିସହ ମ୍ୟାଲେରିଆ କେବେ ହେବାର ଅଛି ବା ମଶାଙ୍କ ସଂଖ୍ୟା କେବେ ବଢ଼ିବ, ତା'ର ପୂର୍ବାନୁମାନ କରିହେବ। ସର୍ବାଧିକ ତାପମାତ୍ରା ୩୩ରୁ ୩୯ ଡିଗ୍ରୀ ଓ ସର୍ବନିମ୍ନ ୧୪ରୁ ୧୯ ଡିଗ୍ରୀ ମଧ୍ୟରେ ମ୍ୟାଲେରିଆ ବ୍ୟାପିଥାଏ। ଏହି ତାପମାତ୍ର ଆଧାରରେ ମ୍ୟାଲେରିଆ ବ୍ୟାପିବା ଜଣାପଡ଼ିବ। ଏ ସମ୍ପର୍କିତ ତଥ୍ୟ ଆମେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଦେଉଛୁ ଓ ତାହା ଉପରେ ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାଦ୍ୱାରା ମ୍ୟାଲେରିଆଜନିତ ମୃତ୍ୟୁ କମ୍ କରିପାରିବା। ମ୍ୟାଲେରିଆ ସମ୍ପର୍କିତ ବୁଲେଟିନ୍ ପ୍ରତି ଗୁରୁବାର ଭାରତୀୟ ପାଣିପାଗ ବିଭାଗର ୱେବ୍‌ସାଇଟ୍‌ରେ ପ୍ରସାରଣ କରାଯାଉଛି। ଆସନ୍ତା ବର୍ଷଠାରୁ ଏହାକୁ ନିୟମିତ କରାଯିବାର ବ୍ୟବସ୍ଥା ହେବ ବୋଲି ସେ ସୂଚନା ଦେଇଛନ୍ତି।

ୱାର୍ଲ୍ଡ ମ୍ୟାଲେରିଆ ରିପୋର୍ଟ ୨୦୧୯ ଅନୁଯାୟୀ, ୧୯ ଆଫ୍ରିକୀୟ ଦେଶ ସମେତ ଭାରତ ପ୍ରାୟ ୮୫% ମ୍ୟାଲେରିଆ ବହନ କରନ୍ତି। ଜାତୀୟ ସ୍ୱାସ୍ଥ୍ୟ ପୋର୍ଟାଲ(ଏନ୍‌ଏଚ୍‌ପି) ତଥ୍ୟରୁ ଜଣାପଡିଛି ଯେ, ଅଧିକାଂଶ ମ୍ୟାଲେରିଆ ରୋଗ ଦେଶର ପୂର୍ବ ଓ ମଧ୍ୟ ଭାଗ ଏବଂ ଜଙ୍ଗଲ, ପାହାଡ଼ ଘେରା ଆଦିବାସୀ ଅଞ୍ଚଳରେ ବ୍ୟାପିଥାଏ। ତେବେ ମ୍ୟାଲେରିଆ ଆକ୍ରାନ୍ତ ଦେଶଗୁଡ଼ିକ ମଧ୍ୟରୁ କେବଳ ଭାରତ ଏହାର ରୋଗ ଭାର ହ୍ରାସ କରିବାରେ ଅଗ୍ରଗତି କରିଛି ବୋଲି ଏନ୍‌ଏଚ୍‌ପି କହିଛି। ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବେ ପରିଗଣିତ ହୋଇଥିବାବେଳେ ଏବେ ମହାରାଷ୍ଟ୍ର, ତ୍ରିପୁରା, ମେଘାଳୟ ଓ ମିଜୋରାମକୁ ମଧ୍ୟ ଚିହ୍ନଟ କରାଯାଇଛି।

## ଆଜି ଗାଁରେ ପହଞ୍ଚିବେ ବିରଜୁ

**ସୁନ୍ଦରଗଡ଼, ୧୨।୧୧ (ଡି.ଏନ୍.ଏ.)**

ଦୀର୍ଘ ୨୫ ବର୍ଷ ପରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଜଙ୍ଗଲଟୋଲି ଗ୍ରାମର ବିରଜୁ କୁଲୁ ଶୁକ୍ରବାର ଗାଁରେ ପହଞ୍ଚିବେ। ପାକିସ୍ତାନ ଜେଲରେ ୨୦ବର୍ଷ ସଜା କାଟିବା ପରେ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ତାଙ୍କୁ ନିଜ ଭିଟାମାଟିକୁ ଫେରାଇ ଆଣିବା ପାଇଁ ଶୁକ୍ରବାର କୁତ୍ରା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମଙ୍ଗଲ ସିଂଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ସ୍ୱତନ୍ତ୍ର ଗାଡିରେ ପଞ୍ଜାବର ଅମୃତସର ଯାଇଥିଲେ। ଉକ୍ତ ଟିମ୍ ବିରଜୁଙ୍କ ସହ ଗୁରୁବାର ରାତିରେ ରାଞ୍ଚିରେ ପହଞ୍ଚିଥିବା ବେଳେ ଶୁକ୍ରବାର ସୁନ୍ଦରଗଡ଼ରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୨୫ବର୍ଷ ତଳେ ବିରଜୁ ରାଞ୍ଚିର ଏକ ହୋଟେଲରେ କାମ କରୁଥିବା ବେଳେ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେଠାରୁ ସେ କୁଆଡେ ନିଖୋଜ ହୋଇ ଯାଇଥିଲେ। ସେ ଭୁଲବଶତଃ ପାକିସ୍ତାନ ସୀମାକୁ ଚାଲି ଯାଇଥିବା ବେଳେ ସେଠାକାର ସୈନ୍ୟମାନେ ତାଙ୍କୁ ଗିରଫ କରିଥିଲେ। ପରେ ପାକିସ୍ତାନ ସରକାର ତାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ବିରଜୁ ୨୦ବର୍ଷ ସଜା କାଟିବା ପରେ ଗତ ଅକ୍ଟୋବର ୨୬ ତାରିଖରେ ପାକିସ୍ତାନ ସରକାର ତାଙ୍କୁ ୱାଘା ସୀମାରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିଥିଲେ। ଭାରତ ଫେରିବା ପରେ କୋଭିଡ ନିୟମାନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ଅମୃତସର ନାରାୟଣଗଞ୍ଜ କୋଭିଡ ହସ୍ପିଟାଲରେ ରଖାଯାଇଥିଲା। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବା ପରେ ତାଙ୍କୁ ସୁନ୍ଦରଗଡ଼ ଆଣିବା ପାଇଁ ଏହିଟିମ୍ ସେଠାକୁ ଯାଇଛନ୍ତି।




ପୁରୀ ସମୁଦ୍ରରେ ପର୍ଯ୍ୟଟକଙ୍କୁ ନେଇ ଯାଇଥିବା ଏକ ସ୍ପିଡ୍ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଲାଇଫ୍ ଗାର୍ଡଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

# ସମୁଦ୍ରରେ ଓଲଟିଲା ସ୍ପିଡ୍ ବୋଟ୍

**ରକ୍ଷା ପାଇଲେ ୫ ପର୍ଯ୍ୟଟକ**

**ପୁରୀ ଅଫିସ, ୧୨।୧୧**

ପୁରୀ ସମୁଦ୍ରରେ ଗୁରୁବାର ଦୁର୍ଘଟଣା ଘଟିଛି। ଏକ ସ୍ପିଡ୍ ବୋଟ୍ ଓଲଟି ପଡ଼ିଥିବାବେଳେ ଏଥିରେ ଥିବା ୫ ପର୍ଯ୍ୟଟକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ସମୁଦ୍ରରେ ଜଳକ୍ରୀଡ଼ା ଲାଗି ଗୁରୁବାରଠାରୁ ସ୍ପିଡ୍ ବୋଟ୍ ସେବା ଆରମ୍ଭ ହୋଇଛି। ପ୍ରଥମ ଦିନରୁ ହିଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ବାଥିଂ ଜୋନରେ ସ୍ପିଡ୍ ବୋଟ ଚଳାଇବା ପାଇଁ ଜଣେ ବ୍ୟକ୍ତି ଅନୁମତି ପାଇଛନ୍ତି। ପୁରୀ ବୁଲିବାକୁ ଆସିଥିବା ପଶ୍ଚିମବଙ୍ଗର ଗୋଟିଏ ପରିବାରର ପିୟାସୀ ମୁଖାର୍ଜୀ, ରିୟାନ୍‌ସିକା ଓ ସୋମରୂପ ମୁଖାର୍ଜୀ ଏବଂ ଝାଡ଼ଖଣ୍ଡର ଟି. ଶିବରାଜୁ ଓ ଟି. ରେଖାରାଣୀ ଏକ ସ୍ପିଡ୍ ବୋଟରେ ସମୁଦ୍ର ଭିତରକୁ ଯାଇଥିଲେ। ସମୁଦ୍ର ଭିତରେ ଜଳକ୍ରୀଡ଼ାର ମଜା ନେଉଥିଲେ। ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ହଠାତ୍ ଭାରସାମ୍ୟ ହରାଇ ଏହି ସ୍ପିଡ୍ ବୋଟ ଓଲଟି ପଡ଼ିଥିଲା। ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଏମାନଙ୍କ ମଧ୍ୟରେ ୫ବର୍ଷର ଶିଶୁ ରିୟାନ୍‌ସିକା ରହିଥିଲେ। ସୌଭାଗ୍ୟବଶତଃ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସମସ୍ତେ ରକ୍ଷା ପାଇଯାଇଥିଲେ। ତେବେ ଏହି ବୋଟ୍ ସେବା ନେଇ ନାନା ପ୍ରଶ୍ନ ଉଠିଛି। ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ବୋଟ୍ କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ହୋଇଛି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ପୁରୁଣା ବୋଟ୍‌କୁ ଆଣି ବିନା ଅନୁମତି ଓ ନବୀକରଣରେ ମଧ୍ୟ ଚଳାଯାଉଛି। ସେହିପରି ଛୋଟ ପିଲାଙ୍କୁ ନେବା ଉପରେ କଟକଣା ଥିଲେ ମଧ୍ୟ ଏହାକୁ ଅନେକେ ମାନୁନାହାନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମାଞ୍ଜାସୂତାରେ ଯୁବକଙ୍କ ତଣ୍ଟି କଟିଲା

**ଚୌଦ୍ୱାର ୧୨।୧୧(ଡି.ଏନ୍.ଏ.)**– ମାଞ୍ଜାସୂତା ଲାଗି ବାଇକ୍‌ରେ ଯାଉଥିବା ଜଣେ ଯୁବକ ତଣ୍ଟି କଟିଯାଇଛି। ସେ ହେଲେ ନଖରା ପଞ୍ଚାୟତ ଅଧୀନ ସାନଚାଞ୍ଚୋ ଗ୍ରାମର ଲକ୍ଷ୍ମୀଧର ଦାସ। ସେ ବାଇକ୍‌ରେ ଚୌଦ୍ୱାରରୁ ନିଜ ଘର ଅଭିମୁଖେ ଯାଉଥିବାବେଳେ ନୁନ୍‌କିରୀ ନିକଟରେ ଏକ ଗୁଡ଼ିସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା। ଏଥିରେ ତାଙ୍କ ବେକରେ ଆଘାତ ଲାଗିଛି। ସେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଗୁଡ଼ି ଉଡାଉଥିବା ଛୋଟ ପିଲାମାନେ ଘଟଣାସ୍ଥଳରୁ ଦୌଡି ପଳାଇ ଯାଇଥିଲେ।

# ଧାନ ଆଣି ଫେରାଇ ନେଲେ

- ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତିକୁ ଚାଷୀଙ୍କ ବିରୋଧ
- କଳା ବ୍ୟାଜ୍ ପିନ୍ଧି ବିକ୍ଷୋଭ
- ପ୍ରଥମ ଦିନରେ ୪୮ ଚାଷୀଙ୍କୁ ଟୋକନ
- ଜଣେ ମାତ୍ର ଚାଷୀଙ୍କଠାରୁ ଧାନ ସଂଗ୍ରହ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଉପଖଣ୍ଡରେ ଗୁରୁବାରଠାରୁ ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା । ହେଲେ ଚାଷୀମାନେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ଓ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧକରି ପ୍ରତିବାଦ କରିଥିଲେ । ଏଭଳି ତ୍ରୁଟିପୂର୍ଣ୍ଣ ନୀତିରେ ଧାନ ବିକ୍ରି କରିବେ ନାହିଁ ବୋଲି ସେମାନେ ରୋକ୍‌ଠୋକ୍ କହିଥିଲେ । ଏପରି କି ମଣ୍ଡିକୁ ଅଣାଯାଇଥିବା ଧାନକୁ ଚାଷୀମାନେ ଫେରାଇ ନେଇଥିଲେ । କେବଳ ସେତିକି ନୁହେଁ, ଚାଷୀମାନେ କଳା ବ୍ୟାଜ୍ ପରିଧାନ କରି ଧାନ ସଂଗ୍ରହ କେନ୍ଦ୍ରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସରକାର ଚାଷୀଙ୍କ ସହ ଆଲୋଚନା କରି ଧାର୍ଯ୍ୟ କରିଥିବା ଧାନ ସଂଗ୍ରହ ପରିମାଣ ବୃଦ୍ଧି କରିବାକୁ ସେମାନେ ଦାବି କରିଥିଲେ। ବିଶେଷକରି ଜଳସେଚନ ଜମିରେ ଏକର ପିଛା ୨୪ କୁଇଣ୍ଟାଲ ଓ ଅଣ ଜଳସେଚନ ଜମିରେ ଧାନ ସଂଗ୍ରହ ପରିମାଣ ୧୯ କୁଇଣ୍ଟାଲ ବୃଦ୍ଧି କରିବା, ଜିଲାସ୍ତରରେ ଟୋକନ ଜେନେରେଟ କରିବା, ଆଇ ସ୍କାନ୍‌କୁ ବାଦ୍ ଦେବା ଭଳି ବିଭିନ୍ନ ଦାବି କରିଥିଲେ। ଚଳିତ ଖରିଫ୍‌ରେ ପଶ୍ଚିମ ଓଡ଼ିଶାରେ ବମ୍ପର କ୍ରପ୍ ହୋଇଛି । ଧାନ ଅମଳ ବୃଦ୍ଧି ପାଇଛି । ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଏକର ପିଛା ଅଧିକ ଧାନ ଅମଳ ହୋଇଛି । ଏଭଳି ସ୍ଥିତିରେ ବଳକା ଧାନ ଚାଷୀମାନେ କେଉଁଠି ବିକ୍ରି କରିବେ ବୋଲି ପ୍ରଶ୍ନ କରିଥିଲେ । ତେଣୁ ସରକାର ଧାନ ସଂଗ୍ରହ ପରିମାଣ ବୃଦ୍ଧି କରନ୍ତୁ ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ।

ମିଳିଥିବା ସୂଚନା ମୁତାବକ ଧାନ ସଂଗ୍ରହ ପ୍ରଥମ ଦିନରେ ପରମାଣପୁର, ଠେମେରା, କର୍ଡୋଲା, ଶାସନ, ଘେନୁପାଲି, ବାହାମ ପ୍ୟାକ୍ସ ପକ୍ଷରୁ ଆରମ୍ଭ ହୋଇଥିଲା । ପରମାଣପୁରରେ ଜିଲାସ୍ତରୀୟ ଅଧିକାରୀମାନେ ପହଞ୍ଚି ଧାନ କିଣା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ, ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସଦର ସେକ୍ରେଟାରି ସୁବାସ ପଣ୍ଡା, ଡିଆରସିଏସ୍ ଲିଙ୍ଗରାଜ ନାୟକ, ମାନେଶ୍ୱର ତହସିଲଦାର ରଶ୍ମିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପଟେ ବ୍ଲକସ୍ତରୀୟ ଅଧିକାରୀମାନେ ବିଭିନ୍ନ ମାର୍କେଟ ୟାର୍ଡରେ ଧାନ ସଂଗ୍ରହ ଉପରେ ସମୀକ୍ଷା କରିଥିଲେ । ପ୍ରଥମ ଦିନରେ ୪୮ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ଚାଷୀମାନେ ଧାନ ବିକ୍ରି କରିବାକୁ ଆଣିଥିଲେ । ହେଲେ ସଙ୍ଗଠନ ନିଷ୍ପତ୍ତି କ୍ରମେ ଧାନ ବିକ୍ରି କରି ନ ଥିଲେ । ହେଲେ ଆରଏମ୍‌ସି ସମ୍ପାଦକ ପଣ୍ଡା କହିଛନ୍ତି , ଚାରପାଲି ମାର୍କେଟରେ ଜଣେ ମାତ୍ର ଚାଷୀ ୧୬୬ ପକେଟ ଧାନ ବିକ୍ରି କରିଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁର ସଦର ଅଞ୍ଚଳରେ ମୋଟ ୬୫ ଧାନ ସଂଗ୍ରହ କେନ୍ଦ୍ର ଖୋଲିବାର ନିଷ୍ପତ୍ତି ହୋଇଛି। ସମବାୟ ସମିତି, ଏସ୍‌ଏଚ୍‌ଜି ମାଧ୍ୟମରେ ଧାନ ସଂଗ୍ରହ କରାଯିବ । ୨୦ ଲକ୍ଷ ୮୨ ହଜାର ୩୫୦ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି । ୫୩ ହଜାର ୧୪୭ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଏ ସମ୍ପର୍କରେ ଯୋଗାଣ ଅଧିକାରୀ କହିଛନ୍ତି, ଧାନ ସଂଗ୍ରହର ପରିମାଣ ବୃଦ୍ଧି ପାଇଁ ଚାଷୀମାନେ ଦାବି କରିଛନ୍ତି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ସେମାନେ ବିରୋଧ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଏନେଇ ଅବଗତ କରାଯିବ ବୋଲି ସେ କହିଛନ୍ତି।


ଗୁରୁବାର ସମ୍ବଲପୁର ତବଲା ମାର୍କେଟ ୟାର୍ଡରେ ଚାଷୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## କାର୍ଯ୍ୟକ୍ଷମ ହେଲା ଡୁରେଇକେଲା-ହରିଶଙ୍କର ରୋଡ୍-ଲଖନା ପ୍ରକଳ୍ପ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଟିଟିଲାଗଡ଼-ରାୟପୁର ଦୋହରୀକରଣ ପ୍ରକଳ୍ପର ଡୁରେଇକେଲା-ହରିଶଙ୍କର ରୋଡ୍-ଲଖନା ମଧ୍ୟରେ ୨୫ କି.ମି. କାର୍ଯ୍ୟ ଗତ ୯ ତାରିଖରୁ ଶେଷ ହେବା ପରେ ଏବେ କାର୍ଯ୍ୟକ୍ଷମ ହୋଇଛି। ସେହିଭଳି ଡୁରେଇକେଲା ଓ ହରିଶଙ୍କର ରୋଡ୍‌ରେ ଦୁଇଟି ନୂତନ ଆଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀ କାର୍ଯ୍ୟକ୍ଷମ ହୋଇଛି। ଏହା ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଶେଷ ଇଲେକ୍ଟ୍ରୋ ମେକାନିକାଲ୍ ସାଙ୍କେତିକ ପ୍ରଣାଳୀ ଥିଲା। ଏହି ଆଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀ ଟ୍ରେନ୍ ଯାତାୟାତ କାର୍ଯ୍ୟରେ ସୁରକ୍ଷା ସ୍ତରକୁ ବୃଦ୍ଧି କରିବା ସହ ସମୟାନୁବର୍ତ୍ତିତାକୁ ଉନ୍ନତ କରିବ। ଷ୍ଟେଶନଗୁଡ଼ିକ ମଧ୍ୟରେ ଏହି ଦୋହରୀକରଣ କାର୍ଯ୍ୟ ଯୋଗୁ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରିବା ସହ ପରବର୍ତ୍ତୀ ସମୟରେ ଭାରତୀୟ ରେଳର ରାଜସ୍ୱ ବୃଦ୍ଧି କରିବ। ବର୍ତ୍ତମାନ ସମ୍ବଲପୁର ରେଳ ମଣ୍ଡଳରେ କୌଣସି ଲିଭର ଫ୍ରେମ୍ ଷ୍ଟେଶନ ନାହିଁ। ଭାରତୀୟ ରେଳପଥ ଓ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନ୍‌ଏଲ୍)ର ମିଳିତ ସହଯୋଗରେ ଏହା ସମ୍ଭବ ହୋଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ୪ ପ୍ରକଳ୍ପ ପାଇଁ ୪୬୧ କୋଟି ମଞ୍ଜୁର



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

**ପୁରୀ ଅଫିସ,୧୨।୧୧**

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ାଯିବ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ସେବା ସୁବିଧା ମିଳିବ। ଏଥିପାଇଁ ଭିତ୍ତିଭୂମି ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦିର ପରିକଳ୍ପନା କରାଯାଇଛି। ଇତିମଧ୍ୟରେ କେତେକର କାମ ଆରମ୍ଭ ହୋଇଛି। ଗୁରୁବାର ରାଜ୍ୟ କ୍ୟାବିନେଟରେ ପୁରୀର ୪ଟି ପ୍ରକଳ୍ପ ପାଇଁ ୪୬୧ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏ ନେଇ ସନ୍ଧ୍ୟାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଜିଲାର ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅର୍ଥ ମଞ୍ଜୁର ଫଳରେ ଆଗକୁ ପୁରୀର ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେମାନେ କହିଛନ୍ତି।

- ପୁରୀର ବିକାଶ ତ୍ୱରାନ୍ୱିତ ହେବ
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ

ଅବଢ଼ା ଯୋଜନାରେ ଜଗନ୍ନାଥ ବଲ୍ଲଭ ପରିସରରେ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଓ ମୂଷା ନଦୀର ସମ୍ପ୍ରସାରଣ ପାଇଁ ଉପରୋକ୍ତ ପରିମାଣର ଅନୁଦାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦନ ପାଇଛି। ଆସନ୍ତା ୩୦ ମାସ ମଧ୍ୟରେ ଏହି ୪ଟି ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ନାଗାର୍ଜୁନ କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ ମାଧ୍ୟମରେ ଏହି ପ୍ରକଳ୍ପ କାମ କରିବ। ଶ୍ରୀମନ୍ଦିର ସ୍ଥାପତ୍ୟ କଳା ଅନୁସରଣ କରି ସମସ୍ତ ୪ଟି ପ୍ରକଳ୍ପ କାର୍ଯ୍ୟ ହେବ ବୋଲି କୁହାଯାଇଛି। ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂକଳ୍ପକୁ ସମସ୍ତେ ଭୂୟସୀ ପ୍ରଶଂସା କରିବା ସହ ଆଜିର ଦିନକୁ ଐତିହାସିକ ଦିବସ ବୋଲି କହିଥିଲେ। ଜିଲାପାଳ କହିଥିଲେ ଯେ, ଶ୍ରୀସେତୁ ପାଇଁ ୯୦ ପ୍ରତିଶତ ଜମି ଅଧିଗ୍ରହଣ ସରିଛି। ପୁରୁଣା ଜେଲ୍ ପରିସରରେ ବହୁତଳ ପାର୍କିଂ ଏବଂ ମାର୍କେଟ କମ୍ପ୍ଲେକ୍ସ କାମ ଆରମ୍ଭ ହୋଇଛି। ସମସ୍ତଙ୍କ ସହଯୋଗ ମିଳିଲେ ପ୍ରକଳ୍ପ କାମ ଶୀଘ୍ର ଶେଷ ହେବ। ଅନ୍ୟପକ୍ଷରେ ପୁରୀ ବିଧାୟକ ଷଡ଼ଙ୍ଗୀ କହିଥିଲେ, ବିସ୍ଥାପିତ ହୋଇଥିବା ଉଠାଦୋକାନୀ ଓ ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଲାଣି। ସେମାନଙ୍କୁ ତୁରନ୍ତ ଥଇଥାନ କରାଯାଉ। ସେହିପରି ବ୍ରହ୍ମଗିରି ବିଧାୟକ ମଧ୍ୟ ଅନୁରୂପ ପ୍ରସ୍ତାବ ଦେଇଥିଲେ।

# ୨ଦିନ ତଳେ ମିଳିଥିଲା ହତ୍ୟା ଧମକ

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୧୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ସଅଁରାପଡାରେ ମଙ୍ଗଳବାର ରାତିରେ ଘଟିଥିବା ଗୋଟିଏ ପରିବାରର ୬ଜଣଙ୍କୁ ହତ୍ୟା ଘଟଣାରେ ପୋଲିସ ଗୁରୁବାର ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କେଉଁ କାରଣରୁ ବୁଲୁ ଜାନୀଙ୍କ ପରିବାରର ୬ଜଣଙ୍କୁ ହତ୍ୟା କରାଯାଇଛି ପୋଲିସ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଠୋସ୍ ସୂଚନା ପାଇନାହିଁ। ତେବେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ମୃତ ବୁଲୁ ଜାନୀଙ୍କ ୩ ପୁଅ ସରୋଜ, ବିକାଶ ଓ ରାଜେଶ ଭୁବନେଶ୍ୱରରୁ ଫେରି ଗୁରୁବାର ପାଟଣାଗଡ଼ରେ ପହଞ୍ଚିବା ପରେ ଏହି ଘଟଣା ଭିନ୍ନ ମୋଡ଼ ନେଇଛି । ୨ ଦିନ ତଳେ ତାଙ୍କର ଦୂରସମ୍ପର୍କୀୟ ବାବୁଲା ଜାନୀଙ୍କ ଦୁଇପୁଅ ଶିବା ଜାନୀ ଓ ବୁଲା ଜାନୀ ଫୋନ୍‌ରେ କୁଆଡ଼େ ତାଙ୍କୁ ହତ୍ୟା ଧମକ ଦେଇଥିଲେ । ଶିବା ଓ ବୁଲା ଫୋନ୍ କରି ତୁମ ବାପାଙ୍କୁ ହତ୍ୟା କରିବି ବୋଲି କହିଥିବା ସରୋଜ ପୋଲିସ ଓ ଗଣମାଧ୍ୟମକୁ କହିଛନ୍ତି । ସେହି ଦୁଇ ଅଭିଯୁକ୍ତଙ୍କ ସହ ଅନ୍ୟ କେତେଜଣ ମିଶି ତାଙ୍କ ମା'ବାପା ଓ ଭଉଣୀଭାଇଙ୍କୁ ହତ୍ୟା କରିଥିବା ସରୋଜ ଅଭିଯୋଗ କରିବା ପରେ ପୋଲିସ ଶିବା ଓ ବୁଲାଙ୍କୁ ଅଟକ ରଖି ପଚରାଉଚରା କରୁଛି ।

**ଗୋଟିଏ ପରିବାରର ୬ଜଣଙ୍କୁ ହତ୍ୟା ଘଟଣା**

- ପୂର୍ବ ଶତ୍ରୁତାରୁ ହତ୍ୟା ସନ୍ଦେହ, ୨ ଅଟକ
- ଗୋଟିଏ ଜୁଇରେ ୪ ସନ୍ତାନଙ୍କ ସହ ମା'ବାପାଙ୍କ ଶେଷକୃତ୍ୟ ସମ୍ପନ୍ନ
- ପୁଅଙ୍କ ବୟାନକୁ ଭିତ୍ତିକରି ପୋଲିସର ତନାଘନା

୪ରୁ ୫ ଦିନ ତଳେ ସରୋଜ, ବିକାଶ ଓ ରାଜେଶ ଭୁବନେଶ୍ୱର ଯାଇଥିଲେ । ଯାଯାବର ଶ୍ରେଣୀର ଏହି ଯୁବକମାନେ ଟ୍ରେନ୍‌ରେ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାନ୍ତି । ବୁଧବାର ସକାଳେ ତାଙ୍କ ମା'ବାପା ଓ ୪ ଭଉଣୀଭାଇଙ୍କୁ କେହି ହତ୍ୟା କରିଥିବା ଖବର ପାଇବା ପରେ ସେମାନେ ଫେରି ଆସିଥିଲେ । ପାଟଣାଗଡ଼ ପହଞ୍ଚିବା ପରେ ପରିବାର ସଦସ୍ୟଙ୍କ ମୃତଦେହ ଦେଖି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ସେହି କାଳରାତିର କଥା ଭାବି ସେମାନେ ମୂର୍ଚ୍ଛା ପ୍ରାୟ ହୋଇପଡ଼ିଥିଲେ । ପାଟଣାଗଡ଼ ପୋଲିସ ୬ ମୃତଦେହକୁ ବ୍ୟବଚ୍ଛେଦ ପରେ ୩ ଭାଇଙ୍କୁ ହସ୍ତାନ୍ତର କରିଥିଲା । ଶୋକାକୁଳ ଭିତରେ ଥିବା ପରିବାର ସଦସ୍ୟମାନେ ମୃତଦେହ ସତ୍କାର କରିବାକୁ ମଧ୍ୟ ଅସମର୍ଥ ହୋଇଥିଲେ। ଏହାପରେ ପାଟଣାଗଡ଼ ସେବା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଞ୍ଚି ମୃତଦେହ ସତ୍କାର ଉଦ୍ୟମ କରିଥିଲେ। ଗୋଟିଏ ଜୁଇରେ ୬ ଜଣଙ୍କ ସତ୍କାର କରାଯାଇଥିଲା । ସରୋଜ ମୁଖାଗ୍ନି ଦେଇଥିଲେ।

# କମନ୍ ଇମ୍ୟୁନାଇଜେଶନ ପ୍ରୋଗ୍ରାମରେ କୋଭିଡ୍ ଭାକ୍ସିନ ସାମିଲ ହେଉ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ରାଜ୍ୟରେ କ୍ରମାଗତଭାବେ କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ଭୂତାଣୁ ଏବେ ବି ପାଖରେ ବୁଲୁଛି। ସାମାନ୍ୟ ଢିଲା କଲେ ୟୁରୋପ ଓ ଦିଲ୍ଲୀ ଭଳି ଓଡ଼ିଶାର ସ୍ଥିତି ହେବ। ଦ୍ୱିତୀୟ ୱେଭ୍ ଆରମ୍ଭ ହେଲେ ଏହାକୁ ସମ୍ଭାଳିବା ମୁସ୍କିଲ ହୋଇପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କେୟାର ହସ୍ପିଟାଲର କ୍ରିଟିକାଲ କେୟାର ଓ ଇଣ୍ଟରନାଲ ମେଡିସିନ୍ କନ୍‌ସଲ୍‌ଟାଣ୍ଟ ଡା. ପ୍ରଜ୍ଞାନ କୁମାର ରାଉତରାୟ କହିଛନ୍ତି, ଦୁଇବର୍ଷ ପୂର୍ବରୁ ଭାଇରସ୍ ଯିବାର ଆଶା ବହୁତ କ୍ଷୀଣ। ବର୍ତ୍ତମାନ ସମୟରେ ଲକ୍ଷଣ ନ ଥିବା ରୋଗୀ ସଂକ୍ରମଣ ବ୍ୟାପିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏମାନଙ୍କ ଶରୀରରେ ଭାଇରସ୍‌ର ଲୋଡ୍ କମ୍ ରହୁଥିବାରୁ ଆର୍‌ଟିପିସିଆର୍ ଟେଷ୍ଟରେ ମଧ୍ୟ ନେଗେଟିଭ୍ ଆସୁଛି। ହେଲେ ନିଜ ପାଖଲୋକଙ୍କୁ ସେମାନେ ବିଭିନ୍ନ ମାଧ୍ୟମରେ ସଂକ୍ରମିତ କରୁଛନ୍ତି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଏହି ଧରଣର ରୋଗୀ ଅଧିକ ରହୁଥିବାରୁ ସତର୍କତା ହିଁ ଜରୁରୀ ହୋଇପଡିଛି। ବର୍ତ୍ତମାନ ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଆଣ୍ଟି-ଭାଇରାଲ ମେଡିସିନ୍ ରେମ୍‌ଡେସିଭିର୍ ଓ କମ୍ ଗୁରୁତର ରୋଗୀଙ୍କ ପାଇଁ ଫାବିପିରାଭର ବ୍ୟବହୃତ ହେଉଛି। ତେବେ ଏପର୍ଯ୍ୟନ୍ତ ଏହି ଦୁଇ ଔଷଧ କରୋନା ଚିକିତ୍ସାରେ କେତେ ଫଳପ୍ରଦ ତାହା ପ୍ରମାଣିତ ହୋଇପାରିନି। ରେମ୍‌ଡେସିଭିର୍ କୋଭିଡ୍ ରୋଗୀଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବାର କୌଣସି ପ୍ରମାଣ ନ ଥିଲେ ମଧ୍ୟ ହସ୍ପିଟାଲ ଷ୍ଟେ'କୁ ଏହା ୨ରୁ ୪ଦିନ ପର୍ଯ୍ୟନ୍ତ କମାଇହେଉଛି। ଭାକ୍ସିନ ନ ଆସିବା ପର୍ଯ୍ୟନ୍ତ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ନିହାତି ଜରୁରୀ ବୋଲି ଡା. ରାଉତରାୟ କହିଛନ୍ତି।

**ସାବଧାନ, ପାଖରେ ବୁଲୁଛି ଭାଇରସ୍**

କୋଭିଡ୍ ଭୂତାଣୁର ନେଚର କ୍ରମାଗତଭାବେ ବଦଳୁଥିବାରୁ ଭାକ୍ସିନ୍ ଆସିବାରେ ବିଳମ୍ବ ହେଉଛି। ଯଦି ବି ଆସିଲା ତା'ହେଲେ ସ୍ୱାଇନ୍ ଫ୍ଲୁ ଭଳି ପ୍ରତିବର୍ଷ ରି-ଭାକ୍ସିନେଟ୍ କରିବାକୁ ହେବ। ତେଣୁ କମନ୍ ଇମ୍ୟୁନାଇଜେଶନ ପ୍ରୋଗ୍ରାମରେ ଏହି ଭାକ୍ସିନ୍‌କୁ ମଧ୍ୟ ରଖାଯାଇପାରେ ବୋଲି ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଜଣେ ସାଧାରଣ ମଣିଷ ଶରୀରର ଅକ୍ସିଜେନ୍ ସାଚ୍ୟୁରେଶନ ୧୦୦ ରହିବା କଥା। ହେଲେ କୋଭିଡ୍‌ରେ ସଂକ୍ରମିତ ହେବାପରେ ସାଚ୍ୟୁରେଶନ କମି ଅକ୍ସିଜେନ୍ ପ୍ରବାହ କମିଯାଉଛି। ୯୦ ତଳକୁ ଏହି ସାଚ୍ୟୁରେଶନ ରହିଲେ ତାହା ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗ ପ୍ରତି କ୍ଷତି ପହଞ୍ଚାଇଥାଏ। ଏପରିକି ୫୦ ତଳକୁ ସାଚ୍ୟୁରେଶନ ରହିଲେ ମଧ୍ୟ ଲୋକେ ତାହା ଜାଣି ନ ପାରି ହସ୍ପିଟାଲ ଆସିବାରେ ଅବହେଳା କରୁଛନ୍ତି। ଏଥିପାଇଁ କୋଭିଡ୍ ରୋଗୀଙ୍କ ମଧ୍ୟରେ ମୃତ୍ୟୁହାର ବଢ଼ୁଛି। ହସ୍ପିଟାଲ ଆସିବାରେ ବିଳମ୍ବ ନ କରି ଅକ୍ସିଜେନ୍ ସାଚ୍ୟୁରେଶନ ସବୁବେଳେ ଚେକ୍ କରିବା ଆବଶ୍ୟକ। କରୋନା ଚିକିତ୍ସାରେ ଷ୍ଟେରଏଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡା. ରାଉତରାୟ କହିଛନ୍ତି।


**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NOTICE**

**No. 52/OMC/2020** **Date: 12.11.2020**

No. CAD-733: Pursuant to the Advertisement No.46/OMC dated 26.02.2020 for recruitment of 128 Non-Executive posts in OMC Ltd. {Jr. Executive Assistant, Jr. Engineer (Mechanical), Jr. Engineer (Electrical), Jr. Nurse & Jr. Pharmacist)}, this is for information of all applicants that the Online Test (Computer Based Test-CBT) will be conducted from **08.12.2020 to 14.12.2020 (except on 12.12.2020 & 13.12.2020)** in the following cities of Odisha through multiple shifts:

| Sl. No. | Cities |
|---|---|
| (1) | Bhubaneswar |
| (2) | Cuttack |
| (3) | Dhenkanal |
| (4) | Berhampur |
| (5) | Sambalpur |

**Notes:** Considering the huge Nos. of applicants for the posts of Jr. Executive Assistant & Jr. Engineer (Electrical), CBT for the said posts shall be conducted through multiple shifts by ensuring proper social distancing. Hence, the **"Score Normalization Procedure"** shall be adopted for normalization of the scores of the candidates appearing for CBT for the said posts.

**IMPORTANT DATES**

| Sl. No. | Activity | Date |
|---|---|---|
| (1) | Conduct of Computer Based Test (CBT) | • 08.12.2020 • 09.12.2020 • 10.12.2020 • 11.12.2020 & • 14.12.2020 |
| (2) | Dispatch / Issue of e- Admit Card through e-mail which shall be notified in OMCL's website **(https://omcltd.in)** | From 17.11.2020 onwards |
| (3) | Opening of Facilitation Counter (Venue to be notified later) | **07.12.2020 (10.00 AM to 12 Noon)** |

**NB:** Please visit OMC website (https://omcltd.in) for other information.

**Sd./- General Manager (P&A)**
**OIPR-30005/11/0103/2021**


# ଭିଜିଲାନ୍ସ ଜାଲରେ ୨ କିରାଣି

ଭୁବନେଶ୍ୱର(ବ୍ୟୁରୋ)/ରାଜନଗର/ଧର୍ମଶାଳା(ଡି.ଏନ.ଏ.), ୧୨।୧୧: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଉଦୟନାଥ ଜେନା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ, ପୁରୀସ୍ଥିତ ଶ୍ୱଶୁରଘର, ରାଜନଗର ବ୍ଲକର ଏଣ୍ଡୁଳାପୁରସ୍ଥିତ ପୈତୃକ ଘରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ବ୍ରହ୍ମାନନ୍ଦ ନାୟକଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ମୋଟ୍ ୧ କୋଟି ୩୨ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ତାଙ୍କ ନାମରେ ପୁରୀରେ ଫ୍ଲାଟ ଓ ଭୁବନେଶ୍ୱରରେ ୨ ମହଲା କୋଠା ରହିଛି। ଏଥିସହ ବିଭିନ୍ନ ବ୍ୟାଙ୍କରେ ୯ ଲକ୍ଷ ୩୦ ହଜାର ଟଙ୍କା ଜମା ରାଶି ରହିଛି। ତେବେ ଚଢ଼ାଉ ସମୟରେ ପୈତୃକ ଘରୁ ଆଖିଦୃଶିଆ ସମ୍ପତ୍ତି ଠାବ କରାଯାଇ ନ ଥିବା ଜଣାପଡ଼ିଛି। ସେହିପରି ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର କନିଷ୍ଠ କିରାଣି ରତ୍ନାକର ମହାନ୍ତିଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ କରିଛି। କେନ୍ଦ୍ରାପଡା ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ନେତୃତ୍ୱରେ ତିନୋଟି ଟିମ୍ ଧର୍ମଶାଳା ଥାନା ଚହଟା ଗାଁରେ ଥିବା ରତ୍ନାକରଙ୍କ ଘର, ଜାରକାଠାରେ ଭଡାସୂତ୍ରରେ ଦିଆଯାଇଥିବା ଦୋକାନ ଗୃହ, ଶ୍ୱଶୁର ଘର ଚାନ୍ଦପୁର ସମେତ ୭ ସ୍ଥାନରେ ଚଢ଼ାଉ କରିଥିଲେ। ନଗଦ ୮ଲକ୍ଷ ୨୭ ହଜାର ୫୭ ଟଙ୍କା, ୩୦୦ ଗ୍ରାମ୍ ସୁନା ଅଳଙ୍କାର, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗାଡି ଆଦି ଜବତ କରାଯାଇଛି। ମୋଟ୍ ସମ୍ପତ୍ତି ମୂଲ୍ୟ ୧ କୋଟି ୩୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସନ୍ଧ୍ୟାରେ ରତ୍ନାକରଙ୍କୁ କଟକ ଭିଜିଲାନ୍ସ ସେଲ୍‌କୁ ନିଆଯାଇଥିବା ଡିଏସ୍‌ପି ରାୟଗୁରୁ ସୂଚନା ଦେଇଛନ୍ତି।


GOVERNMENT OF ODISHA
**OFFICE OF THE ENGINEER-IN-CHIEF RURAL WORKS, BHUBANESWAR**
**No. 21205** **Dtd. 10.11.2020**
**ADVERTISEMENT**

No. O-547: Applications are invited from the Retired Graduate Civil Engineers (EEs and above) and below the age of 65 years (as on date of issue of advertisement) for the engagement as Consultants to look after the issues like Quality, Maintenance, Bridge & Training of PMGSY Cell under EIC, RW Odisha.
Retired Graduate Civil Engineers may submit their application in prescribed form to Chief Engineer-PMGSY, O/o EIC, RW, Odisha, Bhubaneswar through E- Mail Id: **cerw_bbsr@yahoo.com** to be received in this office on or before 20.11.2020.
The prescribed form along with detailed guidelines indicating eligibility criteria, terms & conditions can be obtained from this office by sending a letter of request to the aforesaid E-Mail ID.
However, the candidates who have already submitted their applications for the post of "Consultant" in pursuant to the advertisement issued vide this office No. 19603 dtd. 20.10.2020 need not apply again.

**Sd./- Chief Engineer, PMGSY**
**O/o the EIC, RW, Odisha, Bhubaneswar**
**OIPR-25123/11/0009/2021**



**OFFICE OF THE PANCHAYAT SAMITI, KORAPUT, DIST.- KORAPUT**
**Letter No. 2551/2020** **Dated: 10.11.2020**
**TENDER CALL NOTICE**

Sealed tender are invited from Registered Contractor from State PWD/M.I./Irrigation/Rural Woks for execution of Roads & Bridges, Building etc. The detail information of which are made available in Koraput Dist. website i.e. **http//www.koraput.nic.in** & in DRDA website **http//www.drdakoraput.org.**
The date and time of sale of tender paper is from **16.11.2020 to 05.12.2020 upto 4.00 P.M.** and receipt of sealed tender is from **17.11.2020 to 05.12.2020 upto 4.00 P.M.** on working days.
Tender will be opened on **07.12.2020 at 4.00 P.M.** onwards in the Chamber of the BDO, Koraput.

**Sd./- Block Development Officer, Koraput**



**NANDANKANAN**
**NANDANKANAN ZOOLOGICAL PARK**
**TENDER NOTICE No. 07 of 2020-21 Date: 12.11.2020**

No. MM-85: Deputy Director, Nandankanan Zoological Park invites sealed tender in prescribed form from interested individuals/firms/entrepreneurs for **following tender** of Nandankanan Zoological Park.

| Sl. No. | Name of the Tender | Last date of submission of sealed tender | Opening of the sealed tender |
|---|---|---|---|
| 1 | Outsourcing of Safari Facility | 5.30 P.M. of 23.11.2020 | 11.30 A.M. of 24.11.2020 |

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **13.11.2020**. The downloaded tender papers must be accompanied with a Bank Draft for **Rs.11,800/-** (inclusive of 18% GST) for tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.

**Sd./- Deputy Director**
**Nandankanan Zoological Park**
**OIPR-08070/11/0005/2021**



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13 ରେ ପ୍ଲଟ ନଂ 13-2F/821 ଟିକୁ ଶ୍ରୀମତୀ ବୀଣାପାଣି ଘଡାଇ, ସ୍ୱାମୀ – ଦିବ୍ୟ ରଞ୍ଜନ ଘଡାଇ, ସା – ରାଜାବଗିଚା, ପୋ – ତେଲେଙ୍ଗା ବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବୀଣାପାଣି ଘଡାଇ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ରୋବାନୀ ତରଫଦାର, ପିତା – ଅବଦୁଲ ରାଉପ ତରଫଦାର, ସା – ପଶ୍ଚିମ ମାନିକା, ପୋ – ସୋଲାନୀ, ଥା – କୋଲାଘାଟ, ଜିଲ୍ଲା – ପୂର୍ବ ମେଦିନାପୁର, ରାଜ୍ୟ – ପଶ୍ଚିମବଙ୍ଗଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ଲୋକସେବା ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୮୦୧୭/ଭୁ.ଉ.କ., ଭୁବନେଶ୍ୱର ତା୨୯।୧୦।୨୦୨୦ରିଖ
**LB-363/82**

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବଡ଼ଗଡ଼ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ. LB-28କୁ ଶ୍ରୀମତୀ ସରୋଜିନୀ ଶତପଥୀ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ଶତପଥୀ, ଗ୍ରାମ/ପୋ.ଅ./ଥାନା: ସାଲେପୁର, ଜିଲ୍ଲା: କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀମତୀ ସରୋଜିନୀ ଶତପଥୀ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ରିତୁମତି ମାନସିଂ, ସ୍ୱାମୀ: ଶ୍ରୀ ଅମିୟ ରଞ୍ଜନ ମହାନ୍ତି, ଗ୍ରାମ/ପୋ.ଅ.: ଢୋଲମରା, ଭାୟା: ଗଣିଆ, ଜିଲ୍ଲା: ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର



**OFFICE OF THE TAHASILDAR, PATNA**
**CORRIGENDUM/ଶୁଦ୍ଧିପତ୍ର**
**ପତ୍ର ସଂଖ୍ୟା ୨୬୮୯ ତାରିଖ ୧୧.୧୧.୨୦୨୦**

No. F-70:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉ ଅଛି କି ପାଟଣା ତହସିଲଦାରଙ୍କ କାର୍ଯ୍ୟାଳୟର ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ ପତ୍ର ସଂଖ୍ୟା ୨୫୦୭ ତାରିଖ ୨୭.୧୦.୨୦୨୦ରେ ସାମୟିକ ପରିବର୍ତ୍ତନ କରାଯାଇ **ଦାଖଲ କରିବାକୁ ଥିବା ଦଲିଲ ବା କାଗଜାତରେ** ନିମ୍ନଲିଖିତ କାଗଜାତ ଆବେଦନକାରୀ ଦାଖଲ କରିବେ ।

୧. ଆବେଦନକାରୀ ତିନିକପି FORM–M ଦାଖଲ କରିବେ।
୨. ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡ଼ା ୫% ଭାଗ EMD (Earnest Money Deposit) ତହସିଲଦାର, ପାଟଣାଙ୍କ ନାମରେ Demand Draft ଆକାରରେ ଆବେଦନକାରୀ ଦାଖଲ କରିବେ।
N.B.:– Earnest Money Deposit = Annual MGQ (7222 CuM) X (Royalty Rs.35.00 + Additional Charge Rs. 5.00)ର ୫%
୩. Solvency Certificate/Bank Guarantee ଯାହାକି ଆଗାମୀ ୧୮ ମାସ ପାଇଁ ବୈଧ ହୋଇଥିବା ଦରକାର।

ବିଜ୍ଞାପନ ପତ୍ର ସଂଖ୍ୟା ଆବେଦନର ଶେଷ ତାରିଖର ସାମୟିକ ପରିବର୍ତ୍ତନ କରି ତାହା **ତା୨୦.୧୧.୨୦୨୦ରିଖ ଅପରାହ୍ନ ଘ୧.୦୦ଟିକା ପର୍ଯ୍ୟନ୍ତ** ସମୟ ଧାର୍ଯ୍ୟ କରାଯାଇଛି ଏବଂ ଉକ୍ତ ଦରଖାସ୍ତଗୁଡ଼ିକୁ ସେହିଦିନ **ଅପରାହ୍ନ ଘ୨.୦୦ଟିକା** ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୨ୟ ଥର ପାଇଁ **ତା୨୭.୧୧.୨୦୨୦ରିଖ ଦିନ ଘ୨.୦୦ଟିକା** ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ଘ୪ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉକ୍ତ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୩ୟ ଥର ପାଇଁ **ତା୦୪.୧୨.୨୦୨୦ରିଖ ଦିନ ଘ୧୨.୦୦ଟିକା** ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ଘ୪ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଏତଦ୍‌ବ୍ୟତୀତ ବିଜ୍ଞାପନ ପତ୍ର ସଂଖ୍ୟା ୨୫୦୭ ତାରିଖ ୨୭.୧୦.୨୦୨୦, ଦିଆଯାଇଥିବା ଅନ୍ୟ ସମସ୍ତ ତଥ୍ୟ କାଏମ ରହିବ।

**ସ୍ୱା./- ତହସିଲଦାର, ପାଟଣା**
OIPR-24125/11/0002/2021



**Expression of Interest**

"Expression of Interest" in sealed cover is hereby invited for the following activities for the Urban haats of Odisha .

1. **Alloment of Food Stall in Ekamra haat Bhubaneswar.**
2. **Selection of Event Management Agency for organising Cultural programmes.**

For details of EOI, TOR etc please visit the website: **www.sidacodisha.org.in** .The last date for submission of EOI in the office of SIDAC, Handicrafts Complex,Gandamunda,Khandagiri, Bhubaneswar Ph: 0674-2350318 is upto 5:00 pm. on 27-11-2020 . The details of EOI will be available in the website w.e.f. 14.11.2020.

Member Secretary

**State Institute for Development of Arts & Crafts**
*Handlooms, Textiles & Handicrafts Department, Govt. of Odisha*
Handicrafts Complex, Gandamunda, Bhubaneswar-750030
SIDAC Tel. No.+91 (0) 674 2350318,E-mail: sidacorissa@gmail.com, www.sidacodisha.org.in



**OFFICE OF THE REGULATED MARKET COMMITTEE, SAMBALPUR**
**E-PROCUREMENT (INVITATION FOR BIDS)**
**TENDER CALL NOTICE No.492/RMC Dt.10.11.2020**
**BID IDENTIFICATION No.01/SBP/2020-21**

Sub-Collector, Sambalpur-cum-Chairman, RMC, Sambalpur invites 9 (Nine) Nos. of construction work at different market yards under RMC, Sambalpur. The details of which available at e-procurment portal www.tendersodisha.gov.in. Intending bidders are requested to visit the mentioned website for submission of e-tender.
Last date for submission of bid is 27.11.2020 upto 5.00 P.M. Bids received online shall be opened on dt.01.12.2020 at 11.00 A.M.

**Sd./- Sub-Collector, Sadar-cum- Chairman RMC, Sambalpur**



**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀମାନଙ୍କରେ ଖାଲି ପଡ଼ିଥିବା ସଭାପତି, ଉପସଭାପତି ପଦ ଏବଂ ସମ୍ପାଦକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ**

No. RR-09:- ତା୨୩।୧୦।୨୦୨୦ରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞାପନର କ୍ରମାନୁବୃତ୍ତି ଅନୁଯାୟୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି, ଉପସଭାପତି ପଦ ଓ ସମ୍ପାଦକ ପଦବୀ ପାଇଁ ଚିତ୍ରକଳା, ଚାରୁ ଓ କାରୁକଳା ଓ ସ୍ଥାପତ୍ୟ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ଲଳିତକଳା ଏକାଡେମୀର ଉପସଭାପତି ପଦ ଓ ସମ୍ପାଦକ ପଦବୀ ପାଇଁ, ନାଟ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି, ଉପସଭାପତି ପଦ ପାଇଁ ଏବଂ ଉର୍ଦ୍ଦୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନର **ସମୟସୀମା ତା୧୨।୧୧।୨୦୨୦ରିଖ ପରିବର୍ତ୍ତେ ତା୨୩।୧୧।୨୦୨୦ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା।** ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ଜୀବନୀ ତଥ୍ୟ (Bio-data) ସହ ଆସନ୍ତା ତା୨୩।୧୧।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବିଜେବି ନଗର, ଭୁବନେଶ୍ୱର-୧୪ଙ୍କୁ ଆବେଦନ କରିପାରିବେ। ଏ ସମ୍ପର୍କିତ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ଆବଶ୍ୟକ ନମୁନା ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ବିଭାଗୀୟ Website: www.odishaculture.inକୁ ପରିଦର୍ଶନ କରିପାରିବେ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
OIPR-03001/11/0010/2021



କଂଗ୍ରେସ ନେତା ସଚିନ ପାଇଲଟ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏବେଦେଇ ସେ ଟ୍ୱିଟର ମାଧ୍ୟମରେ ସୂଚନା ଦେଇଛନ୍ତି। ରାଜସ୍ଥାନର ଏହି ଷ୍ଟ୍ରଙ୍ଗମ୍ୟାନ୍ କହିଛନ୍ତି, ଗତ କିଛିଦିନ ମଧ୍ୟରେ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କରୋନା ପରୀକ୍ଷା କରିନେବା ସହ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଆବଶ୍ୟକ। ପାଇଲଟଥ ଏବେ ଡାକ୍ତରଙ୍କ ପରାମର୍ଶ କ୍ରମେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହି ଚିକିତ୍ସିତ ହେଉଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଅଭିନେତା ଆସିଫ୍ ବାସ୍ରାଙ୍କ ଆତ୍ମହତ୍ୟା



**ମୁମ୍ବାଇ,୧୨।୧୧:** ବଲିଉଡ୍ ଅଭିନେତା ଆସିଫ୍ ବାସ୍ରା ଗୁରୁବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ହିମାଚଳ ପ୍ରଦେଶର ଧର୍ମଶାଳା ଅନ୍ତର୍ଗତ ଏକ ପ୍ରାଇଭେଟ କମ୍ପ୍ଲେକ୍ସରୁ ପୋଲିସ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ସିଟି ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। 'ଜବ୍ ୱି ମେଟ୍' ଏବଂ ୱାନ୍ସ ଅପନ୍ ଏ ଟାଇମ୍ ଇନ୍ ମୁମ୍ବାଇ' ଭଳି ଫିଲ୍ମରେ ସେ ଅଭିନୟ କରିଥିଲେ। ସୁଶାନ୍ତ ସିଂ ରାଜପୁତଙ୍କଠାରୁ ଆରମ୍ଭ କରି ଆସିଫ୍ ବାସ୍ରାଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଅଭିନେତା ଆତ୍ମହତ୍ୟା କରିବା ଘଟଣା ବଲିଉଡ୍‌କୁ ସ୍ତବ୍ଧ କରିଦେଇଛି।

### ବଳାତ୍କାରୀଙ୍କ ମୃତ୍ୟୁ ପରେ ପୀଡ଼ିତାଙ୍କ ଆତ୍ମହତ୍ୟା

**କାନ୍‌ପୁର,୧୨।୧୧:** ଉତ୍ତରପ୍ରଦେଶର କାନ୍‌ପୁରରେ ଜଣେ ବଳାତ୍କାର ଅଭିଯୁକ୍ତ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ପୀଡ଼ିତା ଜଣକ ଆତ୍ମହତ୍ୟା କରିଛନ୍ତି। ଦିବ୍ୟାପୁରର ଏହି ମହିଳା ପ୍ରଥମେ ଇଟାୱାର ଜଣେ ଯୁବକଙ୍କୁ ବିବାହ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ନିଜ ଘରକୁ ଚାଲିଆସିଥିଲେ। ବ୍ରହ୍ମନଗରରେ ସେ ଭଡ଼ାଘର ନେଇ ରହିବା ପରେ ଜିତେନ୍ଦ୍ର ନାମକ ଜଣେ ପୋଲିସ କନ୍‌ଷ୍ଟେବଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ବିବାହ ପ୍ରଲୋଭନ ଦେଖାଇ ଜିତେନ୍ଦ୍ର କ୍ରମାଗତ ଭାବେ ବିଧବା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଜିତେନ୍ଦ୍ର ବିବାହ ଲାଗି ମନାକରିବାରୁ ପୀଡ଼ିତା ଦିବ୍ୟାପୁର ଥାନାରେ ଏତଲା ଦାଏର କରିଥିଲେ। ପରେ କନ୍‌ଷ୍ଟେବଲ ଜିତେନ୍ଦ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ବାଇକ୍‌ରେ ଜିତେନ୍ଦ୍ର ନିଜ ଘରକୁ ଯାଉଥିବାବେଳେ ଦୁର୍ଘଟଣା ଯୋଗୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ପୀଡ଼ିତା ଜଣକ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଜିତେନ୍ଦ୍ରଙ୍କୁ ଅତ୍ୟଧିକ ଭଲ ପାଉଥିବାରୁ ତାଙ୍କ ମୃତ୍ୟୁ ପରେ ଆତ୍ମହତ୍ୟା କରିଥିବା ସେ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଥିବା ପୋଲିସ କହିଛି।

### ଭାଜପା କର୍ମୀଙ୍କୁ ହତ୍ୟା

**କୋଲକାତା,୧୨।୧୧:** ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲାରେ ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ଟିଏମ୍‌ସିର ଗୁଣ୍ଡାମାନେ ଥିବା ଭାଜପା ଅଭିଯୋଗ କରିଛି। ଏଭଳି ହତ୍ୟାକାଣ୍ଡକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି।

ଅନ୍ୟପକ୍ଷରେ ଆଲିପୁରଦ୍ୱାରଠାରେ ପ୍ରଦେଶ ଭାଜପା ଅଧ୍ୟକ୍ଷ ଦିଲୀପ ଘୋଷ ଏକ ରାଲିରେ ବାହାରିଥିବାବେଳେ ତାଙ୍କ ଗାଡ଼ି ଉପରକୁ ଆକ୍ରମଣ କରାଯାଇଛି। ବିକ୍ଷୋଭକାରୀମାନେ କଳା ପତାକା ଦେଖାଇ ଫେରିଯିବା ଲାଗି ତାଙ୍କୁ କହିବା ସହ ଆକ୍ରମଣ କରିଥିଲେ। ପୂର୍ବରୁ କାନ୍ତି ଭଗବାନପୁରର ଭାଜପା ବୁଥ୍ କର୍ମୀ ଗୋକୁଳ ଜନଙ୍କୁ ଟିଏମ୍‌ସି ଗୁଣ୍ଡାମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଭାଜପା ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ୨୦୨୧ ମେ'ରେ ମତଦାନ କରାଯିବ। ଏହାକୁ ନେଇ ଏବେଠାରୁ ଭାଜପା ଓ ଶାସକ ଟିଏମ୍‌ସି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିବା ଜଣାପଡ଼ିଛି।

### ସତ୍‌ସଙ୍ଗ ଆଶ୍ରମକୁ ରାଷ୍ଟ୍ରୀୟ ଜଳ ପୁରସ୍କାର

**ଦେଓଘର, ୧୨।୧୧:** ଜଳ ସଂରକ୍ଷଣ କ୍ଷେତ୍ରରେ ସଫଳତା ପାଇଁ ଝାଡ଼ଖଣ୍ଡର ଦେଓଘର ସତ୍‌ସଙ୍ଗ ଆଶ୍ରମକୁ 'ରାଷ୍ଟ୍ରୀୟ ଜଳ ପୁରସ୍କାର' ପ୍ରଦାନ କରାଯାଇଛି। ଜଳଶକ୍ତି, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରତନ ଲାଲ କାଟାରିଆଙ୍କଠାରୁ ସତ୍‌ସଙ୍ଗ ସଭାପତି ଡା. ଅଲୋକ କୁମାର ଚକ୍ରବର୍ତ୍ତୀ ଗୁରୁବାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆବାସିକ ଜଳ ସଂରକ୍ଷଣର ସଫଳ ପରିଚାଳନା ସକାଶେ ଦେଓଘର ସତ୍‌ସଙ୍ଗ ଆଶ୍ରମକୁ ୨୦୧୯ବର୍ଷ ପାଇଁ ପ୍ରଥମ ପୁରସ୍କାର ଲାଗି ଚୟନ କରାଯାଇଥିଲା।

# ଜାଲିଆତି କରି ଜିତିଛି ଏନ୍‌ଡିଏ

**ପାଟନା, ୧୨।୧୧**

- ମହାମେଣ୍ଟ ନେତା ନିର୍ବାଚିତ ହେବା ପରେ ତେଜସ୍ୱୀଙ୍କ ଅଭିଯୋଗ
- ଏନ୍‌ଡିଏ ଅଧିକ ୧୨,୨୭୦ ଭୋଟ ପାଇଛି
- ଭୋଟ ପୁନଃ ଗଣତି ପାଇଁ ଆର୍‌ଜେଡିର ଦାବି

ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ପ୍ରକ୍ରିୟାରେ ଜାଲିଆତି ହୋଇଥିବା ଅଭିଯୋଗ ଆଣିଛନ୍ତି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ। ପୋଷ୍ଟାଲ ବାଲଟଗୁଡ଼ିକର ପୁନଃ ଗଣତି ପାଇଁ ସେ ଦାବି କରିଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ଗୁରୁବାର ପ୍ରଥମ ଥର ପାଇଁ ତେଜସ୍ୱୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଜନାଦେଶ ମହାମେଣ୍ଟ ପାଇଁ ଥିଲା କିନ୍ତୁ ନିର୍ବାଚନ କମିଶନ ଏନ୍‌ଡିଏ ସପକ୍ଷରେ ଫଳାଫଳ ଘୋଷଣା କଲେ ବୋଲି ସେ କହିଛନ୍ତି। ୨୦୧୫ରେ ଭୋଟ ମହାମେଣ୍ଟ ସପକ୍ଷରେ ଥିଲା। କିନ୍ତୁ ଭାଜପା ପଛଦ୍ୱାର ଦେଇ କ୍ଷମତା ଦଖଲ କରିଥିଲା। ଏଥର ଏନ୍‌ଡିଏ ମହାମେଣ୍ଟଠାରୁ ମାତ୍ର ୧୨,୨୭୦ ଭୋଟ ଅଧିକ ପାଇଥିବା ନିର୍ବାଚନ ତଥ୍ୟ ଦେଖାଇ



ଖବରଦାତା ସମ୍ମିଳନୀରେ ଭାଇ ତେଜପ୍ରତାପଙ୍କ ସହ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

ତେଜସ୍ୱୀ କହିଛନ୍ତି। ୨୦ ଆସନରେ ମହାମେଣ୍ଟ ଅତି କମ୍ ଭୋଟ ବ୍ୟବଧାନରେ ପରାଜିତ ହୋଇଛି। ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ପାଖାପାଖି ୯୦୦ ପୋଷ୍ଟାଲ ବାଲଟକୁ ନାକଚ କରିଦିଆଯାଇଥିବା ସେ ଅଭିଯୋଗ ଆଣିଥିଲେ। ଆମ ପଛରେ ଜନତାଙ୍କ ସମର୍ଥନ ରହିଥିବାବେଳେ ଏନ୍‌ଡିଏ ଧନ, ଛଳ ଓ ବଳ ଲଗାଇ ଭୋଟ ଜିତିଯାଇଥିବା ଆର୍‌ଜେଡି ନେତା କହିଛନ୍ତି। ଅନ୍ୟପକ୍ଷରେ ତେଜସ୍ୱୀ ଯାଦବଙ୍କୁ ଗୁରୁବାର ମହାମେଣ୍ଟ ବିଧାୟକ ଦଳ ନେତା ନିର୍ବାଚନ କରାଯାଇଛି। ନେତା ନିର୍ବାଚିତ ହେବା ପରେ ସେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନରେ ଥିବା ଜେଡିୟୁର ନେତା ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। ସେ କେବେ ତାଙ୍କ ଆତ୍ମାର ଆହ୍ୱାନକୁ ଶୁଣି କ୍ଷମତା ଲୋଭ ସମ୍ବରଣ କରିବେ ବୋଲି ତେଜସ୍ୱୀ କଟାକ୍ଷ କରିଛନ୍ତି।





କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ବିକ୍ଷୋଭ କରୁଥିବା ଅମୃତସରର ଚାଷୀମାନେ ଏଥର 'କଳା ଦୀପାବଳି' ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଭାରତର ପୂର୍ବାଞ୍ଚଳ ନୀତିରେ ଆସିଆନ୍ ମୁଖ୍ୟ: ମୋଦି

**ନୂଆଦିଲ୍ଲୀ, ୧୨।୧୧**





ଭାରତ ଏବଂ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସମୂହ (ଆସିଆନ) ମଧ୍ୟରେ ଭାଗୀଦାରିତା ମୁଖ୍ୟତଃ ଐତିହାସିକ, ଭୌଗୋଳିକ ଏବଂ ସାଂସ୍କୃତିକ ଐତିହ୍ୟର ଆଦାନପ୍ରଦାନ ଉପରେ ଆଧାରିତ ବୋଲି ଗୁରୁବାର ସପ୍ତଦଶ ଆସିଆନ-ଇଣ୍ଡିଆ ସମିଟ୍‌କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆମର ଭାରତ-ପ୍ରଶାନ୍ତ ମହାସାଗରୀୟ ପଦକ୍ଷେପ ଏବଂ ଆସିଆନ୍‌ର ଇଣ୍ଡୋ-ପାସିଫିକ୍ ଦୃଷ୍ଟିକୋଣ ମଧ୍ୟରେ ଅଧିକାଂଶ ସାମଞ୍ଜସ୍ୟ ରହିଛି। ଉକ୍ତ ଅଞ୍ଚଳର ସୁରକ୍ଷା ଓ ସମସ୍ତଙ୍କର ବିକାଶ ଲାଗି ଏକ ଶକ୍ତିଶାଳୀ ଓ ଦାୟିତ୍ୱବାନ୍ ଆସିଆନ୍‌ର ଆବଶ୍ୟକତା ରହିଥିବା ପ୍ରଧାନମନ୍ତ୍ରୀ ମତ ଦେଇଥିଲେ।

ସପ୍ତଦଶ ଆସିଆନ୍-ଇଣ୍ଡିଆ ସମିଟ୍‌ରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭିଏତ୍‌ନାମ ପ୍ରତିପକ୍ଷ ଗୁଏନ୍ ଜୁଆନ୍ ଫୁକ୍ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ମୁଖ୍ୟତଃ ଆସିଆନ୍-ଭାରତ କୌଶଳଗତ ସହଭାଗିତା ଉପରେ ସମୀକ୍ଷା ହେବା ସହ ଯୋଗାଯୋଗ, ସାମୁଦ୍ରିକ ସହଯୋଗ, ବାଣିଜ୍ୟ, ଶିକ୍ଷା, ସାମର୍ଥ୍ୟ ନିର୍ମାଣ ଉପରେ ଆଲୋଚନା ହେବ। ଆସିଆନ୍ ସଂଗଠନରେ ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ, ବ୍ରୁନେଇ, ଭିଏତନାମ, ଲାଓସ, ମ୍ୟାନ୍‌ମାର ଏବଂ କାମ୍ବୋଡିଆ ସଦସ୍ୟ ଥିବାବେଳେ ଭାରତ, ଆମେରିକା, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଏହାର ବିତର୍କ ସହଯୋଗୀ ରହିଛନ୍ତି।

## ୧୬ରେ ଶପଥ ନେବେ ନୀତୀଶ

**ପାଟନା, ୧୨।୧୧(ଆଇଏଏନ୍‌ଏସ୍)**

ବିହାର ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିଜୟ ପରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର କ୍ରମାଗତ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ସୋମବାର ଶପଥ ନେଇପାରନ୍ତି। ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ଏନ୍‌ଡିଏ ନିର୍ବାଚନ ଲଢ଼ିଥିଲା। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ଏହି ମେଣ୍ଟକୁ ୧୨୫ ଆସନ ମିଳିଛି। ସହଯୋଗୀ ଦଳ ଭାଜପା ୭୪ ଆସନରେ ବିଜୟୀ ହୋଇଥିବାବେଳେ ଜେଡିୟୁକୁ ମିଳିଛି ମାତ୍ର ୪୩ ଆସନ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଏନ୍‌ଡିଏ



ନେତାମାନଙ୍କ ଘୋଷଣା ଅନୁଯାୟୀ ନୀତୀଶ ମୁଖ୍ୟମନ୍ତ୍ରୀ ହେବେ। କିନ୍ତୁ ନୂତନ କ୍ୟାବିନେଟରେ ଭାଜପାରୁ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ରହିବା ଲାଗି ଦାବି ଉଠୁଛି। ନୂଆ କ୍ୟାବିନେଟରେ ଜେଡିୟୁକୁ ସାନଭାଇ ଭୂମିକା ମିଳିବ ବୋଲି କୁହାଯାଉଛି।

## ତେଜସ୍ୱୀ ଭଲ ପିଲା, କିନ୍ତୁ...

**ନୂଆଦିଲ୍ଲୀ,୧୨।୧୧**





ତେଜସ୍ୱୀ ଜଣେ ଭଲ ପିଲା। କିନ୍ତୁ ସେ ନିର୍ବାଚନ ଜିତି ମୁଖ୍ୟମନ୍ତ୍ରୀ ହୋଇଥିଲେ ବିହାରକୁ ଚଳାଇପାରି ନ ଥାନ୍ତେ ବୋଲି ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ତାଚ୍ଛଲ୍ୟ କରିଛନ୍ତି। ଗଣମାଧ୍ୟମକୁ ଉମା ଭାରତୀ କହିଛନ୍ତି, ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ କମ୍ପାନୀ ଏପରି ସ୍ଥିତି ସୃଷ୍ଟି କରିଥାଆନ୍ତେ ଯେ ସରକାର ଉପରେ ତେଜସ୍ୱୀଙ୍କ ନିୟନ୍ତ୍ରଣ ରହି ନ ଥାନ୍ତା। ଲାଲୁଙ୍କ ହସ୍ତକ୍ଷେପ ଯୋଗୁ ବିହାରକୁ ପୁଣି ଜଙ୍ଗଲରାଜ ଫେରିଥାଆନ୍ତା। ମଧ୍ୟପ୍ରଦେଶରେ କମଲନାଥ ସରକାରରେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ଯୋଗୁ ଯାହା ହେଲା ବିହାରରେ ଠିକ୍ ସେମିତି ଅବସ୍ଥା ହୋଇଥାନ୍ତା।

## କୁନାଲ କାମ୍ରାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

**ନୂଆଦିଲ୍ଲୀ, ୧୨।୧୧**



ଏକାଧିକ ଟୁଇଟ୍ ମାଧ୍ୟମରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଥିବା ଖ୍ୟାତନାମା ହାସ୍ୟାଭିନେତା କୁନାଲ କାମ୍ରାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର ହୋଇଛି। ବୁଧବାର ସର୍ବୋଚ୍ଚ ଅଦାଲତ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ଜାମିନ ଆବେଦନକୁ ମଞ୍ଜୁର କରିବା ପରେ ଏହାକୁ ସମାଲୋଚନା କରି କାମ୍ରା ଟୁଇଟ୍ କରିଥିଲେ। ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର ଲାଗି ୮ ଜଣ କରିଥିବା ଆବେଦନକୁ ଆର୍ଟର୍ନିଜେନେରାଲ କେ.କେ. ବେଣୁଗୋପାଳ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଅନ୍ୟାୟପୂର୍ଣ୍ଣ ଓ ଖୋଲାଖୋଲି ଭାବେ ସମାଲୋଚନା କରିବା ଦଣ୍ଡନୀୟ ଜନସାଧାରଣ ବୁଝିବା ଆବଶ୍ୟକ ବୋଲି ବେଣୁଗୋପାଳ କହିଛନ୍ତି।

## ଫେରିବ ଗେମିଂ ଆପ୍ ପବ୍‌ଜୀ

**ନୂଆଦିଲ୍ଲୀ,୧୨।୧୧**



ଲୋକପ୍ରିୟ ଗେମିଂ ଆପ୍ ପବ୍‌ଜି ପୁଣି ଭାରତକୁ ଫେରିବାର ଆଶା ଉଜ୍ଜ୍ୱଳ ହୋଇଛି। କିଛିଦିନ ପୂର୍ବରୁ ଚାଇନା ସହ ସମ୍ପର୍କ ରଖିଥିବା ୧୧୮ ଆପ୍‌କୁ ଭାରତ ସରକାର ବ୍ୟାନ୍ କରିଥିବାବେଳେ ପବ୍‌ଜୀ ସେଥିରେ ସାମିଲ ଥିଲା। ଏବେ ଚାଇନା ସହ କୌଣସି ସମ୍ପର୍କ ନ ଥିବା କୋରିଆ କମ୍ପାନୀ କହିବା ଫଳରେ ପବ୍‌ଜୀ ପୁଣି ଭାରତ ଫେରିବାର ସମ୍ଭାବନା ସୃଷ୍ଟି ହୋଇଛି। ପବ୍‌ଜୀ ମୋବାଇଲ ଇଣ୍ଡିଆ ଲଞ୍ଚ୍ କରାଯାଇ ସମସ୍ତ ଡାଟା ସୁରକ୍ଷିତ ରଖାଯିବ। ଭାରତୀୟ ୟୁଜର୍ସଙ୍କ ଲାଗି ନୂଆ ଫିଚର ଅଣାଯିବା ସହ ଭାରତ ସରକାରଙ୍କ ଡାଟା ପଲିସିକୁ ପାଳନ କରାଯିବ ବୋଲି ଦକ୍ଷିଣ କୋରିଆ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରକାଶ।

## ୨୩ରେ ଅର୍ଣ୍ଣବ ଗୋସ୍ୱାମୀଙ୍କ ଆଗୁଆ ଜାମିନ ଶୁଣାଣି

**ମୁମ୍ବାଇ,୧୨।୧୧**

'ମୁମ୍ବାଇର ସେସନ୍ସ କୋର୍ଟ ପକ୍ଷରୁ ରିପବ୍ଲିକ ଟିଭିର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ, ତାଙ୍କ ସ୍ତ୍ରୀ ସମ୍ୟାବ୍ରତ ରାୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣିକୁ ନଭେମ୍ବର ୨୩ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ନଭେମ୍ବର ୪ରେ ଗିରଫ କରିବାକୁ ଯାଇଥିବା ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ସେମାନଙ୍କ ବିରୋଧରେ ମୁମ୍ବାଇ ପୋଲିସ ଏନ୍‌ଏମ୍ ଜୋଷୀ ମାର୍ଗ ଥାନାରେ ମାମଲା ରୁଜୁ କରିଥିଲା।

ଏନେଇ ଅର୍ଣ୍ଣବଙ୍କ ଓକିଲ ଶ୍ୟାମ୍ କଲ୍ୟାନକର କହିଛନ୍ତି, ଆମେ ଗିରଫ ଲାଗି ଅନ୍ତରୀଣ ସୁରକ୍ଷା ମାଗିନାହୁଁ। ସୁପ୍ରିମକୋର୍ଟରୁ ବୁଧବାର ଅର୍ଣ୍ଣବଙ୍କୁ ଜାମିନ ମିଳିବା ପରେ ସମ୍ପୂର୍ଣ୍ଣ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି। ଅର୍ଣ୍ଣବ ଓ ତାଙ୍କ ସ୍ତ୍ରୀ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ମାମଲାରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଆଇପିସିର ୩୫୩, ୫୦୪, ୫୦୬ ଦଫା ସେମାନଙ୍କ ବିରୋଧରେ ଲଗାଯାଇଥିବା ସେ ପ୍ରକାଶ କରିଛନ୍ତି।

## ଅରୁନ୍ଧତୀ ରାୟଙ୍କ ପୁସ୍ତକକୁ ବିରୋଧ

**ଚେନ୍ନାଇ,୧୨।୧୧**

**ତାମିଲନାଡୁ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରୁ ହଟାଗଲା**



ଲେଖିକା ଅରୁନ୍ଧତୀ ରାୟଙ୍କ ପୁସ୍ତକ 'ୱାକିଂ ୱିଥ୍ ଦ କମ୍‌ରେଡ୍ସ'କୁ ତାମିଲନାଡୁ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରୁ ହଟାଇ ଦିଆଯାଇଛି। ଆର୍‌ଏସ୍‌ଏସ୍‌ର ଛାତ୍ର ଶାଖା ଏବିଭିପିର ବିରୋଧ ପରେ ତିରୁନେଲ୍‌ଭେଲି ସ୍ଥିତ ମନୋନ୍‌ମାନିଆମ୍ ସୁନ୍ଦରନର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାକୁ ହଟାଯାଇ ପିଜି ଇଂରାଜୀ ପାଠ୍ୟକ୍ରମରେ ଏମ୍. କ୍ରିଷ୍ଣନ୍‌ଙ୍କ 'ମାଇଁ ନେଟିଭ୍ ଲ୍ୟାଣ୍ଡ' ସ୍ଥାନ ପାଇଛି।

ଅରୁନ୍ଧତୀଙ୍କ ପୁସ୍ତକରେ ମାଓବାଦୀ ଓ ଭାରତ ସରକାରଙ୍କ ସମ୍ପର୍କରେ ଉଲ୍ଲେଖ ଥିଲା। ମାଓବାଦୀ ଆଦର୍ଶକୁ ଏଥିରେ ଅତିରଞ୍ଜିତ କରାଯାଇଥିଲା। ଏହା ଦେଶ ବିରୋଧୀ ବୋଲି ଏବିଭିପି ପକ୍ଷରୁ ଦର୍ଶାଯାଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏପରିକି ଛାତ୍ରୀଛାତ୍ରମାନେ ମଧ୍ୟ ଏହାକୁ ବିରୋଧ କରିଥିଲେ। ପରେ କୁଳପତି କେ. ପିଚୁମଣିଙ୍କୁ ଦେଖାକରି ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ପରେ ଏକ କମିଟି ବସି ଅରୁନ୍ଧତୀଙ୍କ ପୁସ୍ତକ ପାଠ୍ୟକ୍ରମରୁ ହଟାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରକାଶଥାଉ କି, ରାୟଙ୍କ ପୁସ୍ତକ ୨୦୧୧ରେ ପ୍ରକାଶ ପାଇବା ସହ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ୨୦୧୭ରେ ସ୍ଥାନ ପାଇଥିଲା।





ଉଇଗର ସଂଖ୍ୟାଲଘୁଙ୍କୁ ନେଇ ଚାଇନା ସରକାରଙ୍କ ଦମନମୂଳକ ନୀତିକୁ ବିରୋଧ କରି ମୁମ୍ବାଇରେ ମୁସଲମାନ ସମ୍ପ୍ରଦାୟ ବିକ୍ଷୋଭ କରୁଛନ୍ତି।

# ପରାଜୟ ସ୍ୱୀକାର କରୁନାହାନ୍ତି ଟ୍ରମ୍ପ

**ୱାଶିଂଟନ, ୧୨।୧୧**

**ବିଦ୍ରୋହ ଆଶଙ୍କା**



ଆମେରିକା ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ନେତା ଜୋ ବାଇଡେନ୍ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଅଧିକ ୭୪ ଇଲେକ୍ଟୋରାଲ ଭୋଟ ପାଇ ବିଜୟୀ ହୋଇଛନ୍ତି। ତେବେ ପରାଜୟକୁ ସ୍ୱୀକାର କରିବାକୁ ରାଷ୍ଟ୍ରପତି ଟ୍ରମ୍ପ ନାରାଜ। ଭୋଟରେ ଜାଲିଆତି ହୋଇଥିବା କହି ସେ ବିଭିନ୍ନ ଝୁଲା ରାଜ୍ୟରେ ଫଳାଫଳକୁ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ବାଇଡେନ୍ ପ୍ରଶାସନକୁ ନୁହେଁ, ଦ୍ୱିତୀୟ ଟ୍ରମ୍ପ ପ୍ରଶାସନକୁ କ୍ଷମତା ହସ୍ତାନ୍ତର ହେବ ବୋଲି ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ଖବରଦାତାମାନଙ୍କୁ କହିଥିବାବେଳେ ଭୋଟ ଜାଲିଆତି ଅଭିଯୋଗର ଅନୁଧ୍ୟାନ କରିବା ଲାଗି ଆର୍ଟର୍ନି ଜେନେରାଲ ୱିଲିୟମ ବାର୍ ନ୍ୟାୟ ବିଭାଗକୁ କହିଛନ୍ତି। ସେପଟେ ରାଷ୍ଟ୍ରପତି ଟ୍ରମ୍ପ ପେଣ୍ଟାଗନ୍ ଶୀର୍ଷ ନେତୃତ୍ୱଙ୍କୁ ବରଖାସ୍ତ କରି ସେମାନଙ୍କ ସ୍ଥାନରେ ନିଜର ବିଶ୍ୱସ୍ତଙ୍କୁ ନିଯୁକ୍ତି ଦେଇଥିବାରୁ ବିଶ୍ୱର ସର୍ବପ୍ରଥମ ଗଣତନ୍ତ୍ରିକ ରାଷ୍ଟ୍ରରେ କ୍ଷମତା ବିଦ୍ରୋହ ଘଟିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

୨୪୪ ବର୍ଷ ଆମେରିକା ଇତିହାସରେ ଏଭଳି ଘଟଣା କେବେ ଘଟି ନ ଥିଲା। ନିର୍ବାଚନ ହାରିବା ପରେ କୌଣସି ରାଷ୍ଟ୍ରପତି ହ୍ୱାଇଟ୍ ହାଉସ୍ ଛାଡ଼ିବାକୁ ମନା କରି ନ ଥିଲେ। ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହୋଇଥିବା ନେଇ ଟ୍ରମ୍ପ କୋର୍ଟ ଯାଇଥିଲେ ହେଁ ସେ ଏଥିପାଇଁ କୌଣସି ପ୍ରମାଣ ଦାଖଲ କରିପାରି ନାହାନ୍ତି। ଆଇନଗତ ପଦକ୍ଷେପ ଦେଶରେ କେବଳ ଅରାଜକତା ସୃଷ୍ଟି କରିବା ସହ ରାଷ୍ଟ୍ରପତି ନିଯୁକ୍ତି ପ୍ରକ୍ରିୟାକୁ ବିଳମ୍ବିତ କରାଇବ। ତେବେ ଏହା ବାଇଡେନଙ୍କୁ ରାଷ୍ଟ୍ରପତି ହେବାରୁ ରୋକିପାରିବ ନାହିଁ ବୋଲି କୁହାଯାଉଛି।

ଯଦି ପରାଜିତ ରାଷ୍ଟ୍ରପତି କ୍ଷମତା ହସ୍ତାନ୍ତର ନ କରନ୍ତି ତେବେ କ'ଣ ପଦକ୍ଷେପ ନିଆଯିବ ସେନେଇ ଆମେରିକା ସମ୍ବିଧାନରେ କିଛି କୁହାଯାଇନାହିଁ। ତେବେ ଟ୍ରମ୍ପ ଯଦି ତାଙ୍କ ଜିଦ୍‌ରେ ଅଟଳ ରହନ୍ତି, ତେବେ ନିଜ ଦଳ ଓ କଂଗ୍ରେସରୁ ତାଙ୍କ ଉପରେ ଚାପ ପଡ଼ିପାରେ। ତେଣୁ ଶେଷରେ ଟ୍ରମ୍ପ ପରାଜୟ ସ୍ୱୀକାର କରିନେଇପାରନ୍ତି ବୋଲି କୁହାଯାଉଥିଲେ ହେଁ ଏହା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। କାର୍ଯ୍ୟକାଳ ଶେଷ ହେବା ପରେ ଅନିଚ୍ଛା ସତ୍ତ୍ୱେ ସେ ହ୍ୱାଇଟ ହାଉସ୍ ଛାଡ଼ିପାରନ୍ତି ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡିଛି। ଯଦି ସେ ନ ଯାଆନ୍ତି, ତେବେ ତାଙ୍କୁ ଗିରଫ କରିବା ପାଇଁ ଏଫ୍‌ବିଆଇ କିମ୍ବା ନାଭି ସିଲ୍ସ ଅଥବା ଆଇନକୁ କାର୍ଯ୍ୟକାରୀ କରୁଥିବା ଅନ୍ୟ କୌଣସି ସଂସ୍ଥାର ସହାୟତା ନିଆଯାଇପାରେ ବୋଲି କୁହାଯାଉଛି।

## ବ୍ରାଜିଲ ନିର୍ବାଚନରେ ବୋଲସୋନାରୋ, ଟ୍ରମ୍ପ

**ବ୍ରାସିଲିଆ,୧୨।୧୧**



ଜୈର ବୋଲସୋନାରୋ

ବ୍ରାଜିଲରେ ହେବାକୁ ଥିବା ପୌର ନିର୍ବାଚନ ମଇଦାନକୁ ବୋଲସୋନାରୋ ଓ ଟ୍ରମ୍ପ ଉପନାମଧାରୀ ଅନେକ ପ୍ରାର୍ଥୀ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଆଡିଲ୍‌ସନ ବୋଲସୋନାରୋ, ଆଡିଲୋ ବୋଲସୋନାରୋ, ଆଞ୍ଜେଲା ବୋଲସୋନାରୋ, ଜେଜିନ୍‌ହୋ ବୋଲସୋନାରୋ, ଜୁନିୟର ବୋଲସୋନାରୋ ଆଦି ପ୍ରାର୍ଥୀ। ରାଷ୍ଟ୍ରପତି ଜୈର୍ ବୋଲସୋନାରୋଙ୍କ ସହ ଏମାନଙ୍କ କାହାରି କିଛି ସମ୍ପର୍କ ନାହିଁ। ଏପରି କି ଏହି ପ୍ରାର୍ଥୀମାନଙ୍କ ସାଙ୍ଗିଆ ମଧ୍ୟ ବୋଲସୋନାରୋ ନୁହେଁ। ସେହିପରି ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତାକୁ ଦେଖି ଜଣେ ପ୍ରାର୍ଥୀ ନିଜ ନାମ ରୋନାଲ୍ଡ ଟ୍ରମ୍ପ ବୋଲି ପ୍ରାର୍ଥୀପତ୍ରରେ ଉଲ୍ଲେଖ କରିଥିବାବେଳେ ଆଉ ଜଣେ ପ୍ରାର୍ଥୀ ନିଜକୁ ଡୋନାଲ୍ଡ ଟ୍ରମ୍ପ ବୋଲସୋନାରୋ ଦର୍ଶାଇଛନ୍ତି। ମୋଟ ୭୦ ଜଣ ପ୍ରାର୍ଥୀ ଏଭଳି ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଲିବ୍ରିଟିଙ୍କ ନାମ ଅନୁସାରେ ରାଜନୈତିକ ନିକ୍‌ନେମ୍ ବ୍ୟବହାର କରିବା ପରମ୍ପରା ବ୍ରାଜିଲ ନିର୍ବାଚନରେ ନୂଆ ନୁହେଁ ଏବଂ ଏହାକୁ ବେଆଇନ ବୋଲି ଧରାଯାଇ ନ ଥାଏ।

## ସଂକ୍ଷେପରେ

### ଫ୍ୟୁରୋ ସ୍ପୋର୍ଟସର ପାର୍ବଣ ଅଫର

ନୂଆଦିଲ୍ଲୀ,୧୨।୧୧: ଲିଆନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ୍‌ର ଖେଳ ଜୋତା ବ୍ରାଣ୍ଡ, ଫ୍ୟୁରୋ ସ୍ପୋର୍ଟ ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ରହିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏହାର ପ୍ରଡକ୍ଟ ଯୋଗାଇ ଦେଉଛି। ଗୋଟିଏ ଖୁଚୁରା ବ୍ରାଣ୍ଡ ଭାବରେ, ଗ୍ରାହକଙ୍କ ଷ୍ଟୋର ପରିଦର୍ଶନରେ ଭଲ ଅଭିବୃଦ୍ଧି ଏବଂ ଖର୍ଚ୍ଚ ଢାଞ୍ଚାରେ ପରିବର୍ତ୍ତନକୁ ବିଚାରକରି ସେହି ଅନୁଯାୟୀ ପ୍ରଡକ୍ଟ ସୂଚୀ ସଜାଡ଼ି ଚାହିଦା ପୂରଣ କରିବାକୁ ଏହା ପ୍ରସ୍ତୁତ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ଶିବମ ଚତୁର୍ବେଦୀ କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ନିର୍ଦ୍ଦେଶାବଳୀ ସୁନିଶ୍ଚିତ କରିବା ପାଇଁ ଆମର ସମସ୍ତ ବିତରକ ଏବଂ ଖୁଚୁରା ବ୍ୟବସାୟୀମାନଙ୍କ ପାଖରେ ଭଲ ତାଲିମପ୍ରାପ୍ତ କର୍ମଚାରୀ ଅଛନ୍ତି । ସାମାଜିକ ଦୂରତା, ପେମେଣ୍ଟ ପ୍ରତି ଡିଜିଟାଲ ଆଭିମୁଖ୍ୟ ଏବଂ କର୍ମଚାରୀଙ୍କ ବାରମ୍ବାର ସାନିଟାଇଜ, କାର୍ଯ୍ୟସୂଚୀ ଏବଂ ଆଉଟଲେଟ ସହିତ ଆମେ ଏକ ଭଲ ଗ୍ରାହକଙ୍କ ଯିବା ଆସିବ ସାକ୍ଷୀ ଅଟୁ। ଗ୍ରାହକଙ୍କୁ ଶପିଂ ଉପଭୋଗ କରିବାକୁ ଆମର ବିତରକ ଏବଂ ଖୁଚୁରା ବ୍ୟବସାୟୀ, ବ୍ରାଣ୍ଡ ଏକ୍ସକ୍ଲୁସିଭ ଷ୍ଟୋର ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ଅନେକ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଉଛି। ନୂତନ ଉତ୍ପାଦ ଲଞ୍ଚ କରାଯାଉଛି। ଗ୍ରାହକମାନଙ୍କୁ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ବିକଳ୍ପ ଯୋଗାଇବାରେ ସାହାଯ୍ୟ କରିବ ବୋଲି ସେ ମତ ରଖିଛନ୍ତି।

### ଡଲାର ଇଣ୍ଡଷ୍ଟ୍ରିଜ୍‌ର ନୂଆ ଟିଭିସି

ନୂଆଦିଲ୍ଲୀ,୧୨।୧୧: ପାର୍ବଣ ଉପଲକ୍ଷେ ଡଲାର ଇଣ୍ଡଷ୍ଟ୍ରିଜ ପକ୍ଷରୁ ନୂଆ ଟିଭିସି କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଡଲାର ବିଗ୍‌ବସ୍ ଏବଂ ଡଲାର ମିସି ପ୍ରଡକ୍ଟ ରେଞ୍ଜକୁ ପ୍ରମୋଶନ କରାଇବା ଲାଗି ଏଭଳି କ୍ୟାମ୍ପେନ ଆରମ୍ଭ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ପରିବର୍ତ୍ତିତ ଗ୍ରାହକଙ୍କ ଟ୍ରେଣ୍ଡ ଏବଂ ଚିରାଚରିତ ଧାରାଠାରୁ ଉପରକୁ ଯାଇ ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ଫ୍ୟାଶନ ଉପରେ ଏହି ଟିଭିସିରେ ଗୁରୁତ୍ୱାରୋପ କରାଯାଇଛି। ଅକ୍ଷୟ୍ କୁମାରଙ୍କ ସହ ଯୋଡ଼ିହୋଇ ବ୍ରାଣ୍ଡର ଅଭିବୃଦ୍ଧି ଦିଗରେ ନିଜର କାର୍ଯ୍ୟକ୍ରମ ଜାରି ରଖିଥିବା ଡଲାର ଇଣ୍ଡଷ୍ଟ୍ରିଜର ଏମ୍‌ଡି ବିନୋଦ କୁମାର ଏହି ପରିପ୍ରେକ୍ଷୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ବିଭିନ୍ନ ପ୍ରଡକ୍ଟ ରେଞ୍ଜକୁ ଯୋଡ଼ାଯାଇଛି। ପାର୍ବଣରେ ଆସିଥିବା ବିଭିନ୍ନ ବର୍ଗ ପ୍ରଡକ୍ଟକୁ ଗ୍ରାହକ ଚୟନ କରିପାରିବେ। ବିଗ୍‌ବସ୍ କମର୍ସିଆଲରେ ଅକ୍ଷୟ୍ କୁମାର ରହିଥିବା ବେଳେ ଡଲାର ମିସି କ୍ୟାମ୍ପେନରେ ବଲିଉଡ୍ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ଅଭିନୟ କରିଛନ୍ତି।

### କାନାରା ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା

ଭୁବନେଶ୍ୱର,୧୨।୧୧: କାନାରା ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ରାଜ୍ୟରେ ବ୍ୟାଙ୍କର ସମସ୍ତ ଶାଖା ଓ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡିକରେ ଏହା ପାଳିତ ହୋଇଥିଲା। ସରକାରଙ୍କ କୋଭିଡ-୧୯ କଟକଣା କାରଣରୁ ବିଭିନ୍ନ କାର୍ଯ୍ୟକ୍ରମ ଅନଲାଇନ ଜରିଆରେ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସତ୍ୟ, ନିଷ୍ଠା ଓ ପ୍ରତିଜ୍ଞାର ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଯାପନ ସଭା ବ୍ୟାଙ୍କର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଓଡିଶା ପୋଲିସର ଅତିରିକ୍ତ ମହାନିର୍ଦ୍ଦେଶକ (କାର୍ମିକ) ଲଳିତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ମହାପ୍ରବନ୍ଧକ ବି.ଏଲ ମୀନା, ସହାୟକ ମହାପ୍ରବନ୍ଧକ ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ସହାୟକ ମହାପ୍ରବନ୍ଧକ କେ.ଏସ. ଗୁପ୍ତା ଉପସ୍ଥିତ ଥିଲେ।

# ଭଲ ବିକ୍ରି ଆଶାରେ ଜୁଏଲର୍ସ

ଭୁବନେଶ୍ୱର,୧୨।୧୧



■ଆଜି ଧନତେରସ
■ମିଳୁଛି ଆକର୍ଷଣୀୟ ରିହାତି

ଚଳିତ ବର୍ଷ କରୋନା ଯୋଗୁ ସୁନା ଗହଣା ବଜାରରେ କାରବାର ଧିମା ରହିଛି। ବଜାରରେ କଟକଣା କୋହଳ ହେଉଥିବାରୁ କାରବାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଶୋ'ରୁମଗୁଡିକରେ ସାମାଜିକ ଦୂରତ୍ୱ ନିୟମକୁ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ଶୁକ୍ରବାର ଧନତେରସ ପଡୁଛି। ଏହି ଦିନ ସୁନା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଣୁ ଧନତେରସରେ ସୁନା ବିକ୍ରି ବଢିଥାଏ। ହେଲେ ଚଳିତ ବର୍ଷ କରୋନା ସଂକ୍ରମଣ ଭୟ ରହିଥିବାରୁ ଲୋକମାନେ ବଜାରକୁ ଯିବା ବେଳେ ଆଶଙ୍କାରେ ରହୁଛନ୍ତି। ଏହାକୁ ଧ୍ୟାନରେ ରଖି ଜୁଏଲର୍ସ ବିଭିନ୍ନ ନିୟମ ଶୋ'ରୁମରେ ପାଳନ କରୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଘୋଷଣା ହୋଇଥିବା ଲକ୍‌ଡାଉନ ଯୋଗୁ କାରବାର ସମ୍ପୂର୍ଣ୍ଣ ଖସି ଯାଇଥିଲା। ଏହାକୁ ଧ୍ୟାନରେ ରଖି ବହୁ ପୂର୍ବରୁ ଜୁଏଲର୍ସମାନେ ପାର୍ବଣ ବିକ୍ରି ନେଇ ଚଳିତ ବର୍ଷ ସଜବାଜ ହୋଇଛନ୍ତି। କାରବାର ପୂର୍ବ ବର୍ଷ ସ୍ତର ନ ଛୁଇଁଲେ ମଧ୍ୟ ଚଳିତ ବର୍ଷର ବିଗତ ମାସଗୁଡିକ ତୁଳନାରେ ଉନ୍ନତ କରିବା ନେଇ ଜୁଏଲର୍ସ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଛନ୍ତି। କରୋନା ପାଇଁ ବଜାରରେ ମାନ୍ଦାବସ୍ଥା ଏବଂ ସୁନା ଦର ଉଚ୍ଚରେ ରହିଛି। ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ଦାମ ୫୦,୬୬୦ ଏବଂ ୨୪ କ୍ୟାରେଟ୍ ସୁନା ୫୧,୯୧୦ ଟଙ୍କା ରହିଛି। ସେହିଭଳି ରୁପା ଦର କିଲୋ ପିଛା ୬୬,୭୦୦ ଟଙ୍କା ରହିଛି।

ଧନତେରସ ଏବଂ ଦିୱାଲି ଉପଲକ୍ଷେ ପୂର୍ବ ମାସଗୁଡିକ ତୁଳନାରେ ଚାହିଦାରେ ବେଶ୍ ଉନ୍ନତି ହେବ ବୋଲି ଜୁଏଲେରି ଶିଳ୍ପ ପକ୍ଷରୁ ଆଶା କରାଯାଉଛି। ଚଳିତ ବର୍ଷ କୃଷି କାର୍ଯ୍ୟ ଉନ୍ନତ ହୋଇଥିବାରୁ ଏହା ଚାହିଦା ଉପରେ ଉନ୍ନତ ପ୍ରଭାବ ପକାଇବ ବୋଲି ଆଶା କରାଯାଇଛି। ଚଳିତ ବର୍ଷ ଦିୱାଲି ବିକ୍ରି ପୂର୍ବ ବର୍ଷ ସ୍ଥିତିକୁ ଫେରିବାର ସମ୍ଭାବନା ରହିଥିବା ଅନ୍ୟ କିଛି ବିଶେଷଜ୍ଞ ମଧ୍ୟ ମତ ରଖିଛନ୍ତି। କାରଣ ପାର୍ବଣରେ ବଜାରକୁ ଭଲ ରେସପନ୍ସ ମିଳିଛି। କରୋନା ପାଇଁ ଜୁଏଲର୍ସ ଅନ୍‌ଲାଇନ କନସଲଟେଶନ ଏବଂ ଅନ୍‌ଲାଇନ କ୍ରୟ ବ୍ୟବସ୍ଥା କରିଛନ୍ତି। ଏହା ମୋଟାମୋଟି ବିକ୍ରି ଦିଗରେ ସହାୟକ ହେବ ବୋଲି କୁହାଯାଉଛି। ସୁନାକୁ ଏକ ଆସେଟ କ୍ଲାସ ଭାବେ ବିଚାର କରାଯାଉଥିବା ବେଳେ ଏହି ଧାତୁ ଉପରେ ଲୋକଙ୍କର ଭରସା ସବୁ ବେଳେ ରହିଆସିଛି। ପାର୍ବଣ ଲାଗି କିଛି ଗ୍ରାହକ ଆଡଭାନ୍ସ ବୁକିଂ କରିଥିବା ମଧ୍ୟ ନଜରକୁ ଆସିଛି।

ହାଲକା ଗହଣା ବାଦ ଲକଜରୀ ସେଗମେଣ୍ଟ ଉପରେ ମଧ୍ୟ ଗ୍ରାହକ ଫୋକସ କରୁଛନ୍ତି। ଆଗକୁ ପାର୍ବଣ ଆସୁଥିବାରୁ ଲୋକମାନେ ଏବେ ଠାରୁ ମଧ୍ୟ ଜୁଏଲେରି କିଣି ରଖିନେବାକୁ ଗୁରୁତ୍ୱ ଦେଉଛନ୍ତି। ଗତ ଦିୱାଲି ତୁଳନାରେ ବର୍ତ୍ତମାନ ସୁଦ୍ଧା ସୁନାଦର ପ୍ରାୟ ୨୫% ବଢିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଶୋ'ରୁମଗୁଡିକ ଭାଉଚର, କ୍ୟାଶବ୍ୟାକ ସୁବିଧା ଦେଉଛନ୍ତି। ସେହିଭଳି ହୀରା ଗହଣା ଉପରେ ଫ୍ଲାଟ ରିହାତି, ସୁନା ଏବଂ ରୁପା ଗହଣା ମୂଲ୍ୟ ଉପରେ ରିହାତି, ଗଢା ମୂଲ୍ୟ ଉପରେ ରିହାତି, ଧନତେରସରେ ସ୍ୱତନ୍ତ୍ର ଅଫର, ପ୍ରଡକ୍ଟ କ୍ରୟରେ ଉପହାର, ଗୋଲ୍ଡ କଏନ, ସିଲଭର କଏନ ଏବଂ ଅନ୍ୟ ଉପହାର ପ୍ରଦାନ କରାଯାଉଥିବା ଦେଖାଯାଉଛି।

## ଖିମଜୀର ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୧୨।୧୧

ଦିୱାଲି ଏବଂ ଧନତେରସ ଅବସରରେ ଖିମଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ରିହାତି ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଗ୍ରାହକଙ୍କୁ ସର୍ବୋତ୍ତମ କ୍ରୟ ଅଭିଜ୍ଞତା ଏବଂ ଡିଲ୍ ପ୍ରଦାନ କରିବା ଲାଗି ଶୋ'ରୁମ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ରହିଛି। ଶୋ'ରୁମ ପକ୍ଷରୁ 'ଧନତେରସ ଧନୋତ୍ସବ' ଅଫର ବିଭିନ୍ନ ବର୍ଗର ପ୍ରଡକ୍ଟ ଉପରେ ଉପଲବ୍ଧ ହେବ। ହିରା ଉପରେ ଫ୍ଲାଟ୍ ୨୦% ରିହାତି, ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୬.୩% ଅଫ୍, ରୁପା ଗହଣା ଗଢାମୂଲ୍ୟ ଉପରେ ଫ୍ଲାଟ ୫୦% ଅଫ୍ ଏବଂ ରୁପା ଗହଣା ମୂଲ୍ୟ ଉପରେ ୧୫% ରିହାତି ସୁବିଧା ଦିଆଯାଉଛି। ନଭେମ୍ବର ୨୨ ଯାଏ ଗ୍ରାହକ ଏହି ଅଫର ସବୁର ଲାଭ ଉଠାଇପାରିବେ। କୋଭିଡ୍ ଗାଇଡଲାଇନକୁ ଧ୍ୟାନରେ ରଖି ଶୋ'ରୁମ୍‌ରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଆଗକୁ ବିବାହ ଋତୁ ଆସୁଥିବାରୁ ଅଫର ଦ୍ୱାରା ଗ୍ରାହକ ଲାଭବାନ ହୋଇପାରିବେ ବୋଲି ଶୋ'ରୁମ ପକ୍ଷରୁ ଆଶା କରାଯାଉଛି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ ରହିଥିବା ଖିମଜୀ ଗ୍ରୁପର ନିର୍ଦ୍ଦେଶକ ମିତେଶ ଖିମଜୀ ସୂଚନା ଦେଇଛନ୍ତି।

## ଅରୁନ୍ଧତୀର ଦିୱାଲି ଅଫର

ଭୁବନେଶ୍ୱର,୧୨।୧୧

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଦିୱାଲି ରିହାତି ପ୍ରଦାନ କରାଯାଉଛି। କୋଭିଡ୍ ଗାଇଡଲାଇନ ଅନୁସାରେ ଗ୍ରାହକଙ୍କୁ ସେବା ଯୋଗାଣକୁ ଏହା ନଜରରେ ରଖିଛି। ଧନ୍‌ତେରସ ଅଫରରେ ଗ୍ରାହକ ମେକିଂ ଚାର୍ଜ ଉପରେ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସମୟରେ କ୍ରୟ ଉପରେ ଗ୍ରାହକ ଗୋଲ୍ଡ କଏନ, ରିଙ୍ଗ୍ ଏବଂ ସିଲଭର କଏନ ଲାଭ କରିପାରିବେ। ପେଟିଏମ୍‌ରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ସୁବିଧା ମଧ୍ୟ କରାଯାଇଛି। ସେହିଭଳି ୧ ହଜାର, ୫ ହଜାର ଏବଂ ୧୦ ହଜାର ଟଙ୍କାର ଗିଫ୍ଟ କାର୍ଡ ମିଳିବାର ସୁଯୋଗ ମଧ୍ୟ ରହିଛି। ସୁନା ଏବଂ ରୁପା ଗହଣା ଗଢା ମୂଲ୍ୟରେ ଫ୍ଲାଟ ୧୦% ରିହାତି, ହୀରା ଗହଣା ଗଢାମୂଲ୍ୟରେ ଫ୍ଲାଟ ୫% ରିହାତି ମିଳୁଛି। କେତେକ ବଛାବଛା ବ୍ୟାଙ୍କର ଡେବିଟ୍ ଏବଂ କ୍ରେଡିଟ କାର୍ଡରେ ମଧ୍ୟ ରିହାତି ମିଳୁଛି। ଗ୍ରାହକ ସହଜ ଇଏମ୍‌ଆଇରେ ମଧ୍ୟ ଜୁଏଲେରୀ କିଣିପାରିବେ।

# ଏଲ୍‌ଜିର ନୂଆ ଶୋ'ରୁମ୍ ଶୁଭାରମ୍ଭ




ଭୁବନେଶ୍ୱର,୧୨।୧୧

ପ୍ରମୁଖ ଇଲେକଟ୍ରୋନିକ୍ସ ପ୍ରଡକ୍ଟ ନିର୍ମାଣକାରୀ କମ୍ପାନୀ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ନୂଆ ଶୋ'ରୁମ୍ ବେଷ୍ଟ ଶପ୍ ମହାବୀର ଏଜେନ୍ସି, ସ୍ଥାନୀୟ ଜିଜିପି କଲୋନୀ କେନାଲରୋଡଠାରେ ଶୁଭାରମ୍ଭ ହୋଇଛି। ଏହି ଶୋ'ରୁମକୁ ଭିଡ଼ିଓକନଫରେନ୍ସ ଯୋଗେ କମ୍ପାନୀର ହୋମ ଆପ୍ଲାଏନ୍ସ ବିଭାଗ ନିର୍ଦ୍ଦେଶକ ଏଚ୍.ଏସ୍.ଜି, ଉପସଭାପତି ବିଜୟ ବାବୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏଲ୍‌ଜିର ଆଞ୍ଚଳିକ ପ୍ରବନ୍ଧକ ପ୍ରଭଞ୍ଜନ ରୟ, ବ୍ରାଞ୍ଚ ମ୍ୟାନେଜର ମନୀଷ ସିଂଘଲ, ଏଏସ୍‌ଏମ୍ ଶ୍ରୀମନ୍ତ ଖଣ୍ଡୁଆଳ ଉପସ୍ଥିତ ରହିଥିଲେ। ଏହା କମ୍ପାନୀର ଏକ ସ୍ୱତନ୍ତ୍ର ଶୋ'ରୁମ। ଏଠାରେ ଗ୍ରାହକ ବିସ୍ତୃତ ରେଞ୍ଜର ଏଲ୍‌ଜି ପ୍ରଡକ୍ଟ ଏବଂ ସେବା ଲାଭ କରିପାରିବେ। ଲୋକମାନଙ୍କୁ ସେବା ଯୋଗାଣରେ ସ୍ୱତନ୍ତ୍ରତା ପ୍ରଦାନ କରିବା ଲାଗି ଏଭଳି ନୂଆ ଶୋ'ରୁମ ଖୋଲାଯାଇଥିବା ନିର୍ଦ୍ଦେଶକ ଏଚ୍.ଏସ୍.ଜି ସୂଚନା ଦେଇଛନ୍ତି। ଗୋଟିଏ ଛାତ ତଳେ ଏଲ୍‌ଜିର ସବୁ ପ୍ରଡକ୍ଟ ଏଠାରେ ଲୋକମାନେ ଲାଭ କରିପାରିବେ ବୋଲି ଆଞ୍ଚଳିକ ପ୍ରବନ୍ଧକ ରୟ କହିଛନ୍ତି। ଏହି ଅବସରରେ ଗ୍ରାହକଙ୍କୁ ଉଦ୍‌ଘାଟନୀ ଅଫର ପ୍ରଦାନ କରାଯାଉଛି। ଏହାସହ ଏଲ୍‌ଜିର ପାର୍ବଣ ଅଫର ଏବଂ ଶୋ'ରୁମ ପକ୍ଷରୁ କ୍ୟାଶବ୍ୟାକ ସୁବିଧା ଦିଆଯାଉଥିବା ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ମନମୋହନ ଖୁଣ୍ଟିଆ ସୂଚନା ଦେଇଛନ୍ତି।

## ପିଏନ୍‌ବି କଟକ ମଣ୍ଡଳ ପକ୍ଷରୁ ପ୍ରବନ୍ଧକ ସମ୍ମିଳନୀ

ଭୁବନେଶ୍ୱର,୧୨।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ପ୍ରବନ୍ଧକ ସମ୍ମିଳନୀ ଅନୁଗୋଳଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର, ଉପ-ଆଞ୍ଚଳିକ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତ ଏବଂ କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଶିବାନନ୍ଦ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ବ୍ୟାଙ୍କର ୩୨ଟି ଶାଖାର ଶାଖା ମୁଖ୍ୟ ଯୋଗ ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ବ୍ୟବସାୟିକ ସମୀକ୍ଷା ବ୍ୟତିତ ପିଏନ୍‌ବି-ମେଟ୍ ଲାଇଫର ଆଞ୍ଚଳିକ ମୁଖ୍ୟ ମାନଙ୍କୁ ଟ୍ରଫି ଏଥିରେ ପ୍ରଦାନ କରାଯାଇଥିଲା। ଏଥିରେ ଚୋଳମଣ୍ଡଳମ ଏରିଆ ମୁଖ୍ୟ ଲିଭ୍ୟା ପଣ୍ଡା ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର ଏବଂ ମଣ୍ଡଳ ମୁଖ୍ୟ ଶିବାନନ୍ଦ ଭଞ୍ଜ, ଅନୁଗୁଳ ଜିଲ୍ଲା ମାଜିଷ୍ଟ୍ରେଟ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅନୁଗୁଳ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ସ୍ୱୟଂଚାଳିତ ହ୍ୟାଣ୍ଡ ସାନିଟାଇଜର ମେଶିନ ହସ୍ତାନ୍ତର କରିଥିଲେ।

## ଜୀ ସାର୍ଥକରେ 'ଦୁର୍ଗତିନାଶିନୀ'

ଭୁବନେଶ୍ୱର,୧୨।୧୧




ଜୀ ସାର୍ଥକ ପ୍ରତ୍ୟେକ ଥର ପରି ଆଣିଛି ମନୋରଞ୍ଜନର ନୂଆ ପସରା। ଜୀ ସାର୍ଥକ ସୁପରଷ୍ଟାର ସୁପର ସିନେମାର ତୃତୀୟ ଅବଦାନ

**ପ୍ରସାରଣ ଆଜି**

'ଦୁର୍ଗତିନାଶିନୀ' ମନୋରଞ୍ଜନ ପ୍ରେମୀଙ୍କୁ ଏହା ଭେଟିଦେବ। ଦୁର୍ଗତିନାଶିନୀ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଚଳଚ୍ଚିତ୍ରଟି ଅକ୍ଷୟ ପରିଜାଙ୍କ ଦ୍ୱାରା ନିର୍ମିତ ଏବଂ ରାଜା ଡି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟା୬ଟାରେ ଏହା ପ୍ରସାରିତ ହେବ। ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ ଏହି ସିନେମାରେ ଦେଖିବାକୁ ମିଳିବ। ଦୃଢ,ନିଷ୍ଠାପର ପୋଲିସ ଅଫିସର ଭାବେ ସେ ଏଥିରେ ନଜର ଆସିବେ। ଓଡ଼ିଆ ସିନେପ୍ରେମୀମାନଙ୍କ ମନରେ ଦୁର୍ଗତିନାଶିନୀ ଏକ ଅଲିଭା ଛାପ ଛାଡିବ ବୋଲି ନିର୍ମାତା ଆଶା ରଖିଛନ୍ତି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଦୀପାବଳି-ଧନତେରସ ଅଫର

ଭୁବନେଶ୍ୱର,୧୨।୧୧

ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ତା'ର ସମସ୍ତ ଶୋ'ରୁମରେ ପବିତ୍ର ଦୀପାବଳି ଓ ଧନତେରସ ଅବସରରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହା ଦ୍ୱାରା ଗ୍ରାହକ ସ୍ୱଳ୍ପ ଓ ସୁଲଭ ମୂଲ୍ୟରେ ୩୫ଟି ନାମୀଦାମୀ କମ୍ପାନୀର ୫୦୦୦ରୁ ଊର୍ଦ୍ଧ୍ୱ ପ୍ରଡକ୍ଟ କ୍ରୟ କରିପାରିବେ। ବିଭିନ୍ନ ସାମଗ୍ରୀ ଉପରେ ଆକର୍ଷଣୀୟ ଇଏମ୍‌ଆଇ ସହ ଅନେକ କିଛି ସୁବିଧା ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଛି। ଗ୍ରାହକ ଟିଭି, ଫ୍ରିଜ, ୱାଶିଂଙ୍ଗ ମେଶିନ, ଏସି , ଗିଜର, ମାଇକ୍ରୋଓଭନ, ମୋବାଇଲ, ଲାପ୍‌ଟପ, କ୍ୟାମେରା ଏବଂ ପ୍ରିଣ୍ଟର ଭଳି ସାମଗ୍ରୀ ଆଦି ଅଫର ଦ୍ୱାରା କ୍ରୟ କରିପାରିବେ। ବର୍ତ୍ତମାନ ବିଭିନ୍ନ ପ୍ରଡକ୍ଟ ଉପରେ ପ୍ରାୟ ୨୨% ସହ ବଜାଜ ଫାଇନାନ୍ସ ପକ୍ଷରୁ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଏସ୍‌ବିଆଇ କାର୍ଡ ବ୍ୟବହାରରେ ମଧ୍ୟ ଅତିରିକ୍ତ ୫% କ୍ୟାଶ୍‌ବ୍ୟାକର ସୁବିଧା ରହିଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ୧୯୭୨ରୁ ଗ୍ରାହକଙ୍କୁ ନିରନ୍ତର ଭାବେ ସେବା ଯୋଗାଇ ଆସୁଛି। ଏହା ରାଜ୍ୟର ବିଭିନ୍ନ ସ୍ଥାନରେ ୨୪ରୁ ଊର୍ଦ୍ଧ୍ୱ ଶୋ'ରୁମ ପ୍ରତିଷ୍ଠା କରିସାରିଛି। ଗ୍ରାହକ ଚାହିଦାକୁ ନଜରରେ ନୂଆଦିଲ୍ଲୀରେ ନୂଆ ଶୋ'ରୁମ ମଧ୍ୟ ଖୋଲାଯାଇଛି। ପାର୍ବଣରେ ଗ୍ରାହକ ସର୍ବନିମ୍ନ ଇଏମ୍‌ଆଇ ଯଥା- ୭୯୯ ଟଙ୍କାରେ ଗିଜର ଓ ମାଇକ୍ରୋଓଭନ, ୮୮୮ ଟଙ୍କାରେ ଏଲ୍‌ଇଡି,୧୨୯୯ ଟଙ୍କାରେ ୱାଶିଂଙ୍ଗ ମେଶିନ,୧୯୯୯ଟଙ୍କାରେ ଏସି ଓ ରେଫ୍ରିଜରେଟର ଭଳି ସାମଗ୍ରୀ କିଣିପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସଂସ୍ଥାର ଫର୍ନିଚର ଶୋ'ରୁମରେ ମଧ୍ୟ ପାର୍ବଣ ଉପଲକ୍ଷେ ୬୦% ପର୍ଯ୍ୟନ୍ତ ରିହାତି ମିଳୁଛି। ଏହବାଦ ଏସ୍‌ବିଆଇ କାର୍ଡ ଉପରେ ୨% କ୍ୟାଶବ୍ୟାକ ସୁବିଧା ଗ୍ରାହକ ପାଇପାରିବେ। ପାର୍ବଣରେ ଗ୍ରାହକ ଆକର୍ଷଣୀୟ ଅଫର ସହ କ୍ୟାଶବ୍ୟାକ ସୁବିଧା ପାଇପାରିବେ ବୋଲି ଶୋ'ରୁମ ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ସୂଚନା ଦେଇଛନ୍ତି। ଏହାବାଦ ପ୍ରତି କ୍ରୟ ଉପରେ ଉପହାର ସହ ବର୍ଦ୍ଧିତ ୱାରେଣ୍ଟିର ସୁବିଧା ମଧ୍ୟ ରହିଛି। ଆଗାମୀ ଦିନରେ ସଂସ୍ଥା ଆଉ ୬ ଟି ଶୋ'ରୁମ ଖୋଲିବାକୁ ଯୋଜନା ରଖିଛି। ଏହି ଅଫର ୧୫ ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ବୋଲି ଗୁପ୍ତା କହିଛନ୍ତି।

# ଜଟିଳ ମାନ୍ଦାବସ୍ଥା ଆଡ଼କୁ ବଢୁଛି ଭାରତ

ନୂଆଦିଲ୍ଲୀ,୧୨।୧୧




ଚଳିତ ଆର୍ଥିକ ବର୍ଷରେ ଲଗାତର ଦ୍ୱିତୀୟ ତ୍ରୈମାସରେ ଭାରତୀୟ ଅର୍ଥ ବ୍ୟବସ୍ଥା ଧିମା ହେଉଥିବା ନଜରକୁ ଆସିଛି। ଏହା ଭାରତକୁ ଜଟିଳ ମାନ୍ଦାବସ୍ଥା ଆଡକୁ ନେଇ ଯାଉଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗୁରୁବାର ଆକଳନ କରାଯାଇଛି। ଆରବିଆଇ ଡେପୁଟି ଗର୍ଭନର ମାଇକେଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଅର୍ଥନୀତିଜ୍ଞଙ୍କ ଟିମ୍ ଏଭଳି ଆକଳନ କରିଥିବା ଜଣାପଡିଛି। ସେପ୍ଟେମ୍ବର ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ୮.୬% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ନିୟୁକାଷ୍ଟ ରିପୋର୍ଟରେ ପ୍ରକାଶ କରିଛି। ଏପ୍ରିଲ-ଜୁନ ସମୟରେ ଦେଶର ଅର୍ଥ ବ୍ୟବସ୍ଥା ୨୪% ହ୍ରାସ ପାଇଛି। ୨୦୨୦-୨୧ରେ ପ୍ରଥମ ୬ ମାସରେ ଭାରତ ଟେକ୍ନିକାଲ ରିସେସନ ବା ଧିମାବସ୍ଥାକୁ ଚାଲିଯାଇଛି। ଏହା ଇତିହାସରେ ପ୍ରଥମ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ବ୍ଲୁମବର୍ଗ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ଜୁଲାଇ-ସେପ୍ଟେମ୍ବରରେ ଭାରତୀୟ ଅର୍ଥ ବ୍ୟବସ୍ଥା ୧୦.୪% ଖସିବ ବୋଲି କୁହାଯାଇଛି।

ଦେଶର ଅର୍ଥ ବ୍ୟବସ୍ଥା ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ଫେରିବ ବୋଲି ଗତ ମାସରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ। ବର୍ତ୍ତମାନ ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରକୁ ଅପରିବର୍ତ୍ତିତ ରଖିଛି। ବଜାର ଉପରେ କେନ୍ଦ୍ରୀୟ ବ୍ୟାଙ୍କ ନଜରରେ ରଖିଥିବା ବେଳେ

**ଆର୍‌ବିଆଇ ରିପୋର୍ଟ**

ରେପୋ ହ୍ରାସ କରିବା ନେଇ ବିକଳ୍ପ ଖୋଲା ରଖିଛି। କରୋନା ଭାଇରସ୍‌ର ଦ୍ୱିତୀୟ ଲହର ସଂକ୍ରମଣ ଏବେ ଦେଖାଯାଉଛି। ଏହା ବିଶ୍ୱ ବଜାରର ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବ ବୋଲି ରିଜର୍ଭ ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ଲୋକଙ୍କ ଚାକିରି ଯାଇଥିବାରୁ ନଗଦ ଅଭାବ ଯୋଗୁ ଲୋକେ ଖର୍ଚ୍ଚ କରିବାକୁ ଆଗଭର ହେଉନାହାନ୍ତି। ଏପ୍ରିଲ-ଜୁନରେ ଲୋକମାନଙ୍କର ପାରିବାରିକ ଆର୍ଥିକ ସଞ୍ଚୟ ଜିଡିପିର ୨୧.୪% ବଢିଛି। ଏହା ଗତ ବର୍ଷ ସମାନ ସମୟରେ ୭.୯% ରହିଥିଲା। ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଏହା ୧୦% ଥିଲା। ଏହାର ଅଧିକାଂଶ ଭାଗ ବ୍ୟାଙ୍କ ଜମା ଆକାରରେ ରହିଛି। ବର୍ତ୍ତମାନ ମହାମାରୀ ରହିଥିବାରୁ ଲୋକମାନେ ସଞ୍ଚୟ ଉପରେ ଧ୍ୟାନ ଦେଉଛନ୍ତି। ସ୍ଥିତି ସୁଧୁରିଲେ ଲୋକଙ୍କର ଖର୍ଚ୍ଚ ପୂର୍ବ ସ୍ଥିତିକୁ ଫେରିବ ବୋଲି ରିପୋର୍ଟରେ କୁହାଯାଇଛି।

# ଆଉ ୪ ସ୍ପେଶାଲ ଟ୍ରେନ୍ ଚଳାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):

ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଆଉ ୪ଟି ସ୍ପେଶାଲ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ଏହି ଟ୍ରେନଗୁଡିକ ହେଲା ବିଶାଖାପାଟଣା-ରାୟଗଡା-ବିଶାଖାପାଟଣା, ପଲାସା-ବିଶାଖାପାଟଣା-ପଲାସା, ପଲାସା-ଭୁବନେଶ୍ୱର-ପଲାସା। ଏବଂ ସମ୍ବଲପୁର-ରାୟଗଡା-ସମ୍ବଲପୁର। ଆସନ୍ତା ୧୫ ତାରିଖରୁ ଚଳଚଳ ଆରମ୍ଭ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ୦୮୫୦୮/୦୮୫୦୭ ବିଶାଖାପାଟଣା-ରାୟଗଡା-ବିଶାଖାପାଟଣା ସ୍ପେଶାଲ ଏକ୍ସପ୍ରେସ୍‌ରେ ୧୦ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ ଓ ୦୮୫୩୧/୦୮୫୩୨ ପଲାସା-ବିଶାଖାପାଟଣା-ପଲାସା ସ୍ପେଶାଲରେ ୧୪ଟି ଦ୍ୱିତୀୟ ଶ୍ରେଣୀ ସିଟିଂଙ୍ଗ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ରହିବ।



ଅନୁରୂପ ଭାବେ ୦୮୪୩୪/୦୮୪୩୩ ପଲାସା-ଭୁବନେଶ୍ୱର-ପଲାସା। ସ୍ପେଶାଲ ଏକ୍ସପ୍ରେସରେ ୧୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ୍ ଉପଲବ୍ଧ ଥିବାବେଳେ ଏହା ଉଭୟ ପାର୍ଶ୍ୱରୁ ପଲାସା ଓ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ। ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ସ୍ପେଶାଲରେ ଗୋଟିଏ ସ୍ଲିପର କ୍ଲାସ୍, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ୍ ଏବଂ ୨ ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ରହିବ। ସମସ୍ତ ଟ୍ରେନ୍ ଯାତାୟାତ ସମୟରେ ବିଭିନ୍ନ ଷ୍ଟେଶନରେ ରହଣି କରିବ।

# ୫ଯୋଡ଼ା ପାର୍ବଣ ସ୍ପେଶାଲ ଟ୍ରେନ୍ ସେବା ବାତିଲ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

କମ୍ ଯାତ୍ରୀ ହେଉଥିବାରୁ ୫ ଯୋଡ଼ା ପାର୍ବଣ ସ୍ପେଶାଲ ଟ୍ରେନ୍ ସେବା ବାତିଲ କରିବାକୁ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି। ଉକ୍ତ ଟ୍ରେନ୍‌ଗୁଡିକ ହେଲା, ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର, ପୁରୀ-ବଡ଼ବିଲ-ପୁରୀ, ପୁରୀ-ପାରାଦୀପ-ପୁରୀ, ବିଶାଖାପାଟଣା-ବିଜୟୱାଡା-ବିଶାଖାପାଟଣା ଏବଂ ପୁରୀ-ହାଓଡା-ପୁରୀ ସାପ୍ତାହିକ। ୦୨୮୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର ପାର୍ବଣ ସ୍ପେଶାଲ ଟ୍ରେନ ଭୁବନେଶ୍ୱରରୁ ଗୁରୁବାର ୧୨ ତାରିଖ ଓ ବାଙ୍ଗିରିପୋଷିରୁ ୧୩ ତାରିଖରୁ ବାତିଲ୍ ରହିବ। ସେହିପରି ୦୮୪୧୬/୦୮୪୧୫ ପୁରୀ-ବଡ଼ବିଲ-ପୁରୀ ପାର୍ବଣ ସ୍ପେଶାଲ ଟ୍ରେନ ପୁରୀରୁ ୧୩ ଓ ବଡ଼ବିଲଠାରୁ ୧୪ ତାରିଖଠାରୁ, ୦୮୪୧୪/୦୮୪୧୩ ପୁରୀ-ପାରାଦୀପ-ପୁରୀ ପାର୍ବଣ ସ୍ପେଶାଲ ଉଭୟ ପୁରୀ ଓ ପାରାଦୀପରୁ ୧୨ ତାରିଖରୁ, ୦୨୭୦୫/୦୨୭୦୬ ବିଶାଖାପାଟଣା-ବିଜୟୱାଡା-ବିଶାଖାପାଟଣା ପାର୍ବଣ ସ୍ପେଶାଲ ଉଭୟ ବିଶାଖାପାଟଣା ଓ ବିଜୟୱାଡାରୁ ୧୨ ତାରିଖରୁ ଏବଂ ୦୨୮୯୬/୦୨୮୯୫ ପୁରୀ-ହାଓଡ଼ା-ପୁରୀ ସାପ୍ତାହିକ ପାର୍ବଣ ସ୍ପେଶାଲ ଟ୍ରେନ୍ ପୁରୀରୁ ୧୨ ଓ ହାଓଡ଼ାରୁ ୧୩ ତାରିଖଠାରୁ ବାତିଲ୍ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।



ବ୍ରିଟେନର ଜଣେ ମହିଳା ଅର୍ଥ ହଡ଼ପ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ମହିଳା ନିଜକୁ ଜଣେ କର୍କଟ ରୋଗୀ କହି ଅନ୍‌ଲାଇନ ଯୋଗେ ପାଣ୍ଠି ମାଗୁଥିଲେ। ଆଉ ଏହି ପାଣ୍ଠି ପାଇବା ପରେ ସେ ଅନ୍‌ଲାଇନ ଜୁଆ ସମେତ ଏହି ଟଙ୍କାରେ ଖୁବ୍ ମଉଜ ମଜଲିସ କରୁଥିଲେ। ୪୨ ବର୍ଷୀୟା ନିକୋଲ 'ଗୋ ଫଣ୍ଡ୍ ମି' ପେଜ୍‌ରେ ନିଜକୁ କର୍କଟ ରୋଗରେ ଆକ୍ରାନ୍ତ ମହିଳା ବୋଲି ସୂଚନା ଦେଇଥିଲେ। ନିକୋଲ କର୍କଟ ରୋଗ ନାଁରେ ୪୫ ହଜାର ପାଉଣ୍ଡ ପାଣ୍ଠି ସଂଗ୍ରହ କରିଥିଲେ। ନିକୋଲଙ୍କୁ ୩୯ ଜଣ ଏହି ଅର୍ଥ ଦାନ କରିଥିଲେ।

# ଉତ୍ତପ୍ତ ହେଉଛି ବ୍ରହ୍ମାଣ୍ଡ

**ଉତ୍ତପ୍ତ ହେବାରେ ଲାଗିଛି ବ୍ରହ୍ମାଣ୍ଡ। ୧୦୦୦ କୋଟି ବର୍ଷ ତଳେ ତାପମାତ୍ରା ଯାହା ଥିଲା, ଏବେ ସେଥିରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହେଉଛି। ଦୀର୍ଘବର୍ଷ ଧରି ତାପମାତ୍ରା ଅଭିବୃଦ୍ଧି ହାରକୁ ଅଧ୍ୟୟନ କରାଯିବା ପରେ ଏପରି ତଥ୍ୟ ପଦାକୁ ଆସିଛି, ଯାହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ବୈଜ୍ଞାନିକ।**



ଜ୍ଞାନର ଭଣ୍ଡାର ହେଉଛି ବିଶ୍ୱବ୍ରହ୍ମାଣ୍ଡ। ରୋମାଞ୍ଚ, ରହସ୍ୟ ଏବଂ କୌତୂହଳରେ ଭରପୂର ମହାଶୂନ୍ୟ ବିଷୟରେ ଜାଣିବା ପାଇଁ ମଣିଷ ମନରେ ସବୁବେଳେ ରହିଆସିଛି ଉତ୍କଣ୍ଠା। ଏହା ବିଷୟରେ ଯେତିକି ଗବେଷଣା ହେଉଛି ସେତିକି ଉନ୍ମୋଚିତ ହେଉଛି ରହସ୍ୟ। ତେବେ ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ବ୍ରହ୍ମାଣ୍ଡ ଉତ୍ତପ୍ତ ହେବାରେ ଲାଗିଛି। ଗତ ୧୦୦୦ ବର୍ଷ ଭିତରେ ଏହା ଅଧିକ ତୀବ୍ର ହୋଇଛି। ଏହି ପ୍ରକ୍ରିୟାକୁ ରୋକିବା ମଣିଷ ପକ୍ଷରେ ଅସମ୍ଭବ। ମହାକାଶରୁ ପୃଥିବୀକୁ ଆସୁଥିବା ଗ୍ୟାସ୍ ଏବଂ ଆଲୋକ ରଶ୍ମିର ତାପମାତ୍ରାକୁ ମାପ କରି ବୈଜ୍ଞାନିକମାନେ ଏହା ଜାଣିବାକୁ ପାଇଛନ୍ତି।

ବିଶ୍ୱବ୍ରହ୍ମାଣ୍ଡର ପରିସର କେତେ ପରିବ୍ୟାପ୍ତ ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ନାହିଁ। ହେଲେ ଏକଥା ସତ୍ୟ ଯେ, ଏହାର ପରିସୀମା ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ ଏହା ଅତ୍ୟଧିକ ଗରମ ହେବାରେ ଲାଗିଛି। ଏହା ୨୦ଲକ୍ଷ ଡିଗ୍ରୀ କେଲ୍‌ଭିନ୍ ଯାଏ ପହଞ୍ଚିଥିବା ଗତ ୧୦୦୦ କୋଟି ବର୍ଷର ତାପମାତ୍ରାର ଇତିହାସ ଅବଲୋକନରୁ ଜଣାପଡ଼ିଛି। ବ୍ରହ୍ମାଣ୍ଡର ତାପମାତ୍ରା ବୃଦ୍ଧିର କାରଣ ଜାଣିବାକୁ ଓହିୟୋ ଷ୍ଟେଟ୍ ୟୁନିଭର୍ସିଟି ଅଫ୍ କସ୍ମୋଲୋଜି ଆଣ୍ଡ ଆଷ୍ଟ୍ରୋପାର୍ଟିକାଲ ଫିଜିକ୍ସ ପକ୍ଷରୁ ଅଧ୍ୟୟନ କରାଯାଉଛି। ଅଧ୍ୟୟନର ପ୍ରମୁଖ ଲେଖକ ୟି କ୍ୟୁଆନ୍ ଚିଆଙ୍ଗ୍ କହିଛନ୍ତି, ୨୦୧୯ର ନୋବେଲ ବିଜେତା ବୈଜ୍ଞାନିକ ଜିମ୍ ପିବ୍ଲେସ୍‌ଙ୍କ ଗବେଷଣାରୁ ଏହା ସ୍ପଷ୍ଟ କରାଯାଇଛି। ବ୍ରହ୍ମାଣ୍ଡରେ ବିଶାଳକାୟ ସରଞ୍ଜନା କିପରି ସୃଷ୍ଟି ହୋଇଥିଲା ସେ ସମ୍ପର୍କରେ ଜିମ୍ ଗବେଷଣା କରୁଥିଲେ। ଚିଆଙ୍ଗ୍ ଆହୁରି ମଧ୍ୟ କହିଛନ୍ତି, ବ୍ରହ୍ମାଣ୍ଡ ବିକଶିତ ହେବା ଫଳରେ ଗୁରୁତ୍ୱ ଆକର୍ଷଣ ବଢ଼ିଥାଏ। ଏହା ଡାର୍କ ମ୍ୟାଟର ଏବଂ ଗ୍ୟାସ୍‌କୁ ଏକ ସାଥିରେ ଗ୍ୟାଲେକ୍ସି ଏବଂ ଗ୍ୟାଲେକ୍ସି ସମୂହ ଭିତରକୁ ଟାଣିଥାଏ। ଏହି ପ୍ରକ୍ରିୟା ଯେତିକି ତୀବ୍ର ହୁଏ ସେତିକି ଅଧିକ ଗ୍ୟାସ ଏକତ୍ରିତ ହୋଇଥାଏ। ଏହାଦ୍ୱାରା ଗ୍ୟାସ ବେଶି ଗରମ ହୋଇଯାଏ।

କୋଟି କୋଟି କିଲୋମିଟର ଦୂରରେ ଅବସ୍ଥିତ ଗ୍ରହ, ଉପଗ୍ରହ ଏବଂ ପିଣ୍ଡର ଆଲୋକ ଦୀର୍ଘପଥ ଅତିକ୍ରାନ୍ତ କରି ପୃଥିବୀକୁ ଆସିଥାଏ। ଏହାକୁ ଅବଲୋକନ କରି ବୈଜ୍ଞାନିକମାନେ ବ୍ରହ୍ମାଣ୍ଡର ତାପମାତ୍ରା ଆକଳନ କରିବାକୁ ଚେଷ୍ଟା କରିଥିଲେ। ଗ୍ୟାଲେକ୍ସିର ପ୍ରାକୃତିକ ସଂରଚନା ଏବଂ ନିର୍ମାଣ ପ୍ରକ୍ରିୟା ଯୋଗୁ ବ୍ରହ୍ମାଣ୍ଡ ଉତ୍ତପ୍ତ ହେବାର ପ୍ରମୁଖ କାରଣ। ପୃଥିବୀର ତାପମାତ୍ରା ବୃଦ୍ଧି ଉପରେ ଏହାର କୌଣସି ସମ୍ପର୍କ ନାହିଁ। ହେଲେ ଏହା ବ୍ରହ୍ମାଣ୍ଡରେ କ'ଣ ପ୍ରତିକ୍ରିୟା ସୃଷ୍ଟି କରିବ ତାହାକୁ ଜାଣିବାକୁ ହେଲେ ଅଧିକ ଗବେଷଣା ଆବଶ୍ୟକ ବୋଲି ଚିଆଙ୍ଗ୍ କହିଛନ୍ତି।

# ବୋହୂ ପାଇଁ ଏବେଠୁ ହୀରା ମୁଦି



ଶିଳ୍ପା ସେଟ୍ଟୀ

**ମୁମ୍ବାଇ:** ବଲିଉଡ୍‌ରେ ଶିଳ୍ପା ସେଟ୍ଟୀ ଜଣେ ସଫଳ ଅଭିନେତ୍ରୀ। ଏବେବି ଶିଳ୍ପାଙ୍କର ଫ୍ୟାନ୍ ଫଲୋଇଙ୍ଗ ବହୁତ ଅଧିକ। ସୋସିଆଲ ମିଡିଆରେ ମଧ୍ୟ ସେ ଖୁବ୍ ଆକ୍ଟିଭ୍। ଶିଳ୍ପା ତାଙ୍କ ଫ୍ୟାମିଲିକୁ ନେଇ ଭାରି କନସସ୍। ବୋହୂକୁ ୨୦ କ୍ୟାରେଟ ହୀରା ମୁଦି ଦେବେ ବୋଲି ଶିଳ୍ପା ଏବେଠୁ ସର୍ତ୍ତ ରଖିଛନ୍ତି। ଶିଳ୍ପାଙ୍କୁ ସବୁଠାରୁ ଫିଟ୍ ଅଭିନେତ୍ରୀଙ୍କ ମଧ୍ୟରେ ଗଣନା କରାଯାଏ। ସୁଯୋଗ ମିଳିବା ମାତ୍ରେ ସେ ନିଜର ଫିଟ୍ ଶରୀରକୁ ପ୍ରଦର୍ଶିତ କରିଥାନ୍ତି। ଫିଟ୍‌ନେସ୍ ସାଙ୍ଗକୁ ଶିଳ୍ପା ବିଶେଷ ଉତ୍ସବରେ ନିଜର ଅଳଙ୍କାରକୁ ମଧ୍ୟ ପ୍ରଦର୍ଶିତ କରିବାକୁ ଭୁଲି ନ ଥାନ୍ତି। ଏକ ରିପୋର୍ଟ ଅନୁଯାୟୀ, ଶିଳ୍ପାଙ୍କ ପାଇଁ ତାଙ୍କର ସବୁଠାରୁ ମୂଲ୍ୟବାନ ଅଳଙ୍କାର ମଧ୍ୟରୁ ଗୋଟିଏ ହେଉଛି ୨୦ କ୍ୟାରେଟର ହୀରା ମୁଦି। ଏହି ମୁଦିକୁ ସେ ପୁଅ ଭିଆନ୍‌ଙ୍କ ସ୍ତ୍ରୀ ଅର୍ଥାତ୍ ନିଜ ବୋହୂକୁ ଦେବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସେ ଏକ ସର୍ତ୍ତ ମଧ୍ୟ ରଖିଛନ୍ତି। ତାହା ହେଉଛି, ଯଦି ବୋହୂ ତାଙ୍କପ୍ରତି ଭଲ ବ୍ୟବହାର କରନ୍ତି, ତେବେ ଯାଇ ସେ ବୋହୂକୁ ଉକ୍ତ ମୁଦି ଦେବେ। ସେ କହିଛନ୍ତି ଯେ, ମୁଁ ସବୁବେଳେ ମୋର ପୁଅକୁ କହିଥାଏ ଯେ, ମୋର ଭବିଷ୍ୟତର ବୋହୂ ମୋ ପ୍ରତି ଭଲ ବ୍ୟବହାର କଲେ, ମୁଁ ତାକୁ ମୋର ୨୦ କ୍ୟାରେଟ ହୀରା ମୁଦି ଦେବି। ନଚେତ୍ ଏକ ଛୋଟ ମୁଦିରେ ତାକୁ କାମ ଚଳାଇବାକୁ ପଡ଼ିବ।

# ଦୁର୍ଲଭ ଗୋଲାପୀ ହୀରା



**ନୂଆଦିଲ୍ଲୀ:** ପ୍ରକୃତିରେ ଏବେ ବି ଅନେକ ବିସ୍ମୟ ଲୁଚି ରହିଛି, ଯାହାକୁ ସନ୍ଧାନ କରିବା ନିମନ୍ତେ ମଣିଷ ଅହରହ ଉଦ୍ୟମ ଚଳାଇଛି। ପ୍ରକୃତିର ଏମିତି ଏକ ଦୁର୍ଲଭ ରତ୍ନ ଏବେ ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ରୁଷିଆର ଏକ ଖଣିରୁ ମିଳିଛି ଏକ ଅତ୍ୟନ୍ତ ଦୁର୍ଲଭ ଗୋଲାପୀ ହୀରା ବା ପିଙ୍କ୍ ଡାଏମଣ୍ଡ। ସୁଇଜରଲାଣ୍ଡରେ ଏହି ହୀରାକୁ ନିଲାମ କରାଯାଇଛି ୨୬.୬ ମିଲିଅନ୍ ଡଲାରରେ।

ରଙ୍ଗିନ ହୀରାର ଆକର୍ଷଣ ସ୍ୱତନ୍ତ୍ର। ସେଥିପାଇଁ ତ ଏହି ପ୍ରକାରର ହୀରାର ଦାମ୍ ବହୁ ଅଧିକ ରହିଥାଏ। ସେଥିପାଇଁ ଏହି ଗୋଲାପୀ ହୀରାକୁ ନେଇ ଏବେ ଢେର୍ ଚର୍ଚ୍ଚା। ରୁଷିଆର ଆଲ୍‌ରୋସା ଖଣିରୁ ମିଳିଛି ଏଭଳି ଏକ ଦୁର୍ଲଭ ଗୋଲାପୀ ହୀରା। ହୀରାକୁ ନିଲାମ କରିବା ପରେ ଏହା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ନିଲାମକାରୀଙ୍କ ମତରେ ଏହି ହୀରା ହେଉଛି ଦେଶର ସବୁଠୁ ବଡ଼ ହୀରା। ଏହା ପୂର୍ବରୁ ଏତେ ବଡ଼ ରଙ୍ଗିନ୍ ହୀରା କେବେ ମିଳି ନ ଥିଲା। ସେଥିପାଇଁ ଏହି ହୀରାକୁ ନିଲାମ କରିବା ନିମନ୍ତେ ସ୍ଥିର କରାଯାଇଥିଲା। ପ୍ରଥମେ ୧୬ ମିଲିଅନ୍ ଡଲାରରେ ନିଲାମ ଆରମ୍ଭ ହୋଇ ୨୬.୩ ମିଲିଅନ୍ ଡଲାର ପର୍ଯ୍ୟନ୍ତ ଯାଇଥିଲା। ଜୁଏଲେରୀ ବିଶେଷଜ୍ଞଙ୍କ ମତରେ ଏହି ହୀରାର ନିଲାମ ଡାଏମଣ୍ଡ କ୍ଷେତ୍ରରେ ଏକ ରେକର୍ଡ କହିଲେ ଭୁଲ୍ ହେବ ନାହିଁ। କାରଣ ଏହି ଗୋଲାପୀ ହୀରାଟି ଅତ୍ୟନ୍ତ ଦୁର୍ଲଭ, ଏହାକୁ ଅତି ନିଖୁଣଭାବରେ ସଂଗ୍ରହ କରାଯାଇଛି। ଏହା ୧୪.୮୩ କ୍ୟାରେଟର।

# ମୁହଁ ପରି ମାସ୍କ



**ନୂଆଦିଲ୍ଲୀ:** ମାସ୍କ ପିନ୍ଧିବା ଫଳରେ ମୁହଁର ଅଧା ଅଂଶ ଲୁଚିଯିବାରୁ ବିରକ୍ତି ଭାବ ଯାତ ହେଉଛି। କିନ୍ତୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବାଧ୍ୟ ହୋଇ ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ପଡୁଛି। ଏମିତି ଭାବୁଥିବା ଲୋକଙ୍କ ପାଇଁ ଏବେ ଏକ ସୁନ୍ଦର ସମାଧାନ ନେଇ ଆସିଛନ୍ତି ଆର୍ଟିଷ୍ଟ ଜର୍ଜ ସିଲ୍‌ଭା ରୋରିଜ୍। ମାସ୍କ ଉପରେ ସେ ମୁହଁର ଚିତ୍ର ଏଭଳି ନିଖୁଣଭାବରେ ଆଙ୍କି ପାରୁଛନ୍ତି ଯେ ମାସ୍କ ପିନ୍ଧିବା ପରେ ବି ଜଣଙ୍କର ମୁହଁ ପୂରା ଦେଖିବା ପରି ମନେହେଉଛି। ୬୫ ବର୍ଷର ଏହି ବ୍ରାଜିଲ ଚିତ୍ରକରଙ୍କ ଏଭଳି ପ୍ରୟାସ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। କାରଣ ତାଙ୍କର ପେଣ୍ଟିଂ ଏତେ ନିଖୁଣଭାବରେ ହୋଇପାରୁଛି ଯେ ଜଣେ ମାସ୍କ ପିନ୍ଧିଲେ ବି ନ ପିନ୍ଧିବା ପରି ମନେହେଉଛି। ସେ ବିଶେଷ ଭାବରେ ମୁହଁର ତଳ ଭାଗର ପେଣ୍ଟିଂ କରିଥାନ୍ତି। ତେଣୁ ଏହି ମାସ୍କ ପିନ୍ଧିବାର ଏକ ସ୍ୱତନ୍ତ୍ର ଅନୁଭବ ହୋଇପାରିବ ନିଶ୍ଚୟ। ଏଥିପାଇଁ ତ ବ୍ରାଜିଲର ରିଓ ଡି ଜେନେରିଓ ସହରର ଏହି ଆର୍ଟିଷ୍ଟଜଣକ ଏବେ ଢେର୍ ଲୋକପ୍ରିୟ ହେବାରେ ଲାଗିଛନ୍ତି।

# ୬୨ ଦିନ କୋମା ପରେ ଚମତ୍କାର

**ତାଇପେଇ:** କୁହାଯାଏ, ମନପସନ୍ଦର ଖାଦ୍ୟ ନାଁ ଶୁଣିଲେ ପାଟିରେ ଲାଳ ଆସିଯାଏ। ମାତ୍ର ଖାଦ୍ୟର ନାଁ ଶୁଣି କୋମାରେ ଥିବା ଜଣେ ଯୁବକଙ୍କ ଯେ ହୋସ୍ ଆସିଯିବ ଏହା ସହଜରେ ବିଶ୍ୱାସ କରି ହେଉନାହିଁ। ମାତ୍ର ଏହା ସତ। ଉତ୍ତର-ପଶ୍ଚିମ ତାଇୱାନରେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି। ଯାହା ଦେଖି ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଠାକାର ୧୮ ବର୍ଷୀୟ ଜଣେ ଯୁବକ ୬୨ ଦିନ ଧରି କୋମାରେ ଥିଲେ। ତେବେ ମନପସନ୍ଦର ଖାଦ୍ୟ ନାଁ ଶୁଣି ତାଙ୍କର ହୋସ୍ ଆସିଯାଇଛି। ଯାହା ତାଙ୍କ ପରିବାରବର୍ଗଙ୍କ ମୁହଁରେ ହସ ଫୁଟାଇଛି।

ଉତ୍ତର-ପଶ୍ଚିମ ତାଇୱାନରେ ରହୁଥିବା ଚିୟୁ ନାମକ ଜଣେ ଯୁବକ ସ୍କୁଟରରେ ଯାଉଥିବା ସମୟରେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଯେତେବେଳେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସେ କଥା କହି ପାରୁ ନ ଥିଲେ। ତାଙ୍କର କିଡ୍‌ନୀ, ଲିଭରରେ ମଧ୍ୟ ଆଘାତ ଲାଗିଥିଲା। ଗୋଡ଼ହାତ ଭାଙ୍ଗି ଯାଇଥିଲା। ଡାକ୍ତର ତାଙ୍କର ସର୍ଜରୀ କରିଥିଲେ। ତାଙ୍କର ଜୀବନ ବଞ୍ଚିଗଲା ସତ; ସେ କୋମାକୁ ଚାଲିଯାଇଥିଲେ। ଏହା ପରେ ଡାକ୍ତରମାନେ ତାଙ୍କୁ କିପରି ଭଲ କରାଇବେ ସେ ନେଇ ଦିନରାତି ଚେଷ୍ଟା ଚଳାଇଥିଲେ। ମାତ୍ର ସଫଳତା ମିଳି ନ ଥିଲା। ୬୨ ଦିନ କୋମାରେ ରହିବା ପରେ ଏକ ଚମତ୍କାର ଘଟଣା ଘଟିଲା। ଯାହାକୁ କେହି ବିଶ୍ୱାସ କରିପାରିଲେନି। ଚିୟୁଙ୍କ ଭାଇ ତାଙ୍କୁ ଦେଖା କରିବା ପାଇଁ ହସ୍ପିଟାଲ ଆସିଥିଲେ। ସେ ମଜା କରିବା ପାଇଁ ତାଙ୍କୁ କହିଲେ ଭାଇ ମୁଁ ତୁମ ପାଇଁ ତୁମର ପ୍ରିୟ ଚିକେନ ପ୍ଲେଟ୍ ଖାଇବାକୁ ଯାଉଛି। କାରଣ ଚିୟୁଙ୍କୁ ଚିକେନ୍ ବହୁତ ପସନ୍ଦ। ଏହା ଶୁଣିବା ପରେ ତାଙ୍କ ଶରୀର ହଲିବାକୁ ଲାଗିଲା। ତାଙ୍କ ଭାଇ ଏ ସମ୍ପର୍କରେ ଡାକ୍ତରଙ୍କୁ ଜଣାଇଲେ। ଡାକ୍ତର ଆସି ତାଙ୍କର ଚିକିତ୍ସା କଲେ। ଏହାର କିଛି ସମୟ ପରେ ସେ କୋମାରୁ ଉଠିଥିଲେ। ଏବେ ଚିୟୁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଡାକ୍ତର କହିଛନ୍ତି। ଏଥିସହିତ ଡାକ୍ତର ଚିୟୁଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ ମଧ୍ୟ କରିଦେଇଛନ୍ତି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କସିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BALAJI FINANCE LIMITED
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9319932148

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହି କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡ଼ା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୯ଫୁଟ୍‌ର ମାର୍କର ପେନ୍



**ଥିରୁଭାନନ୍ତପୁରମ୍:** କେରଳର ଜଣେ ବ୍ୟକ୍ତି ୯ଫୁଟ ଉଚ୍ଚତାର ମାର୍କର୍ ପେନ୍ ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି। କେରଳର ମହମ୍ମଦ ଦିଲୀପ୍ ଏହି ରେକର୍ଡର ଅଧିକାରୀ ହୋଇଥିବାବେଳେ ସେ ଦୁନିଆର ସବୁଠାରୁ ବଡ଼ ଏହି ପେନ୍‌ର ଭିଡିଓ ଶେୟାର କରିଛନ୍ତି। ସେହିପରି ଗିନିଜ୍ ବୁକ୍ ଅଫ୍ ରେକର୍ଡ ୱେବ୍‌ସାଇଟ୍ ପକ୍ଷରୁ ମଧ୍ୟ ପେନ୍‌ର ଭିଡିଓ ଶେୟାର କରାଯାଇଛି। ଏହା ନୂତନ ପିଢ଼ିଙ୍କୁ ପ୍ରେରିତ କରିବ ବୋଲି ଭିଡିଓ ସହ କ୍ୟାପ୍‌ସନରେ ଉଲ୍ଲେଖ ରହିଛି। ଦିଲୀପ୍ ଏହି ରେକର୍ଡ ସେପ୍ଟେମ୍ବର ୫ରେ ସ୍ଥାପନ କରଥିବାବେଳେ ବୁକ୍ ଅଫ୍ ରେକର୍ଡ ୱେବ୍‌ସାଇଟ୍‌ରେ ଏହା ନଭେମ୍ବର ୧୦ରେ ଶେୟାର କରାଯାଇଛି। ଭିଡିଓକୁ ଦେଖିବା ପରେ ୭ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତିକ୍ରିୟା ରଖି ପ୍ରଶଂସା କରିଛନ୍ତି।




# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିଦ୍ୟୁତ୍‌ଲତା ପଟ୍ଟନାୟକ
ଡୋଭାପାଟଣା, ଜି.ପି: ବୋତଲମା, ବେଗୁନିଆ ବ୍ଲକ୍, ଖୋର୍ଦ୍ଧା
ଏମ୍‌ବି-୯୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୧୧।୧୯୩୦
ତିରୋଧାନ: ୦୩।୧୧।୨୦୨୦
(କାର୍ତ୍ତିକ ମାସ କୃଷ୍ଣପକ୍ଷ ତୃତୀୟା)
ଆପଣଙ୍କ ଆଦର୍ଶ, ଅନାବିଳ ସ୍ନେହ, ଶ୍ରଦ୍ଧା ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ତୁମର ହତଭାଗ୍ୟ:-
ପୁତ୍ର: ତାରାପ୍ରସାଦ, ଶମ୍ଭୁପ୍ରସାଦ, କୃଷ୍ଣପ୍ରସାଦ, ବୋହୂ: ଜୟଶ୍ରୀ, ରଞ୍ଜନା, ଚାଇନା, ମିତା, ନାତି: ବବୁଲ, ମିଲନ, କୁନମୁନ, ଗୁଡୁଲ, ନାତୁଣୀ: କରିଷ୍ମା, ନାତୁଣୀ ବୋହୂ: ପଲ୍ଲବୀ, ପୂଜା, ସ୍ମୃତି, ଅଣନାତି: ଶିବାଂଶ, ଅଣନାତୁଣୀ: ଶିବଗାମୀ, ଭାଇ: ଈଶ୍ୱର, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୧୮୯୪୭

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶକୁନ୍ତଳା ମହାନ୍ତି
ଧାମରା, ଭଦ୍ରକ
ଆବିର୍ଭାବ: ୦୧।୦୮।୧୯୬୭
ତିରୋଧାନ: ୧୩।୧୧।୨୦୧୪
ମା', ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୮୮୦୧

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭୈରବ ଚରଣ ଜେନା
ସେଡିଙ୍ଗ୍‌ବସ୍ତି, ବଡ଼ବିଲ, କେଉଁଝର
ଆବିର୍ଭାବ: ୦୨।୦୮।୧୯୫୬
ତିରୋଧାନ: ୦୪।୧୧।୨୦୧୮
(କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ)
ଚାହୁଁଚାହୁଁ ଦୁଇବର୍ଷ ବିତିଗଲା। ତୁମ ଅବର୍ତ୍ତମାନରେ ତୁମ ସ୍ମୃତି ଚିରସ୍ମରଣୀୟ। ତୁମ ଆଦର୍ଶ ଆମ୍ଭମାନଙ୍କର ପାଥେୟ। ତୁମର ଅମରଆତ୍ମା ସର୍ବଦା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୯୩

# ସଫଳ ଆୟୋଜନ ପାଇଁ ପ୍ରକ୍ରିୟା ଆରମ୍ଭ




ଦୁବାଇ, ୧୨।୧୧

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆନୁକୂଲ୍ୟରେ ୨୦୨୧ ପୁରୁଷ ଟି୨୦ ବିଶ୍ୱକପ୍ ଭାରତରେ ଆୟୋଜନ ହେବାକୁ ଯାଉଛି। ୧୬ଟି ଦଳକୁ ନେଇ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ସ୍ୱତନ୍ତ୍ରତା ସମ୍ପର୍କରେ ଗୁରୁବାର ଦୁବାଇଠାରେ ଆଇସିସି ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମିଳିତ ଭାବେ ସୂଚନା ଦେଇଛନ୍ତି। ଆଉ ଗୋଟିଏ ଦିନ ପରେ ଭାରତରେ ଆଲୋକର ଉତ୍ସବ ଦୀପାବଳି ପାଳନ ହେବ। ମେଗା ଇଭେଣ୍ଟର କାଉଣ୍ଟ ଡାଉନ୍ ପାଇଁ ଏହା ପ୍ରକୃଷ୍ଟ ସମୟ। ଦେଶର କ୍ରିକେଟପ୍ରେମୀଙ୍କ ମହଲରେ ରୋମାଞ୍ଚ ଓ ଉତ୍କଣ୍ଠା ସୃଷ୍ଟି କରିବ ନିଶ୍ଚୟ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନେ ଏହି ଅବସରରେ ପ୍ରକାଶ କରିଛନ୍ତି। କରୋନା ମହାମାରୀ ଦେଖାଦେବାପରଠାରୁ ବିଶ୍ୱର ପ୍ରଥମ ଗ୍ଲୋବାଲ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀ ଯେପରି ଏହି ମେଗା ଇଭେଣ୍ଟକୁ ଯେପରି ଭଲ ରୂପେ ଉପଭୋଗ କରିପାରିବେ ସେଦିଗରେ ଦୃଷ୍ଟି ଦିଆଯାଉଥିବା ସେ କହିଛନ୍ତି। ୫ ବର୍ଷ ପରେ ଭାରତକୁ ଟି୨୦ ବିଶ୍ୱକପ୍ ଫେରିଛି। ଚଳିତ ବର୍ଷ ପ୍ରାରମ୍ଭରେ ମେଲବୋର୍ନଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲକୁ ଷ୍ଟାଡିୟମରେ ରେକର୍ଡ ୮୬,୧୭୪ ଦର୍ଶକ ଉପଭୋଗ କରିଥିଲେ। ଭାରତରେ ହେବାକୁଥିବା ଇଭେଣ୍ଟରେ ସମଗ୍ର ବିଶ୍ୱରୁ ୧୬ଟି ଦଳ ଭାଗ ନେବେ। ପପୁଆ ନ୍ୟୁ ଗିନି ଏହି ଟୁର୍ନାମେଣ୍ଟ ଖେଳିବା ଲାଗି ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି। କରୋନା ମହାମାରୀ ସମୟରେ ବିସିସିଆଇ ସଂଯୁକ୍ତ ଆରବ ଏମିରେଟ୍ସରେ ସଫଳତାର ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ କରିବା ସହ ଏଥିରୁ ଯଥେଷ୍ଟ ଅଭିଜ୍ଞତା ମଧ୍ୟ ହାସଲ କରିପାରିଛି ବୋଲି ସାହନେ କହିଛନ୍ତି। ଅନ୍ୟପକ୍ଷରେ ଭାରତରେ ପୁରୁଷ ଟି୨୦ ବିଶ୍ୱକପ୍‌ର ୨୦୨୧ର ସଫଳ ଆୟୋଜନ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶାବାଦୀ ଅଛି। ଏହି ଅବସରରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି, ''୧୯୮୭ରେ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍‌ପରଠାରୁ ଭାରତ ବହୁ ଗ୍ଲୋବାଲ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରିପାରିଛି। ବିଭିନ୍ନ ଦେଶର କ୍ରିକେଟରମାନେ ଭାରତ ଭଳି କ୍ରିକେଟ ପ୍ରିୟ ଦେଶରେ ଖେଳର ମଜା ଉଠାଇପାରିବେ। ଅତୀତରେ ଖେଳାଳି ଭାବେ ଆଇସିସି ଇଭେଣ୍ଟରେ ତାଙ୍କର ଅଭିଜ୍ଞତା ରହିଛି''।

ଅନ୍ୟପକ୍ଷରେ କରୋନା ମହାମାରୀ ଯୋଗୁ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ସଙ୍କଟ ଦେଖା ଦେଇଛି। ଏହି ପରିସ୍ଥିତିରେ ସୁରକ୍ଷିତ ଭାବେ ଦର୍ଶକମାନେ ଯେପରି କ୍ରିକେଟର ମଜା ନେଇ ପାରିବେ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଉଥିବା ବିସିସିଆଇ ସମ୍ପାଦକ ଜୟ ଶାହା ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଆସନ୍ତାବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟୁର୍ନାମେଣ୍ଟରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ନାମ୍ବିଆ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ଓମାନ, ପାକିସ୍ତାନ, ପପୁଆ ନ୍ୟୁ ଗିନି, ସ୍କଟ୍‌ଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଦଳ ଅଂଶଗ୍ରହଣ କରିବେ।

## ନୂଆ ଫ୍ରାଞ୍ଚାଇଜ୍ ପାଇଁ ଟେଣ୍ଡର ଯୋଜନା

ମୁମ୍ବାଇ, ୧୨।୧୧: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଛି। ଦୀପାବଳି ସପ୍ତାହ ଶେଷ ହେବାପରେ ନୂଆ ଫ୍ରାଞ୍ଚାଇଜ୍ ପାଇଁ ଟେଣ୍ଡର ଆହ୍ୱାନ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯୋଜନା ଚଳାଇଛି। ଖବର ଅନୁସାରେ ୨୦୨୦ ସଂସ୍କରଣ ପରେ ଟୁର୍ନାମେଣ୍ଟରେ ଦୁଇଟି ନୂଆ ଫ୍ରାଞ୍ଚାଇଜ୍ ସାମିଲ କରିବା ଲାଗି ବିଚାର କରାଯାଇଥିଲା। ମାତ୍ର ତାହା କରା ନ ଯାଇ ୨୦୨୧ ସଂସ୍କରଣ ଗୋଟିଏ ଫ୍ରାଞ୍ଚାଇଜ୍ ଏବଂ ଅନ୍ୟଟି ୨୦୨୨ରେ ସଂସ୍କରଣରେ ଅନ୍ତର୍ଭୁକ୍ତ କରିବା ଲାଗି ଯୋଜନା ଚାଲିଥିବା କୁହାଯାଉଛି।

## ଅଚ୍ୟୁତ ସଭାପତି, ଅନିଲ ମହାସଚିବ ନିର୍ବାଚିତ

**ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ**

ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି)

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫଆଇ) ନିର୍ବାଚନର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ଫଳରେ ଏମ୍‌ପି ଅଚ୍ୟୁତ ସାମନ୍ତ ସଭାପତି ଏବଂ ଅନିଲ ଚୌଧାରୀ ମହାସଚିବଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ଅଚ୍ୟୁତ ଭିଏଫଆଇର ସଭାପତି ପଦ ମଣ୍ଡନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ କୁମାର କାର୍ଯ୍ୟନିର୍ବାହୀ ଉପସଭାପତି, ରଥିନ ରୟ ଚୌଧାରୀ, ଏସ. ବାସୁଦେବନ, ବିଜୟପାଲ ସିଂ, ଆନନ୍ଦ ଶଙ୍କର ରାଜହଂସ, ରାମ ଲାଲ ବର୍ମା, ପି.ଜି.ଭି.ଆର. ନାଇଡୁ, ସୁଶାନ୍ତ ବିଶ୍ୱ ଶର୍ମା,


ଅଚ୍ୟୁତ ସାମନ୍ତ

ଲାଲମଲ୍‌ସ୍ୱାମା ନାଘାକା, ଗୁରଜିତ ସିଂ ଆଉଜାଲା ଉପସଭାପତି, କୁଲଦୀପ ମାଗୋତ୍ରା ଓ ମହମ୍ମଦ ବସିର ନଲକଥ ଆସୋସିଏଶନ ସମ୍ପାଦକ, ରମଣ ଆର. ପଟେଲ, ଭି.ପି. ଆଲିଆସ ବାଲାସାହେବ ସୂର୍ଯ୍ୟବଂଶୀ, ସୁବେ ସିଂ, ଜାଗିର ସିଂ ରାନ୍ଧୱା, ଏଲ. ବାଲେଶ୍ୱର ସିଂ, ଅମ୍ଳାନ ଚକ୍ରବର୍ତ୍ତୀ ଓ ରମେଶ ବାବୁ ଯୁଗ୍ମ ସମ୍ପାଦକ ଏବଂ ସୁନୀଲ କୁମାର ତିୱାରୀ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରାଜସ୍ଥାନ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଭି.ଏସ. ସିରାଧନା ରିଟର୍ନିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ।







# ଅଷ୍ଟ୍ରେଲିଆରେ ପହଞ୍ଚିଲା ଟିମ୍ ଇଣ୍ଡିଆ



ନୂଆ ଜର୍ସି


ସ୍ତ୍ରୀ ଓ ଝିଅଙ୍କ ସହ ରବୀନ୍ଦ୍ର ଜାଡେଜା

**ସିଡ୍‌ନୀ, ୧୨।୧୧**

ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଭାରତୀୟ କ୍ରିକେଟ ଦଳ ଗୁରୁବାର ସିଡ୍‌ନୀଠାରେ ପହଞ୍ଚିଛି। ସିରିଜ ଆରମ୍ଭ ପୂର୍ବରୁ ଦଳର ସମସ୍ତ ସଦସ୍ୟ ବାଧ୍ୟତାମୂଳକ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଦୁଇ ମାସିଆ ଟୁର୍ ଅବସରରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ନଭେମ୍ବର ୨୭ରୁ ଆରମ୍ଭ ହେବ। ଏହାଛଡ଼ା ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଏବଂ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଗୋଟିଏ ଟେଷ୍ଟ ମ୍ୟାଚ୍ ଦିବାରାତ୍ର ବିଶିଷ୍ଟ ହେବ। ଏହା ଆଡିଲେଡ୍ ଓଭାଲରେ ଖେଳାଯିବ। ଭାରତ ପ୍ରଥମ ଦିବାରାତ୍ର ଟେଷ୍ଟ ଅଭିଜ୍ଞତା ଲାଭ କରିବ। ସୀମିତ ଓଭର ସିରିଜରେ ଭାରତ ଏକ ନୂଆ ପ୍ରକାର ଜର୍ସି ବ୍ୟବହାର କରିବ। ୭୦ ଦଶକରେ ବ୍ୟବହାର ହେଉଥିବା ଜର୍ସିକୁ ଅନୁକରଣ କରାଯାଇ ଏହା ପ୍ରସ୍ତୁତ କରାଯାଇଛି। ଖେଳାଳିମାନେ କିଛିବର୍ଷ ହେଲା ବ୍ୟବହାର କରି ଆସୁଥିବା ବିବାଦୀୟ ସ୍କାଏ ବ୍ଲୁ ରଙ୍ଗ ପରିବର୍ତ୍ତେ ଏହା ନେଭି ବ୍ଲୁ କରାଯାଇଛି। ଭାତୀୟ ଦଳ କ୍ୱାରେଣ୍ଟାଇନ୍ ଅବସରରେ ଅଭ୍ୟାସ କରିବା ପାଇଁ ଅନୁମତି ପାଇଛି।

# ଅଷ୍ଟ୍ରେଲିଆ ଦଳରେ ୫ ନବାଗତ

**ମେଲବୋର୍ନ,୧୨।୧୧**

ଅଗାମୀ ଭାରତ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଅଷ୍ଟ୍ରେଲିଆ ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ୫ଜଣ ନବାଗତ ଖେଳାଳିଙ୍କୁ ସ୍ଥାନ ଦିଆଯାଇଛି। ପ୍ରଥମଶ୍ରେଣୀ କ୍ରିକେଟରେ ଏହି ୫ ନବାଗତ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏମାନେ ହେଲେ କାମେରନ ଗ୍ରୀନ୍, ମାଇକେଲ ନାସିର, ୱିଲ ପୁକୋଭସ୍କି, ମିଚେଲ ସ୍ୱେପଶନ ଓ ସିନ ଆବୋଟ୍। ଟିମ ପେନ୍‌ଙ୍କୁ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ବିଶ୍ୱର ଏକ ନମ୍ବର ଟେଷ୍ଟ ବୋଲର ପ୍ୟାଟ୍ କୁମିନ୍ସ ଟେଷ୍ଟ ଦଳର ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଚୟନକର୍ତ୍ତାମାନେ ମଧ୍ୟ ଏକ ୧୯ ଦଳିଆ ଅଷ୍ଟ୍ରେଲିଆ ଏ' ଦଳ ଘୋଷଣା କରିଛନ୍ତି। ଏଥିରେ ଟେଷ୍ଟ ଦଳର ୯ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

୨୨ ବର୍ଷୀୟ ପୁକୋଭସ୍କି ଶେଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟରେ କ୍ରମାଗତ ଦୁଇଟି ଦ୍ୱିଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଡେଭିଡ ୱାର୍ନରଙ୍କ ସହିତ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଇନିଂସ ଓପନ୍ କରିବା ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ପଶ୍ଚିମ ଅଷ୍ଟ୍ରେଲିଆ ଅଲରାଉଣ୍ଡର କାମେରନ ଗ୍ରୀନ୍ ନ୍ୟୁ ସାଉଥୱେଲ୍ସ ବିପକ୍ଷରେ କ୍ୟାରିୟର ଶ୍ରେଷ୍ଠ ୧୯୭ ରନ ସ୍କୋର କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ସେହିପରି ଅଲରାଉଣ୍ଡର ମାଇକେଲ ନେସେର ୫୮ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୧୯୦୩ ରନ ସଂଗ୍ରହ କରିବା ସହ ୧୯୧ ଉଇକେଟ ଅକ୍ତିଆର କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେହିପରି ୨୭ ବର୍ଷୀୟ ସ୍ପିନର ମିଚେଲ ସ୍ୱେପଶନ ୪୫ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୧୩୮ଟି ଉଇକେଟ ହାସଲ କରିଛନ୍ତି। ଗତ ୫ଟି ମୁକାବିଲାରେ ସେ ୩୮ଟି ଉଇକେଟ ନେଇ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ସେହିପରି ସିନ୍ ଆବୋଟ୍ ପ୍ରଥମଶ୍ରେଣୀରେ ଅଲରାଉଣ୍ଡର ପ୍ରଦର୍ଶନ କରି ୫୭ଟି ମ୍ୟାଚ୍ ଖେଳି ୧୫୪୪ ରନ ସଂଗ୍ରହ କରିବା ସହ ୧୫୭ ଉଇକେଟ ହାସଲ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି।

**ଅଷ୍ଟ୍ରେଲିଆ ଟେଷ୍ଟ ଦଳ:** ଟିମ ପେନ (ଅଧିନାୟକ), ସିନ୍ ଆବୋଟ୍, ଜୋ ବର୍ନ୍ସ, ପ୍ୟାଟ କୁମିନ୍ସ, କାମେରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ୍ ହେଡ, ମାର୍ନସ ଲାବୁସେନ, ନାଥାନ ଲିୟନ, ମାଇକେଲ ନେସେର, ଜେମ୍ସ ପାଟିନସନ, ୱିଲ୍ ପୁକୋଭସ୍କି, ଷ୍ଟିଭ୍ ସ୍ମିଥ, ମିଚେଲ ଷ୍ଟାର୍କ, ମିଚେଲ ସ୍ୱେପଶନ, ମାଥ୍ୟୁ ୱେଡ ଓ ଡେଭିଡ୍ ୱାର୍ନର।

**ଅଷ୍ଟ୍ରେଲିଆ ଏ' ଦଳ:** ସିନ୍ ଆବୋଟ, ଆଷ୍ଟନ ଅଗର, ଜୋ ବର୍ନ୍ସ, ଜ୍ୟାକସନ ବାର୍ଡ, ଆଲେକ୍ସ କାରେ (ଉଇକେଟକିପର), ହାରୀ କୋନୱେ, କାମେରନ ଗ୍ରୀନ, ମାର୍କସ ହାରିସ, ଟ୍ରେଭିସ୍ ହେଡ, ମୋଇସେନ ହେନରିକ୍ସ, ନିକ୍ ମାଡିନସନ, ମିଚେଲ ମାର୍ଶ, ମାଇକେଲ ନେସେର, ଟିମ ପେନ୍, ଜେମ୍ସ ପାଟିନସନ, ୱିଲ ପୁକୋଭସ୍କି, ମାର୍କ ଷ୍ଟେକେଟ, ୱିଲ ସଦରଲାଣ୍ଡ ଓ ମିଚେଲ ସ୍ୱେପଶନ।

# ଦର୍ଶକ ସଂଖ୍ୟାରେ ରେକର୍ଡ ବୃଦ୍ଧି

**ଆଇପିଏଲ୍ ୨୦୨୦**

**ନୂଆଦିଲ୍ଲୀ,୧୨।୧୧:** ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣରେ ଦର୍ଶକଙ୍କ ସଂଖ୍ୟାରେ ଜବରଦସ୍ତ ବୃଦ୍ଧି ଘଟିଛି। ଏଥର ଆଇପିଏଲ୍‌କୁ ବିଶ୍ୱବ୍ୟାପୀ ଦର୍ଶକମାନେ ଖୁବ୍ ଉପଭୋଗ କରିଛନ୍ତି। ଗତ ସଂସ୍କରଣ ତୁଳନାରେ ଏଥର ଦର୍ଶକ ସଂଖ୍ୟାରେ ୨୮ ପ୍ରତିଶତ ବୃଦ୍ଧି ପାଇଛି। କୋଭିଡ୍-୧୯ ମହାମାରୀ କାରଣରୁ ଆଇପିଏଲ୍ ଏଥର ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିଲା। ଆଇପିଏଲ୍ ସବୁବେଳେ ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ରୂପେ ପରିଚୟ ହାସଲ କରିଛି ବୋଲି ଏହାର ଅଧ୍ୟକ୍ଷ ବ୍ରଜେସ୍ ପଟେଲ କହିଛନ୍ତି। ଏଥିପାଇଁ ସେ ଟାଇଟଲ ପ୍ରାୟୋଜକ ଡ୍ରିମ୍-୧୧କୁ ଧନ୍ୟବାଦ ଜଣାଇଛନ୍ତି। ଡ୍ରିମ୍-୧୧ ପାଇଁ ଫାଣ୍ଟାସୀ ଖେଳ ଜରିଆରେ ବହୁ ସଂଖ୍ୟାରେ ଦର୍ଶକ ଆଇପିଏଲ୍ ସହିତ ଜଡିତ ରହିଥିଲେ ବୋଲି ସେ କହିଛନ୍ତି।

କରୋନା ମହାମାରୀ ସାରା ବିଶ୍ୱରେ ନକାରାତ୍ମକ ପରିବେଶ ସୃଷ୍ଟି କରିଥିବା ବେଳେ ଆଇପିଏଲ୍ ପ୍ରଶଂସକଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିଛି। ମହାମାରୀ ସତ୍ତ୍ୱେ ସଫଳତାର ସହ ଏହି ଟୁର୍ନାମେଣ୍ଟ ଶେଷ ହେବା ଏକ ବଡ଼ କଥା। ପ୍ରଶଂସକଙ୍କ ସହ ଯୋଡି ହେବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ଭଳି ଦଳ ଡିଜିଟାଲ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁମ୍ବାଇ 'ଏମ୍‌ଆଇ ଲାଇଭ୍' ଓ 'ପଲଟନ ପ୍ଲେ' ଆରମ୍ଭ କରିଥିଲା। ସେହିପରି ରାଜସ୍ଥାନ 'ସୁପର ରୟାଲ୍ସ' ନାମରେ ଡିଜିଟାଲ ପ୍ରୋଗ୍ରାମ ଆରମ୍ଭ କରିଥିଲା। ଆଇପିଏଲ୍ ଏବେ ଦେଶର ସର୍ବବୃହତ୍ କ୍ରୀଡ଼ା ଇଭେଣ୍ଟ ରୂପେ ମାନ୍ୟତା ହାସଲ କରିଛି ଓ ଏହାର ପ୍ରଶଂସକ ଯଥେଷ୍ଟ ସଂଖ୍ୟାରେ ରହିଛନ୍ତି ବୋଲି ଡ୍ରିମ୍-୧୧ର ମାର୍କେଟିଂ ଅଫିସର ବିକ୍ରାନ୍ତ ମୁଦାଲୟର କହିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ